


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

◆VOLUME- 43 ◆ISSUE-42 ◆TUESDAY ◆5 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୪୨ ◆ମଙ୍ଗଳବାର ◆୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଓଭାଲରେ ରୋମାଞ୍ଚକ ଲଢ଼େଇ

■ **ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି):** ଇଂଲଣ୍ଡକୁ ୬ ରନ୍‌ରେ ହରାଇ ଭାରତ ଲଣ୍ଡନର କେନିଂଟନ ଓଭାଲରେ ସୋମବାର ଶେଷ ହୋଇଥିବା ରୋମାଞ୍ଚଭରା ୫ମ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୨-୨ରେ ବରାବର ରହିଛି। ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍‌ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି।

## ଶେଷ ଟେଷ୍ଟ ଜିତି ସିରିଜ୍ ବରାବର କଲା ଭାରତ

**ସିରାଜ ପ୍ଲେୟାର ଅଫ୍ ଦି ମ୍ୟାଚ୍**

**ଗିଲ୍ ଓ ରୁଟ୍ ପ୍ଲେୟାର୍ ଅଫ୍ ଦି ସିରିଜ୍**

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା। ଶେଷଥର ଲାଗି ଇଂଲଣ୍ଡ ୨୦୧୮ ଘରୋଇ ଟେଷ୍ଟ ସିରିଜ୍‌ରେ ଭାରତକୁ ହରାଇଥିଲା। ଏହି ଟେଷ୍ଟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲାବେଳେ ଭାରତ ଘରୋଇ ଦଳକୁ ଏହି ଟେଷ୍ଟ ଜିତିବା ଲାଗି ୩୭୪ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ହ୍ୟାରୀ ବ୍ରୁକ୍ ଓ ଜୋ ରୁଟ୍ ୧୯୫ ରନ୍‌ର ପାର୍ଟନରସିପ୍ ବଳରେ ଦଳକୁ ବିଜୟର ନିକଟବର୍ତ୍ତୀ କରାଇଥିଲେ। କିନ୍ତୁ ଏମାନଙ୍କ ଆଉଟ ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୬୭ ରନ୍ କରି ଅଲଆଉଟ ହେବା ଫଳରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚଭରା ▶ପୃଷ୍ଠା-୭

# ପୁଣି ତେଜିଲା 'ବେଞ୍ଚ' ରାଜନୀତି

■ **ଭୁବନେଶ୍ୱର, ୪।୮ (ସମିସ):** ମହାରାଷ୍ଟ୍ରର କୋହ୍ଲାପୁରଠାରେ ଆଉ ଏକ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧୮ ତାରିଖରୁ ଏହି ନୂଆ ବେଞ୍ଚ କାର୍ଯ୍ୟକ୍ଷମ ହେବ। ଏହାକୁ ମିଶାଇ ମହାରାଷ୍ଟ୍ରରେ ହାଇକୋର୍ଟର ବେଞ୍ଚ ସଂଖ୍ୟା ୪ରେ ପହଞ୍ଚିବ। ମହାରାଷ୍ଟ୍ରରେ ନୂଆ ବେଞ୍ଚ ପ୍ରତିଷ୍ଠାକୁ କେନ୍ଦ୍ର ଅନୁମତି ପରେ ପଶ୍ଚିମ ଓଡ଼ିଶାରେ ପୁଣିଥରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜନୀତି ଜୋର୍ ଧରିଛି। ଯଦି ମହାରାଷ୍ଟ୍ରରେ ନୂଆ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁମତି ଦିଆଗଲା, ତେବେ ଓଡ଼ିଶାରେ ଆଉ ଗୋଟାଏ ବେଞ୍ଚ ସ୍ଥାପନ ପାଇଁ କାହିଁକି ସରକାର ନିରବ ରହିଛନ୍ତି ବୋଲି ପଶ୍ଚିମଓଡ଼ିଶାର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ମହାରାଷ୍ଟ୍ରରେ ଆଉ ଏକ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରର ଅନୁମତି**

**ଓକିଲଙ୍କ କୋର୍ଟକୁ ବଲ୍ ଗଡ଼ାଇଦେଲେ ରାଜସ୍ୱ ମନ୍ତ୍ରୀ**

**ସରକାରଙ୍କ ଆଭିମୁଖ୍ୟ ଦୁର୍ଭାଗ୍ୟଜନକ: ବିଜେଡି**

**ଜିଲ୍ଲା ମଧ୍ୟରେ ଲଢ଼େଇ ଲଗାଉଛନ୍ତି ସରକାର: କଂଗ୍ରେସ**



**ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ୨ ଥର ଚିଠି ଲେଖିଥିଲେ ନବୀନ**

ରାଜ୍ୟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। 'ବେଞ୍ଚ' ଦାବିରେ ପଶ୍ଚିମ ଓଡ଼ିଶାରେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଆନ୍ଦୋଳନ ମଧ୍ୟ ହୋଇଛି। କିନ୍ତୁ ଡିଜିଟାଲ ଯୁଗରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନ ଥିବା ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ଆଧାରରେ ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଛି। ତେବେ ଗତ ନିର୍ବାଚନ ବେଳେ ରାଜ୍ୟରେ କ୍ଷମତାକୁ ଆସିଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ଏବେ ମହାରାଷ୍ଟ୍ରରେ ନୂଆ ବେଞ୍ଚ ସ୍ଥାପନ ପାଇଁ କେନ୍ଦ୍ରୀୟ ଅନୁମତି ମିଳିବା ପରେ ପଶ୍ଚିମ ଓଡ଼ିଶାରେ ଏହି ଦାବି ଜୋର୍ ଧରିଛି। ଗତକାଲି ବଲାଙ୍ଗୀର ଓକିଲ ସଂଘ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଉଠାଇଥିବାବେଳେ ଆଜି ସମ୍ବଲପୁରରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ହୋଇଛି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ବହୁ ପୁରୁଣା। ଦୀର୍ଘ ଦିନ ଧରି ସ୍ଥାନୀୟ ସାମାଜିକ ସଙ୍ଗଠନ, ଆଇନଜୀବୀ ଏହି ଦାବିକୁ ଦୋହରାଇ ଆସୁଛନ୍ତି। ପ୍ରତି ମାସର ଶେଷ ସପ୍ତାହରେ ଅଦାଲତ ବନ୍ଦ କରି ବେଞ୍ଚ ସ୍ଥାପନ ପାଇଁ ମଧ୍ୟ ଏକ ସମୟରେ ଦାବି କରାଯାଉଥିଲା। ସ୍ଥାନୀୟ ଜନସାଧାରଣ ଓ ଆଇନଜୀବୀଙ୍କ ଦାବିକୁ ଦୃଷ୍ଟିରେ ରଖି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ସେପ୍ଟେମ୍ବର ୫ ଓ ୨୦୧୯ ଜାନୁଆରୀ ୧୧ ତାରିଖରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ପଶ୍ଚିମ ଓଡ଼ିଶାରେ ବେଞ୍ଚ ସ୍ଥାପନ ପାଇଁ ଅନୁରୋଧ କରିଥିଲେ।

ବିଜେଡି ସାଂସଦମାନେ ଅତୀତରେ ଲୋକସଭା ଓ ରାଜ୍ୟସଭାରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ସହ ସରକାରଙ୍କ ଉତ୍ତର ଲୋଡିଥିଲେ। ମାତ୍ର ଏଯାଏ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଏବେ ରାଜ୍ୟରେ ବେଞ୍ଚ ଦାବି ପୁଣି ଜୋର ଧରିବା ଆରମ୍ଭ କରିଥିବାବେଳେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାପ ମରିବନି କି ବାଡ଼ି ଭାଙ୍ଗିବନି ପରି ରକ୍ଷଣାତ୍ମକ ମନ୍ତବ୍ୟ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ସ୍ଥାୟୀ ବେଞ୍ଚ ଗଠନ ପାଇଁ ବିଭିନ୍ନ ରାଜ୍ୟରେ ଦାବି ହେଉଛି। ଏହା ସପକ୍ଷରେ ଆମେ କାଲି ଥିଲୁ; ଆଜି ମଧ୍ୟ ରହିଛୁ। ଓଡ଼ିଶାରେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳରେ ଏହି ବେଞ୍ଚ ପ୍ରତିଷ୍ଠା ପାଇଁ ମଧ୍ୟ ବଡ଼ ଆନ୍ଦୋଳନ ହୋଇଛି। ମାତ୍ର ଏଥିରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ରାଜ୍ୟପାଳଙ୍କ ମତାମତର ବଡ଼ ଭୂମିକା ରହିଛି। ଯଦି ବେଞ୍ଚ ପ୍ରତିଷ୍ଠା ପାଇଁ ଏକ ସାମଗ୍ରିକ ପ୍ରସ୍ତାବ ଯାଆନ୍ତା, ତାହେଲେ କେନ୍ଦ୍ର ସରକାର ତାହାକୁ ବିଚାର କରନ୍ତେ। ମାତ୍ର ଏଯାଏଁ କେବେବି ଏକ ସାମଗ୍ରିକ ପ୍ରସ୍ତାବ ଯାଇନାହିଁ। ଯେଉଁ ଓକିଲ ସଂଘ ଅଛନ୍ତି, ସେମାନେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା କଥା ନ କହି ସହମତି ଭିତ୍ତିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ କଥା ଉଲ୍ଲେଖ କରନ୍ତେ, ତାହେଲେ ବେଞ୍ଚ ପ୍ରତିଷ୍ଠା ଆହୁରି ସୁବିଧା ହୁଅନ୍ତା। ମୁଁ ଏନେଇ ଉଭୟ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଓକିଲଙ୍କ ସହ ସମ୍ପର୍କରେ ଅଛି। କେଉଁଠାରେ ବେଞ୍ଚ ପ୍ରତିଷ୍ଠା ହେବ ସେନେଇ ଥରେ ସେମାନଙ୍କ ମଧ୍ୟରେ ସହମତି ଆସିଗଲେ, ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

**ମହିଳା କର୍ମଚାରୀଙ୍କ ପାଇଁ ନୂଆ ମାର୍ଗଦର୍ଶିକା**

# ସ୍ୱ-ଘୋଷଣାନାମା ଦେଇ କରିପାରିବେ ରାତି ଡ୍ୟୁଟି

■ **ଭୁବନେଶ୍ୱର, ୪।୮ (ସମିସ):** ଏଣିକି ରାଜ୍ୟରେ ମହିଳାମାନେ ରାତିରେ ନିଜ କାର୍ଯ୍ୟସ୍ଥଳରେ କାମ କରିବା ପାଇଁ 'ସ୍ୱ-ଘୋଷଣାନାମା' ଦେବେ। ରାତି ସିଫ୍ଟରେ କାମ କରିବାରେ ସେମାନଙ୍କୁ କେହି ବାରଣ କରିବେ ନାହିଁ; ମାତ୍ର ଏଥିପାଇଁ ସେମାନଙ୍କୁ ଘୋଷଣାନାମା ଦେବାକୁ ପଡ଼ିବ। ରାଜ୍ୟ ଶ୍ରମ ବିଭାଗ ଜାରି ହୋଇଥିବା ଏହି ମାର୍ଗଦର୍ଶିକାକୁ ନେଇ ଏବେ ସୃଷ୍ଟି ହୋଇଛି ବିବାଦ। ମହିଳାମାନଙ୍କୁ ସୁରକ୍ଷା ଦେବାରେ ସରକାର ଅସମର୍ଥ ହୋଇଛନ୍ତି ଓ ଏଥିପାଇଁ ସେମାନଙ୍କଠାରୁ ସ୍ୱ-ଘୋଷଣାନାମା ନେବା ବ୍ୟବସ୍ଥା କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ପୂର୍ବରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସନ୍ଧ୍ୟା ପରେ ମହିଳାମାନଙ୍କୁ କ୍ୟାମ୍ପସ ମନା ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯଦିଓ ତାହାକୁ ପରେ ପ୍ରତ୍ୟାହାର କରାଯାଇଛି। ଏବେ ପୁଣି ନିଜ କାର୍ଯ୍ୟସ୍ଥଳରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ସରକାର ନିଜେ ସ୍ୱୀକାର କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।



**ପୁରୁଷ ଓ ମହିଳାଙ୍କ ମଧ୍ୟରେ ତାରତମ୍ୟ କମିବ: ଶ୍ରମ ମନ୍ତ୍ରୀ**

**ଘୋଷଣାନାମାର ଅର୍ଥ ମହିଳା ନିଜ ସୁରକ୍ଷା ନିଜେ କରିବେ: ପ୍ରମିଳା**

ଶ୍ରମ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାତି ସିଫ୍ଟରେ କାମ କରିବା ପାଇଁ ମହିଳା କର୍ମଚାରୀଙ୍କ ଲିଖିତ ସମ୍ମତି ନେବା ବାଧ୍ୟତାମୂଳକ। ଏହାସହିତ ଗୋଟିଏ ସିଫ୍ଟରେ ଅତି କମରେ ତିନିଜଣ ମହିଳା କର୍ମଚାରୀ ରହିବା ଦରକାର। ଏହାସହିତ ମହିଳାମାନଙ୍କୁ ସେମାନଙ୍କ ବାସସ୍ଥାନ ନିକଟରୁ ଆଣିବା ଓ ଛାଡ଼ିବା ପାଇଁ ଜିପିଏସ ଟ୍ରାକିଂ ସିଷ୍ଟମ୍ ସହିତ ସୁରକ୍ଷିତ ପରିବହନ ସୁବିଧା ▶ପୃଷ୍ଠା-୭

# ପରଲୋକରେ ଦିଶୋମ୍ ଗୁରୁଜୀ

■ **ନୂଆଦିଲ୍ଲୀ, ୪।୮ (ଏଜେନ୍ସି):** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟସଭା ସାଂସଦ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ପ୍ରତିଷ୍ଠାତା ଶିବୁ ସୋରେନଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ବ୍ରେନ ଷ୍ଟ୍ରୋକ୍ ହେବା ପରେ ତାଙ୍କ ଶରୀରର ବାମ ପାର୍ଶ୍ୱ କାମ କରୁ ନ ଥିଲା। ସେ ଗତ ମାସେ ହେଲା ସେ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ 'ଲାଇଫ ସପୋର୍ଟ ସିଷ୍ଟମ'ରେ ଥିଲେ। ସ୍ନାୟୁ ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗ ବିଶେଷଜ୍ଞଙ୍କ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିଲେ। ତେବେ ଆଜି ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପୂର୍ବରୁ ସୋରେନ ବୃକକ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ମଧୁମେହ ମଧ୍ୟ ଥିଲା। ତାଙ୍କ ହୃତ୍‌ପିଣ୍ଡର ବାଇପାସ୍ ସର୍ଜରୀ ମଧ୍ୟ କରାଯାଇଥିଲା।



**ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**

**ନବୀନଙ୍କ ଶୋକ**

ସୋରେନଙ୍କ ପାର୍ଥିବ ଶରୀର ଦିଲ୍ଲୀରୁ ରାଞ୍ଚି ନିଆଯାଇଛି। ରାମଗଡ଼ ନେମରା ଗ୍ରାମରେ ଆସନ୍ତାକାଲି ତାଙ୍କ ଅନ୍ତିମ ସଂସ୍କାର ହେବ। ସୋରେନଙ୍କ ମୃତ୍ୟୁକୁ ନେଇ ଝାଡ଼ଖଣ୍ଡରେ ତିନି ଦିନିଆ ଶୋକ ଘୋଷଣା କରାଯାଇଛି।

ତାଙ୍କ ପରଲୋକ ଖବର ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହସ୍ପିଟାଲରେ ପହଞ୍ଚି ▶ପୃଷ୍ଠା-୭

**ସୌମ୍ୟାଶ୍ରୀ ଆତ୍ମଦାହ**

# ନିଜ ଖାତରେ ପଡ଼ିଲା ବିଜେପି ଛାତ୍ର ସଂଗଠନ

■ **ଭୁବନେଶ୍ୱର, ୪।୮ (ସମିସ):** ବହୁ ଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ବାନ୍ଧିଛି କ୍ରାଇମ୍‌ବ୍ରାଞ୍ଚ। ଷଡ଼ଯନ୍ତ୍ର ଅଭିଯୋଗରେ ଏବିଭିପି ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଛାତ୍ର ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ ଗିରଫ ହୋଇଛନ୍ତି। ସେମାନଙ୍କ ଗିରଫଦାରୀ ଛାତ୍ରୀ ମୃତ୍ୟୁ ଘଟଣାରେ ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ପଦାରେ ପକାଇ ଦେଇଛି। ଫଳରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିବାକୁ ପ୍ରୟାସ କରୁଥିବା ଏହି ଛାତ୍ର ସଂଗଠନ ପାଇଁ ଶକ୍ତ ଧକ୍କା ଲାଗିଛି। ଛାତ୍ରୀଙ୍କ ଜୀବନକୁ ବାଜି ଲଗାଇ ନିର୍ବାଚନ ପାଇଁ ସଜବାଜ ହେଉଥିବା ଏବିଭିପି ନିଜେ ଖୋଳିଥିବା ଗାତରେ ପଡ଼ିଥିବା ଚର୍ଚ୍ଚା ଜୋର ଧରିଛି। ଏହାସହ ଛାତ୍ର ସଂସଦ ନିର୍ବାଚନର ଭାଗ୍ୟ ଅନ୍ଧାରକୁ ଠେଲି ହୋଇଯାଇଛି।

**ଘଟଣା ପଛରେ ପୁଲିସର ଷଡ଼ଯନ୍ତ୍ର: ଏବିଭିପି**

**ଆଶା-ଆଶଙ୍କାରେ ଛାତ୍ର ସଂସଦ ନିର୍ବାଚନ**

ଏବିଭିପିର ଦୁଇ କାର୍ଯ୍ୟକର୍ତ୍ତା ଗିରଫ ହେବା ପରେ ଓଡ଼ିଶା ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଉପରେ ଖପ୍ପା ହୋଇଛି ସଂଗଠନ। ଦଳୀୟ ମନୋଭାବ ନେଇ କାର୍ଯ୍ୟ କରିବା ସହ ରାଜନୈତିକ ଗଡ଼ଫାଦରଙ୍କୁ ବଞ୍ଚାଇବାକୁ ପୁଲିସ ପ୍ରୟାସ କରୁଥିବା ଏବିଭିପି ଅଭିଯୋଗ ଆଣିଛି। ଏପରିକି ଘଟଣାରେ ସରକାର ଓ ପ୍ରଶାସନକୁ ଘଟଣା ପାଇଁ ସିଧାସଳଖ ଦାୟୀ କରିଛି। ଗିରଫଦାରୀକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ହେଲେ ପୁଲିସକୁ ବ୍ୟବହାର କରି କେଉଁ ରାଜନୈତିକ ଦଳ ଏହି ଷଡ଼ଯନ୍ତ୍ରରେ ଲିପ୍ତ, ସେ ନେଇ ସ୍ପଷ୍ଟ କରିନାହିଁ। ପରୋକ୍ଷରେ ଏହା ଶାସକ ବିଜେପିକୁ ଏବିଭିପିର ନିଶାଣା ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ▶ପୃଷ୍ଠା-୭

## ଆତ୍ମଦାହ ପାଇଁ ପ୍ରବର୍ତ୍ତାଇଥିଲେ ଗିରଫ ଏବିଭିପି ନେତା

■ **ବାଲେଶ୍ୱର, ୪।୮ (ସମିସ):** ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଗତରାତିରେ କ୍ରାଇମବ୍ରାଞ୍ଚ ୨ ଛାତ୍ରଙ୍କୁ ଗିରଫ କରିବା ପରେ ଘଟଣାରେ ନୂଆ ମୋଡ଼ ଆସିଛି। ଗିରଫଦ୍ୱୟ ହେଲେ, ସୌମ୍ୟାଶ୍ରୀଙ୍କୁ ଆତ୍ମଦାହ ବେଳେ ରକ୍ଷା କରିଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଅନ୍ୟ ଜଣେ ପୂର୍ବତନ ଛାତ୍ର ଶୁଭ୍ରସମ୍ବିତ ନାୟକ। ଦୁହେଁ ଏବିଭିପି ସଂଗଠନ ସହ ଜଡ଼ିତ। ସେମାନଙ୍କ ମଧ୍ୟରୁ ଶୁଭ୍ରସମ୍ବିତ ଏବିଭିପିର ରାଜ୍ୟ ଯୁଗ୍ମ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହିଛନ୍ତି। କ୍ରାଇମବ୍ରାଞ୍ଚ ଦୁହିଁଙ୍କୁ ଗତରାତିରେ ବାଲେଶ୍ୱର ଏସ୍‌ଡିଜେଏମ୍ ▶ପୃଷ୍ଠା-୭

**କୋର୍ଟରେ ନୂଆ ପ୍ରମାଣ ଦାଖଲ କଲା କ୍ରାଇମବ୍ରାଞ୍ଚ**

**ଲାବ୍ ଟେଷ୍ଟିଂ ପାଇଁ ମାଗିଲା ଅନୁମତି**

**ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ**

# ହାତବାନ୍ଧି ବସିଛି ଗଣଶିକ୍ଷା ବିଭାଗ

■ **ଭୁବନେଶ୍ୱର, ୪।୮ (ସମିସ):** ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ମୋଟ୍ ୮ ଜଣଙ୍କୁ ବାନ୍ଧିଲାଣି କ୍ରାଇମ୍‌ବ୍ରାଞ୍ଚ। ଅଧିକ କର୍ମଚାରୀଙ୍କୁ ପଚରାଉଚୁରା ଜାରି ରହିଛି। ଘଟଣାରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ବୋର୍ଡ ଉପ-ସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହା ପୂର୍ବରୁ ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା, କଳାହାଣ୍ଡି ଜିଲ୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ, ରାଜ୍ୟ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର, କୋରାପୁଟ ଜିଲ୍ଲା ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ସଭାପତି ସନାତନ ବିଶୋୟୀ, ମଧ୍ୟସ୍ଥ ରାମଜୀ ପ୍ରସାଦ ଗୁପ୍ତା, ଗଞ୍ଜାମର ଅଜୟ କୁମାର ସାହୁ ଏବଂ ବାଲେଶ୍ୱରର ଜୟନ୍ତ କୁମାର ରାଉତ ପ୍ରମୁଖଙ୍କୁ ବି ଗିରଫ କରାଯାଇଛି। ମାତ୍ର ଗିରଫ ହୋଇଥିବା ଅଧିକାରୀ ଓ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ ବା ପ୍ରଶାସନିକ ▶ପୃଷ୍ଠା-୭

BOARD OF SECONDARY EDUCATION ORISSA
OTET

**ଉପସଭାପତିଙ୍କ ଆର୍ଥିକ କାରବାର ଖୋଳତାଡ଼**

## ୩ ବ୍ୟାଙ୍କକୁ ଚିଠି ଲେଖିଲା କ୍ରାଇମବ୍ରାଞ୍ଚ

■ **ଭୁବନେଶ୍ୱର, ୪।୮ (ସମିସ):** ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ଗିରଫ ହୋଇଥିବା ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କ ଆର୍ଥିକ କାରବାର ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। ନିହାରଙ୍କ ଅର୍ଥ କାରବାର ତଥ୍ୟ ଦେବାକୁ କ୍ରାଇମବ୍ରାଞ୍ଚ ୩ଟି ବ୍ୟାଙ୍କକୁ ଚିଠି ଲେଖିଛି। ନିହାରଙ୍କ ପରିବାର ଲୋକଙ୍କ ବ୍ୟାଙ୍କ ଖାତା ମଧ୍ୟ ଯାଞ୍ଚ ହେବ। ପ୍ରଶ୍ନପତ୍ର ବିକ୍ରିରେ ବଡ଼ଧରଣର ଅର୍ଥ କାରବାର ସନ୍ଦେହରେ କ୍ରାଇମବ୍ରାଞ୍ଚ ଏହି ପଦକ୍ଷେପ ନେଇଛି।

## ସନ୍ଦେହଘେରରେ ସଭାପତିଙ୍କ ଭୂମିକା

■ **ଭୁବନେଶ୍ୱର, ୪।୮ (ସମିସ):** ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଉପ-ସଭାପତିଙ୍କ ସମେତ ୮ଜଣ ଗିରଫ ହୋଇଛନ୍ତି। ଏହି ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଭେଟିଛନ୍ତି। ଲୋକସେବା ଭବନରେ ସୋମବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଆଲୋଚନା କରିଛନ୍ତି। କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ଜଣା ପଡ଼ି ନ ଥିଲେ ହେଁ ବୋର୍ଡ ସଭାପତିଙ୍କ ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବୋର୍ଡର ସମସ୍ତ ଗୋପନୀୟ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଦାୟିତ୍ୱ ବଣ୍ଟନ ସଭାପତିଙ୍କ କ୍ଷମତା ପରିସରଭୁକ୍ତ। ସାଧାରଣତଃ ସମ୍ପାଦକ କିମ୍ବା ପରୀକ୍ଷା ନିୟନ୍ତ୍ରକ ପରୀକ୍ଷା ପରିଚାଳନା କରିଥାନ୍ତି। ହେଲେ ▶ପୃଷ୍ଠା-୭

**ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରାଗିଂ**

# ୬ ଛାତ୍ରୀଙ୍କୁ ହଷ୍ଟେଲ ପଦବୀରୁ ଅପସାରଣ

■ **ସମ୍ବଲପୁର, ୪।୮ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କୁ ରାଗିଂ। ଉପରେ ବାସନ ଧୁଆ ପାଣି ପଡ଼ିଯିବାରୁ ବ୍ରାହ୍ମଣୀ ହଷ୍ଟେଲର ସମସ୍ତ ଜୁନିଅର୍ ଛାତ୍ରୀଙ୍କୁ ରାତିରେ ପାଖାପାଖି ଦେଢ଼ଘଣ୍ଟା ଧରି ରାଗିଂ କରାଯିବା ଭଳି ଘଟଣା ଏବେ ପଦାକୁ ଆସିଛି। ଏନେଇ ଅଭିଯୋଗ ହେବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଜି ଆଣ୍ଟି ରାଗିଂ ସେଲ୍ ବୈଠକରେ ୬ ସିନିୟର୍ ଛାତ୍ରୀଙ୍କୁ ତାଗିଦ୍ କରାଯିବା ସହ ନୋଟିସ୍ କରାଯାଇଛି। ଆଗକୁ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ, ସେନେଇ ଛାତ୍ରୀମାନେ କହିବା ସହ କ୍ଷମା ପ୍ରାର୍ଥନା କରିଛନ୍ତି। ଏହାସହ ହଷ୍ଟେଲର ଥିବା ପଦବୀରୁ ସେମାନଙ୍କୁ ଅପସରଣ କରି ନିଆଯାଇଛି। ଏନେଇ କୁଳପତି ଆଜି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

ସୂଚନାନୁଯାୟୀ, କିଛି ଦିନ ତଳେ ହଷ୍ଟେଲର ଜଣେ ଜୁନିୟର୍ ଛାତ୍ରୀ ବାସନ ଧୋଇବା ବେଳେ ଜଣେ ସିନିୟର୍ ଛାତ୍ରୀଙ୍କ ଉପରେ ଭୁଲବଶତଃ ପାଣି ପଡ଼ିଯାଇଥିଲା। ଏଥିରେ ଛାତ୍ରୀଜଣଙ୍କ ରାଗି ଯାଇ ଜୁନିଅର୍ ଛାତ୍ରୀଙ୍କ ମୁହଁରେ ସାବୁନ ▶ପୃଷ୍ଠା-୭



**ବାସନ ଧୁଆ ପାଣି ପଡ଼ିଯିବାରୁ ରାଗିଂ**

**ସରକାରଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ରିପୋର୍ଟ**

ସକାଳ THE SAKALA
www.sakalaepaper.com

### ଚଳନ୍ତା ବସ୍‌ରେ ହୃଦ୍‌ଘାତ୍‌ରେ ମହିଳା ମୃତ

## ଦେହରେ ଲାଗିଥିଲା ୨୬ ଆଇ ଫୋନ୍



ସାଓପାଓଲୋ, ୪।୮ (ଏଜେନ୍ସି): ବ୍ରାଜିଲ ପରାନାର ଗୁଆରାପୁଆଭା ସହରରୁ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ବସ୍‌ରେ ଯାତ୍ରା କରୁଥିବା ଜଣେ ୨୦ ବର୍ଷୀୟା ମହିଳା ଅଚାନକ ଚେତା ହରାଇବାର କିଛି ସମୟ ପରେ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ଏହାପରେ ଯାହା ହୋଇଥିଲା ତାହା ଅତ୍ୟନ୍ତ ରହସ୍ୟମୟ ଥିଲା। ମୃତ୍ୟୁ ପରେ ମହିଳାଙ୍କ ଶରୀର ଯାଞ୍ଚ କରାଯାଇଥିଲା ଓ ତାଙ୍କ ଶରୀରରେ ୨୬ଟି ଆଇ ଫୋନ୍ ଲାଗିଥିବାର ଦେଖି ଅଧିକାରୀ ମାନେ ଚକିତ ହୋଇଥିଲେ। ଜୁଲାଇ ୨୯ରେ ଏହି ଘଟଣା ଘଟିଥିଲା। ସେ ଏହି ଆଇ ଫୋନ୍‌ଗୁଡିକୁ କେତୋଟି ପ୍ୟାକେଟ୍‌ରେ ଟେପ୍ ଜରିଆରେ ଶରୀରରେ ଲଗାଇ ରଖିଥିଲେ। ପ୍ୟାକେଟଗୁଡିକୁ ଖୋଲିବା ପରେ ଆଇ ଫୋନ୍‌ଗୁଡିକୁ ଦେଖିବାକୁ ମିଳିଥିଲା। ଶରୀରର ଭିନ୍ନ ଭିନ୍ନ ଭାଗରେ ଆଇ ଫୋନ୍‌ଗୁଡିକ ଲାଗି ରହିଥିଲା। ପୁଣି ଏହି ମହିଳାଙ୍କ ବ୍ୟାଗରେ ଥିବା କେତୋଟି ମଦ ବୋତଲ ଜବତ କରାଯାଇଛି। ଏହି ମହିଳାଙ୍କ ପରିଚୟ ମିଳିପାରିନାହିଁ। ସେ ଏହି ଆଇ ଫୋନଗୁଡିକର ଚୋରା ଚାଲାଣ କରୁଥିଲେ ବୋଲି ପୁଲିସ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

## ୟୁକ୍ରେନ ସେନାରେ ମହିଳାଙ୍କ ସଂଖ୍ୟା ଦ୍ୱିଗୁଣିତ

କିଭ୍, ୪।୮ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଜାରି ରହିଥିବା ବେଳେ ୟୁକ୍ରେନ ସେନାରେ ମହିଳାଙ୍କ ଭାଗିଦାରୀ ଦ୍ରୁତଗତିରେ ବଢ଼ିଛି। ଗତ ସାଢ଼େ ୩ବର୍ଷରେ ସେନାରେ ମହିଳାଙ୍କ ସଂଖ୍ୟା ବୃଦ୍ଧିପାଇ ଏକ ଲକ୍ଷରେ ପହଞ୍ଚିଛି। ଯୁଦ୍ଧ ଆରମ୍ଭ ହେବା ପରେ ମହିଳାମାନେ ନିଜେ ସେନାରେ ଯୋଗ ଦେବାକୁ ଆଗେଇ ଆସିଛନ୍ତି। ରୁଷ୍ ବିପକ୍ଷ ଯୁଦ୍ଧରେ ଏବେ ୫ ହଜାର ମହିଳା ସମ୍ମୁଖରେ ଲଢ଼େଇ ଜାରି ରଖିଛନ୍ତି ବୋଲି ୟୁକ୍ରେନ ସେନାବାହିନୀ ତରଫରୁ କୁହାଯାଉଛି। ଏହି ମହିଳା ଯୋଦ୍ଧାମାନେ ଡ୍ରୋନ୍‌ଠାରୁ ଆରମ୍ଭ କରି ତୋପ ମଧ୍ୟ ସଞ୍ଚାଳନ କରୁଛନ୍ତି। ସେହିପରି ଏମାନେ ମେଡିକାଲ ସହାୟତା ଓ ଫ୍ରଣ୍ଟ ଲାଇନ୍ ଟ୍ରାନ୍ସପୋର୍ଟରେ ନିୟୋଜିତ ରହିଛନ୍ତି। ୨୦୨୨ରେ ରୁଷିଆର ଆକ୍ରମଣ ପୂର୍ବରୁ ୟୁକ୍ରେନ ସେନାରେ ୧୫ ପ୍ରତିଶତ ମହିଳା ଥିଲେ। ଏବେ ମହିଳାଙ୍କ ସଂଖ୍ୟା ଦୁଇଗୁଣା ଅର୍ଥାତ ୩୦ ପ୍ରତିଶତରେ ପହଞ୍ଚିଛି। ଯୁଦ୍ଧରେ ମହିଳାଙ୍କୁ ନୂଆ ଭୂମିକା ଦେବାକୁ ସେନା ପ୍ରସ୍ତୁତି କରୁଛି ବୋଲି କୁହାଯାଇଛି।

## ଦିଲ୍ଲୀରେ କଂଗ୍ରେସ ସାଂସଦଙ୍କ ସୁନା ଚେନ୍ ଲୁଟ୍



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଦିଲ୍ଲୀରେ କଂଗ୍ରେସ ସାଂସଦ ସୁଧା ରାମକ୍ରିଷ୍ଣନ୍‌ଙ୍କ ବେକରୁ ସୁନା ଚେନ୍ ଛଡାଇ ନେବାର ମାମଲା ସାମ୍ନାକୁ ଆସିଛି। ଏହି ଘଟଣା ସୋମବାର ସକାଳ ୬.୧୫ରୁ ୬.୨୦ ମଧ୍ୟରେ ତାମିଲନାଡୁ ଭବନ ନିକଟରେ ଘଟିଛି। ଚାଣକ୍ୟପୁରୀସ୍ଥିତ ପୋଲାଣ୍ଡ ଦୂତାବାସର ୩ ଓ ୪ ନଂ ଗେଟ୍ ସାମ୍ନାରେ ସୁଧା ଡିଏମ୍‌କେ ସାଂସଦ ରଜତୀଙ୍କ ସହ ପ୍ରାତଃଭ୍ରମଣ କରୁଥିବାବେଳେ ସ୍କୁଟିରେ ଆସି ଜଣେ ଲୁଟେରା ଏହି କାଣ୍ଡ ଘଟାଇଛି। ଲୁଟେରା ମୁହଁକୁ କପଡ଼ାରେ ଲୁଚାଇଥିଲା ଓ ହେଲମେଟ୍ ପିନ୍ଧିଥିଲା। ଚେନ୍ ଛଡାଇନେବା ବେଳେ ସାଂସଦଙ୍କ ଗଳାରେ ଆଘାତ ଲାଗିଛି। ଦିଲ୍ଲୀ ପୁଲିସ ମାମଲା ରୁଜୁ କରି ଏ ନେଇ ତଦନ୍ତ ଆରମ୍ଭ କରିଛି। ସୁଧା ଏ ନେଇ ପୁଲିସ୍, ବାଚସ୍ପତି, ଗୃହ ମନ୍ତ୍ରଣାଳୟକୁ ଲିଖିତି ଭାବେ ଅଭିଯୋଗ କରିଛନ୍ତି। ୩୨ ଗ୍ରାମ୍‌ର ଏକ ସୁନା ଚେନ୍ ମୋଠୁ ଛଡାଇ ନିଆଯାଇଛି ବୋଲି ସେ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖି ଜଣାଇଛନ୍ତି। ଦିଲ୍ଲୀରେ ମହିଳା ସୁରକ୍ଷିତ ନାହାନ୍ତି। ଏହି ଘଟଣା ମୋତେ ମାନସିକ ଭାବେ ଗଭୀର ଆଘାତ ଦେଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ୪୮ ବର୍ଷୀୟା ସୁଧା ତାମିଲନାଡୁର ମଇଲାଦୁଥୁରାୟୀ ନିର୍ବାଚନମଣ୍ଡଳୀରୁ କଂଗ୍ରେସର ସାଂସଦ ଅଛନ୍ତି। ଏବେ ସେ ସଂସଦର ମୌସୁମୀ ଅଧିବେଶନରେ ଯୋଗ ଦେବାକୁ ଦିଲ୍ଲୀରେ ରହିଛନ୍ତି। ଚାଣକ୍ୟପୁରୀ ଅଞ୍ଚଳରେ ତାଙ୍କଠାରୁ ଚେନ୍ ଛଡାଇ ନିଆଯାଇଥିଲା ଓ ଏହା ଦିଲ୍ଲୀର ସବୁଠାରୁ ସୁରକ୍ଷିତ ସ୍ଥାନ ଭାବେ ପରିଚିତ।

## ରୁଷ୍ ତୈଳ ଡିପୋରେ ଡ୍ରୋନ୍ ମାଡ଼

ମସ୍କୋ, ୪।୮ (ଏଜେନ୍ସି): ରୁଷର ତୈଳ ଡିପୋ ଉପରେ ୟୁକ୍ରେନ ରବିବାର ଡ୍ରୋନ୍ ମାଡ କରିଛି। ସୋଚିସ୍ଥିତ ଏହି ଡିପୋରେ ଭୀଷଣ ନିଆଁ ଲାଗିଛି। ରୁଷିଆର ଦକ୍ଷିଣ ପଶ୍ଚିମ ଭାଗରେ ଥିବା ସାଚିରେ ୨୦୧୪ ୱିଣ୍ଟର ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ରୁଷିଆର କ୍ରାନ୍ସୋଦାର ଅଞ୍ଚଳର ଗଭର୍ଣ୍ଣର ଭେନିଆମିନ୍ କୋଣ୍ଡ୍ରାତିଏଭ ଏକ ତେଲ ଟାଙ୍କିରେ ଡ୍ରୋନ ମାଡ୍ ହେବା ପରେ ନିଆଁ ବ୍ୟାପୀ ଯାଇଥିଲା ବୋଲି କହିଛନ୍ତି। ଏହି ନିଆଁ ଲାଗିଥିବାର ଭିଡିଓ କରି ଦୁଇ ଯୁବତୀ ଗିରଫ ହୋଇଛନ୍ତି।

## କରେଣ୍ଟ ଲାଗି ୫ କାଉଡ଼ିଆ ମୃତ

ଭାଗଲପୁର, ୪।୮ (ଏଜେନ୍ସି): ମଧ୍ୟପ୍ରଦେଶ ଭାଗଲପୁରର ସୁଲତାନଗଞ୍ଜ୍‌ରେ ରବିବାର ବିଳମ୍ବିତ ରାତିରେ କରେଣ୍ଟ ଲାଗି ୫ କାଉଡିଆ ମୃତ୍ୟୁବରଣ କରିଛନ୍ତି। ୪ ଜଣ ମଧ୍ୟ ଆହତ ହୋଇଛନ୍ତି। ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୯ କାଉଡିଆ ଗଙ୍ଗା ସ୍ନାନ କରିବାକୁ ସୁଲତାନଗଞ୍ଜ ଯାଉଥିଲେ। ସେଠାରୁ ଜଳ ଭରି ଜେଠୋର ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥାନ୍ତେ। କିନ୍ତୁ ବାଟରେ ଆସିବା ବେଳେ ଏକ ଅଟୋ ପିକ୍‌ଅପ୍ ଭ୍ୟାନକୁ ଅତିକ୍ରମ କରିବା ବେଳେ କରେଣ୍ଟ ଲାଗିଥିଲା। ଏଥିରୁ ରକ୍ଷା ପାଇବା ପାଇଁ ୩୦ ଫୁଟ ତଳେ ପାଣିକୁ ସମସ୍ତେ ଡେଇଁ ପଡ଼ିଥିଲେ। କିନ୍ତୁ ସେହିଗାଡି ସେମାନଙ୍କ ଉପରେ ପଡ଼ିବାରୁ ଏହି ଦୁଃଖଦ ଘଟଣା ଘଟିଥିଲା

## ସତ୍ୟେନ୍ଦ୍ର ଜୈନଙ୍କ ଦୁର୍ନୀତି ମାମଲା ବନ୍ଦ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ନେତା ସତ୍ୟେନ୍ଦ୍ର ଜୈନଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ତାଙ୍କ ବିରୋଧରେ ଚାଲିଥିବା ଦୁର୍ନୀତି ମାମଲାକୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ବନ୍ଦ କରିଦେଇଛନ୍ତି। ୪ ବର୍ଷର ଯାଞ୍ଚରେ ସିବିଆଇ ତାଙ୍କ ବିରୋଧରେ ଦୁର୍ନୀତିର କୌଣସି ପ୍ରମାଣ ଦେଇପାରି ନାହିଁ। ସେଥିପାଇଁ ବିଚାରପତି ବିନୟ ସିଂହ ସିବିଆଇର କ୍ଲୋଜର ରିପୋର୍ଟକୁ ସ୍ୱୀକାର କରିଛନ୍ତି। ଜୈନ ପିଡବ୍ଲୁଡି ମନ୍ତ୍ରୀ ଥିବା ସମୟରେ ନିୟମ ବିରୋଧରେ ଯାଇ ବିଭାଗରେ ନିଯୁକ୍ତି କରାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଦିଲ୍ଲୀ ସରକାରଙ୍କ ଭିଜିଲାନ୍ସ ବିଭାଗ ୨୦୧୯ ଜୁଲାଇ ୨୯ରେ ଏତଲା ରୁଜୁ କରିଥିଲା। ପରେ ସିବିଆଇ ମାମଲାର ଯାଞ୍ଚ କରିଥିଲା।

## ପରମାଣୁ ସମ୍ବନ୍ଧିତ ବୟାନ ଦେବାବେଳେ ଆମେରିକା ସତର୍କ ରହୁ: ରୁଷ୍

ମସ୍କୋ, ୪।୮ (ଏଜେନ୍ସି): ରୁଷ୍ ନିକଟରେ ଦୁଇଟି ପରମାଣୁ ଶକ୍ତି ସମ୍ପନ୍ନ ବୁଡ଼ାଜାହାଜ ମୁତୟନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ଥର ପାଇଁ ରୁଷ୍ ପକ୍ଷରୁ ଏହା ଉପରେ ଟିପ୍ପଣୀ ଦିଆଯାଇଛି। ପରମାଣୁ ସମ୍ବନ୍ଧିତ ବୟାନବାଜୀ କଲାବେଳେ ସମସ୍ତେ ସତର୍କ ରହିବା ଉଚିତ ବୋଲି କୁହାଯାଇଛି। କ୍ରେମଲିନ ପ୍ରବକ୍ତା ଦିମିତ୍ରି ପେସକୋଭ ଗତ ସପ୍ତାହରେ ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶକୁ ସେତେ ଗୁରୁତ୍ୱ ଦେଇ ନ ଥିଲେ। ଏବେ ସେ କହିଛନ୍ତି ଯେ ଆମେରିକା ବୁଡ଼ାଜାହାଜ ପୂର୍ବରୁ ଯୁଦ୍ଧ କାର୍ଯ୍ୟରେ ବାହାରିଛି ବୋଲି ସ୍ପଷ୍ଟ ହୋଇଛି। ଏହା ଏକ ନିୟମିତ ପ୍ରକ୍ରିୟା। କିନ୍ତୁ ଆମେ ଏଭଳି ବିବାଦୀୟ ମନ୍ତବ୍ୟରେ ସାମିଲ ହେବାକୁ ଚାହୁଁନାହୁଁ। କୌଣସି ମନ୍ତବ୍ୟ ଦେବାକୁ ଉଚିତ ମନେ କରୁନାହୁଁ।

## ଦିଲ୍ଲୀ ପୁଲିସକୁ ମମତାଙ୍କ ସମାଲୋଚନା

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଦିଲ୍ଲୀ ପୁଲିସ୍ ଜୁଲାଇ ୨୯ରେ ବଙ୍ଗ ଭବନକୁ ଲେଖିଥିବା ଏକ ସରକାରୀ ଚିଠିରେ ବଙ୍ଗଳା ଭାଷାକୁ ବାଂଲାଦେଶୀ ଭାଷା ବୋଲି ଉଲ୍ଲେଖ କରିଥିଲା। ଏହାକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି। ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଦିଲ୍ଲୀ ପୁଲିସ୍‌କୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଦିଲ୍ଲୀ ପୁଲିସ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ରହିଥିବାରୁ ଏହା ଗ୍ରହଣୀୟ ନୁହଁ ବୋଲି ସେ କହିଛନ୍ତି। ବଙ୍ଗଳା ଭାଷା ରବୀନ୍ଦ୍ରନାଥ ଟାଗୋର ଓ ସ୍ୱାମୀ ବିବେକାନନ୍ଦଙ୍କ ଭାଷା। ପୁଣି ଭାରତର ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଓ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ' ଯଥାକ୍ରମେ ରବୀନ୍ଦ୍ରନାଥ ଓ ବଙ୍କିମଚନ୍ଦ୍ର ଚାଟାର୍ଜୀ ବଙ୍ଗଳା ଭାଷାରେ ହିଁ ଲେଖିଛନ୍ତି। ତେଣୁ ଏହା ବଙ୍ଗଳା ଭାଷାର ଅପମାନ ବୋଲି ସେ କହିଛନ୍ତି।

## ଇତିହାସ ସୃଷ୍ଟି କଲା 'ମହାବତାର ନରସିହ୍ମା'

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ହୋମ୍ବାଲ ଫିଲ୍ମସର 'ମହାବତାର ନରସିହ୍ମା' ସୁପରହିଟ୍ ହୋଇଛି। ଏହା ସିନେମା ହଲ୍‌ରେ ହଇଚଇ ସୃଷ୍ଟି କରିଛି। ଅଶ୍ୱିନ କୁମାର ପ୍ରଥମଥର ପାଇଁ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ହିନ୍ଦୀ ଭାଷାରେ ଜୁଲାଇ ୨୫ରେ ମୁକ୍ତିଲାଭ କରିବାର ପ୍ରଥମ ୧୧ ଦିନ ମଧ୍ୟରେ ଏହି ସିନେମା ୧୦୦ କୋଟି ଟଙ୍କା ବ୍ୟବସାୟ କରିଛି। ପ୍ରଥମ ଦିନରେ ଏହା ୧.୭୫ କୋଟି ଓ ପ୍ରଥମ ସପ୍ତାହରେ ୪୪. ୭୫ କୋଟି ଟଙ୍କା ଆୟ କରିଥିଲା। ପ୍ରହ୍ଲାଦ, ତାଙ୍କ ଅସୁର ପିତା ହିରଣ୍ୟକାଶ୍ୟପ ଏବଂ ଭଗବାନ ବିଷ୍ଣୁଙ୍କ ପୌରାଣିକ କଥାବସ୍ତୁକୁ ନେଇ ଏହି ସିନେମା ନିର୍ମାଣ କରାଯାଇଛି। ପ୍ରଥମ ଆନିମେଟେଡ ଫିଲ୍ମ ଭାବେ ଏହା ପ୍ରଥମ ୧୧ ଦିନରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରି ଇତିହାସ ସୃଷ୍ଟି କରିଛି।

# ସଂସଦରେ ଥମୁନି ବିହାର ତାତି

### ଅପରେସନ ସିନ୍ଦୂର ପରେ ଅଚଳାବସ୍ଥା ଜାରି
### ହଟ୍ଟଗୋଳ ପରେ ଲୋକସଭା ମୁଲତବୀ
### ଜମ୍ମୁ-କଶ୍ମୀରିକୁ ମିଳିପାରେ ରାଜ୍ୟ ମାନ୍ୟତା

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ସଂସଦରେ ବିହାରକୁ ନେଇ ଆଜି ବି ଅଚଳାବସ୍ଥା ଜାରି ରହିଛି। ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ଉପରେ ଆଲୋଚନା ପାଇଁ ବିରୋଧୀ ଦଳର ସଭ୍ୟମାନେ ଜିଦ୍ ଧରିଥିବା ବେଳେ ସରକାର ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ନୁହନ୍ତି। ଫଳରେ ଗୃହକାର୍ଯ୍ୟ ଚାଲିପାରୁ ନାହିଁ। ସଂସଦର ଚଳିତ ଅଧିବେଶନର ଆଜି ଏକାଦଶ ଦିବସ ଥିବା ବେଳେ କେବଳ ଦୁଇ ଦିନ ଅପରେସନ ସିନ୍ଦୂର ଉପରେ ଆଲୋଚନା ହୋଇଥିଲା। ଅବଶିଷ୍ଟ ୯ ଦିନ ବିନା କୌଣସି କାର୍ଯ୍ୟରେ ଧୋଇ ହୋଇଯାଇଛି।

ଆଜି ଲୋକସଭା ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳମାନେ ବିହାର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା କରିବାକୁ ଦାବି କରି ହଟ୍ଟଗୋଳ କରିଥିଲେ। ଶୂନ୍ୟକାଳ ପରେ ଏହି ପ୍ରସଙ୍ଗ ଉଠାଇବା ଲାଗି ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଦୁଇଟା ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଦୁଇଟା ପରେ ମଧ୍ୟ ପରିସ୍ଥିତିରେ କିଛି ସୁଧାର ଆସି ନ ଥିଲା। ଏହି ସମୟରେ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ କହିଥିଲେ ଯେ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଚାହୁଁଛନ୍ତି, ଏଥିପାଇଁ ଶାନ୍ତ ରହିବାକୁ ସେ ପରାମର୍ଶ ଦେଇଥିଲେ। ଏହାସତ୍ତ୍ୱେ ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଗୃହରେ ବିରେଧୀଙ୍କର ଏଭଳି ଆଚରଣକୁ ସମାଲୋଚନା କରିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ। ସେ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ସରକାର ଆଲୋଚନା କରିବାକୁ ଚାହୁଁଛନ୍ତି। କିନ୍ତୁ ବିରୋଧୀମାନେ କରାଇ ଦେଉ ନାହାନ୍ତି। ସରକାର ବାଧ୍ୟ ହୋଇ ବିନା ଆଲୋଚନାରେ ଏହାକୁ ପାସ୍ କରାଇଦେବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସଭାରେ ଆଜି ଜେଏମଏମ୍ ନେତା ଶିବୁ ସୋରେନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଜମ୍ମୁ-କଶ୍ମୀରକୁ ପୁଣି ରାଜ୍ୟ ମାନ୍ୟତା ପ୍ରଦାନ କରିବା ଲାଗି ସରକାର ଗୁରୁତର ସହିତ ବିଚାର କରୁଛନ୍ତି। ଏସଂପର୍କରେ ଆସନ୍ତାକାଲି ସଂସଦରେ ବିଲ୍ ଆଗତ କରାଯାଇପାରେ ବୋଲି କୁହାଯାଉଛି। ଗତକାଲି ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଭେଟିବା ପରେ ଜାତୀୟ ଗଣମାଧ୍ୟମରେ ଏହାକୁ ନେଇ ଆଲୋଚନା ଚାଲିଛି। କେନ୍ଦ୍ର ସରକାର ଏସଂପର୍କରେ ଜମ୍ମୁ-କଶ୍ମୀର ନେତାମାନଙ୍କ ସହିତ ଆଲୋଚନା ଚଳାଇଛନ୍ତି।

ଆସନ୍ତାକାଲି କ୍ଷମତାସୀନ ଏନଡିଏ ସଂସଦୀୟ ଦଳର ବୈଠକ ମଧ୍ୟ ହେବାକୁ ଯାଉଛି। ଚଳିତ ସଂସଦ ଅଧିବେଶନ ଚାଲିଥିବା ବେଳେ ପ୍ରଥମ ଥର ଲାଗି ଏନ୍‌ଡିଏ ବୈଠକ ହେବ। ଏଥିରେ ସବୁ ଅଂଶୀଦାର ଦଳର ସାଂସଦ ଭାଗନେବେ ବୋଲି ଜଣାପଡ଼ିଛି।

### ପଞ୍ଜାବରେ ଜାଲ୍ ଏନ୍‌କାଉଣ୍ଟର

## ୩୨ ବର୍ଷ ପରେ ଅବସରପ୍ରାପ୍ତ ଏସ୍‌ଏସ୍‌ପି, ଡିଏସ୍‌ପି ସମେତ ୫ ଦୋଷୀ

ମୋହାଲି, ୪।୮ (ଏଜେନ୍ସି): ପଞ୍ଜାବରେ ଏକ ଜାଲ ଏନକାଉଣ୍ଟର ମାମଲାରେ ୩୨ ବର୍ଷ ପରେ ପୀଡିତଙ୍କୁ ନ୍ୟାୟ ମିଳିଛି। ୧୯୯୩ରେ ତରନତାରନଠାରେ ଏକ ଜାଲ ଏନକାଉଣ୍ଟର ମାମଲାରେ ସୋମବାର ସିବିଆଇର ସ୍ୱତନ୍ତ୍ର କୋର୍ଟ ଦଣ୍ଡ ଶୁଣାଇଛନ୍ତି। କୋର୍ଟ ଜଣେ ଅବସରପ୍ରାପ୍ତ ଏସ୍‌ଏସ୍‌ପି ଭୂପେନ୍ଦ୍ରଜିତ ସିଂହ, ଡିଏସ୍‌ପି ଦବିନ୍ଦର ସିଂହ, ଇନ୍ସପେକ୍ଟର ସୁବା ସିଂହ, ଏଏସଆଇ ଗୁଲବର୍ଗ ସିଂହ ଓ ଏଏସ୍‌ଆଇ ରଘୁବୀର ସିଂହଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଅଧିକାରୀମାନଙ୍କ ୭ ଜଣଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଭାରତୀୟ ନ୍ୟାୟ ସଂହିତା ଧାରା ୩୦୨ ଓ ୧୨୦-ବି ଅନୁସାରେ ମକଦ୍ଦମା ଚାଲିଥିଲା। ପ୍ରଥମେ ଏହି ମାମଲାରେ ୧୦ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। କିନ୍ତୁ କେସ୍ ଚାଲିଥିବା ବେଳେ ୫ ଜଣ ଅଭିଯୁକ୍ତ ମୃତ୍ୟୁବରଣ କରିଥିଲେ। ୧୯୯୩ରେ ୭ ଜଣ ଲୋକଙ୍କୁ ଭିନ୍ନ ଭିନ୍ନ ଏନକାଉଣ୍ଟରରେ ମୃତ ବୋଲି ଦର୍ଶାଯାଇଥିଲା। ଏହି ୭ ଜଣଙ୍କୁ ଘରୁ ଉଠାଇ କେତେଦିନ ପର୍ଯ୍ୟନ୍ତ ଅବୈଧ ଭାବେ ଅଟକ ରଖି ସେମାନଙ୍କ ଉପରେ ଅତ୍ୟାଚାର କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଆଦେଶରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ୭ ଜଣ ମୃତକଙ୍କ ପରିଚୟ ଥିବା ବେଳେ ଅବୈଧ ଭାବେ ସେମାନଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏନ୍‌କାଉଣ୍ଟର ପୂର୍ବରୁ ସେମାନଙ୍କୁ ଅତି ନିର୍ମମ ଭାବେ ମାଡ ମରାଯାଇଥିବା ଶବ ବ୍ୟବଚ୍ଛେଦରୁ ଜଣାପଡ଼ିଥିଲା। ପାଖାପାଖି ୩ ଦଶନ୍ଧି ପରେ ନ୍ୟାୟ ମିଳିଥିବାରୁ ପୀଡ଼ିତଙ୍କ ପରିବାର ସଦସ୍ୟ ଖୁସି ଜାହିର କରିଛନ୍ତି।

### ରାହୁଲ ଗାନ୍ଧୀଙ୍କୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ


## ଚୀନ୍ ୨ ହଜାର କିମି ଜମି ଦଖଲ କରିଥିବା ଜାଣିଲେ କେମିତି?

### ପ୍ରକୃତ ଭାରତୀୟ ହୋଇଥିଲେ ଏପରି କହି ନ ଥାଆନ୍ତ
### ସଂସଦରେ ଏହି ପ୍ରସଙ୍ଗ କାହିଁକି ଉଠାଉ ନାହଁ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତୀୟ ସେନା ଉପରେ ବିବାଦୀୟ ଟିପ୍ପଣୀକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ଏହାକୁ ନେଇ ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ରାହୁଲଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଭାରତର ୨ ହଜାର ବର୍ଗ କିମି ଜମି ଚୀନ୍ ହଡ଼ପ କରି ନେଇଛି ବୋଲି କେମିତି ଜାଣିଲେ? ସେଠାରେ ରାହୁଲ ନିଜେ ଉପସ୍ଥିତ ଥିଲେ କି? ଏ ସମ୍ବନ୍ଧରେ କିଛି ସ୍ପଷ୍ଟ ପ୍ରମାଣ ରଖିଛନ୍ତି କି? ସୀମାରେ ସଂଘର୍ଷ ଚାଲିଥିବାବେଳେ ଆପଣ ଏ ସବୁ କେମିତି କହି ପାରିଲେ? ଯଦି ରାହୁଲ ପ୍ରକୃତ ଭାରତୀୟ ହୋଇଥାନ୍ତେ, ତେବେ ଏପରି କହି ନ ଥାଆନ୍ତେ। ସଂସଦରେ ଆପଣ କାହିଁକି ପ୍ରଶ୍ନ ପଚାରି ପାରୁ ନାହାନ୍ତି? ଆପଣ ଲୋକସଭା ବିରୋଧୀ ନେତା। ତେଣୁ ସାମାଜିକ ଗଣମାଧ୍ୟମ ବଦଳରେ ସଂସଦରେ କହିବା ପାଇଁ ସୁପ୍ରିମକୋର୍ଟ ରାହୁଲଙ୍କୁ ପରାମର୍ଶ ଦେଇଛନ୍ତି। ଯଦି ଏପରି ନ କରିବେ ତେବେ ରାହୁଲଙ୍କ ବିରୋଧରେ ନୋଟିସ ଜାରି କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହିତ ସେନା ଉପରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ଲକ୍ଷ୍ନୌ କୋର୍ଟରେ ରାହୁଲଙ୍କ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇ ଦେଇଛନ୍ତି। କୋର୍ଟ ଏହି ମାମଲାରେ ଆବେଦନକାରୀ ତଥା ବିଆରଓର ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

୨୦୨୨ ଡିସେମ୍ବର ୧୬ରେ 'ଭାରତ ଯୋଡ଼ୋ ଯାତ୍ରା' ସମୟରେ ରାହୁଲ ଏହି ବିବାଦୀୟ ବୟାନ ଦେଇଥିଲେ। ଅରୁଣାଚଳ ପ୍ରଦେଶରେ ଭାରତୀୟ ଯବାନଙ୍କୁ ଚୀନ୍ ସେନା ମାଡ଼ ମାରୁଛି ବୋଲି କହିଥିଲେ। ସେହି ବର୍ଷ ଅରୁଣାଚଳର ତୱାଙ୍ଗ କ୍ଷେତ୍ରରେ ଭାରତ-ଚୀନ୍ ସେନା ମୁହାଁମୁହିଁ ହେବାକୁ ନେଇ ରାହୁଲ ଏହି ଟିପ୍ପଣୀ ଦେଇଥିଲେ। ଚୀନ୍ ଭାରତର ଜମି ନେଇଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସରକାର ଆତ୍ମସମର୍ପଣ କରିଦେଇଛନ୍ତି ବୋଲି ରାହୁଲ କହିଥିଲେ। ଏହାକୁ ନେଇ ଶ୍ରୀବାସ୍ତବ ତାଙ୍କ ବିରୋଧରେ ଲକ୍ଷ୍ନୌ ଏମପିଏମଏଲଏ କୋର୍ଟରେ ମାନହାନୀ ମାମଲା ରୁଜୁ କରିଥିଲେ। ରାହୁଲ କେବଳ ସେନା ନୁହେଁ, ବରଂ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଅପମାନିତ କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଗତ ୨୯ ତାରିଖରେ ଆହ୍ଲାବାଦ ହାଇକୋର୍ଟ ରାହୁଲଙ୍କ ଆବେଦନକୁ ଖାରଜ କରି ସମନ ପଠାଇ ଥିଲେ। ମାତ୍ର ରାହୁଲ ଏହି ସମନ ଏବଂ ଅଭିଯୋଗ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ।

## ଶରଣାର୍ଥୀଙ୍କ ଡଙ୍ଗା ବୁଡ଼ି ୭୬ ମୃତ



ସାନା, ୪।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ୍ ଉପକୂଳରେ ୧୫୪ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବଡ଼ ନୌକା ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡି ଯାଇଛି। ୟେମେନର ଅବୟାନ ପ୍ରାନ୍ତ ନିକଟସ୍ଥ ଅଦନ ସାଗରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଅତିକମ୍‌ରେ ୭୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ୩୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଏହି ଜାହାଜରେ ଇଥିଓପିଆର ନାଗରିକମାନେ ଯାତ୍ରା କରୁଥିଲେ। ଉନ୍ନତ ଜୀବନଯାପନ ପାଇଁ ଏମାନେ ମଧ୍ୟପ୍ରାଚ୍ୟ ଦେଶ ଅଭିମୁଖେ ଯାତ୍ରା କରୁଥିଲେ। ୫୪ ଜଣଙ୍କ ମୃତଦେହ ଖାନକର ଜିଲ୍ଲାର ସମୁଦ୍ର କୂଳରେ ମିଳିଛି ବୋଲି କୁହାଯାଇଛି।

### ସୁପ୍ରିମକୋର୍ଟରେ ବାଙ୍କେବିହାରୀ ମନ୍ଦିର ମାମଲା

## ଅଧ୍ୟାଦେଶ ପାଇଁ ଏତେ ତରବର କାହିଁକି ?



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଉତ୍ତର ପ୍ରଦେଶ ସରକାର ଏବଂ ବୃନ୍ଦାବନର ଶ୍ରୀ ବାଙ୍କେ ବିହାରୀ ମନ୍ଦିର ପରିଚାଳନା କମିଟି ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏକ କରିଡରର ପୁନର୍ବିକାଶ ପାଇଁ ସରକାର ମନ୍ଦିର ପାଣ୍ଠିରୁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବା ନିମନ୍ତେ ଅଧ୍ୟାଦେଶ ଆଣିଛନ୍ତି। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଆଜି ଏହାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟସ୍ଥତା ମାଧ୍ୟମରେ ବିବାଦ ସମାଧାନକୁ ଜୋର୍ ଦେଇଛନ୍ତି। ଭଗବାନ କୃଷ୍ଣ ପ୍ରଥମ ମଧ୍ୟସ୍ଥି ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ତେଣୁ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ଲାଗି ଏକ କମିଟି ଗଠନ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟୋମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ତେବେ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ତରବରିଆ ଭାବେ କାହିଁକି ଅଧ୍ୟାଦେଶ ପାରିତ କରାଗଲା ବୋଲି ପଚାରିଛନ୍ତି। ଆହ୍ଲାବାଦ ହାଇକୋର୍ଟରେ ଅଧ୍ୟାଦେଶର ବୈଧତା ଯାଞ୍ଚ କରିବାର ଆବଶ୍ୟକତା ଥିଲା ବୋଲି କହିଛନ୍ତି।

ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାକୁ ନେଇ ମନ୍ଦିର କମିଟିକୁ ମଧ୍ୟ କଡ଼ା ପ୍ରଶ୍ନ ପଚାରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ମନ୍ଦିର ବ୍ୟକ୍ତିଗତ ହୋଇପାରେ, ମାତ୍ର ଦେବତା ସମସ୍ତଙ୍କର। ମନ୍ଦିରକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ଏବଂ ସୁରକ୍ଷା ସମ୍ବନ୍ଧିତ ବିକାଶରେ ମନ୍ଦିରର ପାଣ୍ଠି କାହିଁକି ଖର୍ଚ୍ଚ କରାଯାଇପାରିବ ନାହିଁ? ସବୁ ପାଣ୍ଠି ଆପଣଙ୍କ ପକେଟକୁ ଯାଉ ବୋଲି ଚାହୁଁଛନ୍ତି କି? ରାଜ୍ୟ ସରକାରଙ୍କ ଆଇନକୁ ଆବେଦନକାରୀ (ମନ୍ଦିର କମିଟି )ହାଇକୋର୍ଟରେ ବିରୋଧ କରିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି। ମନ୍ଦିର କମିଟି ସୁପ୍ରିମକୋର୍ଟ ମେ' ୧୫ରେ ଦେଇଥିବା ନିର୍ଦ୍ଦେଶକୁ ବିରୋଧ କରିଥିଲା। ଏଥିରେ କମିଟିର ପକ୍ଷ ନ ଶୁଣି କରିଡର ପାଇଁ ପାଣ୍ଠି ବ୍ୟବହାର କରିବାକୁ ରାଜ୍ୟ ସରକାରଙ୍କୁ ଅନୁମତି ଦିଆଯାଇଥିଲା। ଏହା ଅନୁଚିତ ଥିଲା ବୋଲି ଆବେଦନକାରୀଙ୍କ ଓକିଲ କହିଛନ୍ତି।

### ୨୦୧୩ କେଦାରନାଥ ଜଳ ପ୍ରଳୟ ମାମଲା

# ପୁଣି ଆରମ୍ଭ ହେବ ୩୦୭୫ ନିଖୋଜଙ୍କ ସନ୍ଧାନ

ରୁଦ୍ରପ୍ରୟାଗ, ୪।୮ (ଏଜେନ୍ସି): ପ୍ରସିଦ୍ଧ ଶୈବପୀଠ କେଦାରନାଥରେ ୨୦୧୩ରେ ଜଳ ପ୍ରଳୟ ଆସିଥିଲା। ଏହା ସବୁ କିଛି ଛାରଖାର କରି ଦେଇଥିଲା। ସାରା ଦିନ ଜନଗହଳି ଲାଗୁଥିବା ଶୈବପୀଠକୁ ମୃତଦେହମୟ କରି ଦେଇଥିଲା। ଏହି ବିପର୍ଯ୍ୟୟରେ ୩୦୭୫ ଜଣ ନିଖୋଜ ହୋଇ ଯାଇଥିଲେ। ଏ ପର୍ଯ୍ୟନ୍ତ ଏମାନଙ୍କର ସନ୍ଧାନ ମିଳି ନାହିଁ। ତେଣୁ ପୁଣି ଥରେ ଏହି ସନ୍ଧାନ ହେବ। ଏଥିପାଇଁ ପ୍ରସ୍ତୁତି କରାଯାଉଛି। ଏ ନେଇ ଉତ୍ତରାଖଣ୍ଡ ହାଇକୋର୍ଟରେ ଏକ ମାମଲା ଦାଏର କରାଯାଇଛି। ଆବେଦନରେ ନିଖୋଜ ଲୋକଙ୍କ କଙ୍କାଳର ସନ୍ଧାନ କରି ସମ୍ମାନପୂର୍ବକ ଅନ୍ତିମ ସଂସ୍କାର କରିବାକୁ ନିବେଦନ କରାଯାଇଛି। ସରକାର ଏ ପର୍ଯ୍ୟନ୍ତ ଚାରି ଥର କେଦାରନାଥକୁ ଉଦ୍ଧାରକାରୀ ଦଳ ପଠାଇଲେଣି।

୨୦୨୦ରେ ସନ୍ଧାନକାରୀ ଦଳ ଚଟି ଏବଂ ଗୋମୁଖ କ୍ଷେତ୍ରରୁ ୭୦୩ ନରକଙ୍କାଳ ଉଦ୍ଧାର କରିଥିଲା। ଏ ପର୍ଯ୍ୟନ୍ତ ଏହି କଙ୍କାଳ ଗୁଡିକର ପରିଚୟ ମିଳିପାରି ନାହିଁ। କାରଣ ଯେଉଁ ୬ ହଜାର ଲୋକ ନିଜ ସମ୍ପର୍କୀୟଙ୍କୁ ଖୋଜିବା ଲାଗି ଡିଏନଏ ନମୁନା ଦେଇଥିଲେ ତାହା ସହ କଙ୍କାଳର ଡିଏନଏ ମେଳ ଖାଇନାହିଁ। ସେହିପରି ୨୦୨୦ରେ ୨୧ ଏବଂ ୨୦୧୬ରେ ୯ଟି କଙ୍କାଳ ମିଳିଥିଲା। ୨୦୨୪ ନଭେମ୍ବରରେ ୧୦ଟି ଟିମ୍ ପାଦଚଲା ମାର୍ଗରେ ସନ୍ଧାନ ଆରମ୍ଭ କରିଥିଲା। ମାତ୍ର ଏ ପର୍ଯ୍ୟନ୍ତ ସଫଳତା ମିଳିପାରି ନାହିଁ।

## ସାଧୁବେଶରେ ୩୦ ବର୍ଷ ପଶ୍ଚିମବଙ୍ଗରେ ରହୁଥିଲା ବାଂଲାଦେଶୀ ଅପରାଧୀ

ନଦିଆ, ୪।୮ (ଏଜେନ୍ସି): ବାଂଲାଦେଶରୁ ଆସି ଜଣେ ଅପରାଧୀ ୩୦ ବର୍ଷ ପଶ୍ଚିମବଙ୍ଗରେ ସାଧୁବେଶରେ ରହିବା ପରେ ଶେଷରେ ଧରା ପଡ଼ିଛି। ନଦିଆ ଜିଲ୍ଲାରୁ ତାକୁ ପୁଲିସ ଗିରଫ କରିଛି। ଏହି ବ୍ୟକ୍ତି ହେଉଛନ୍ତି ୬୦ ବର୍ଷୀୟ ମହମ୍ମଦ ହାଶେମ ମଲିକ। ସେ ହାଶେମ ଅଲି ମଲ୍ଲିକ ଭାବେ ପରିଚିତ। ବାଂଲାଦେଶରେ ଏକାଧିକ ବଡ଼ ବଡ଼ ଅପରାଧିକ ମାମଲାରେ ପୁଲିସ ତାକୁ ଖୋଜୁଥିଲା। ଏକ ଗୁପ୍ତ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସଟିଏଫ୍) ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହ ମିଶି ରାତିରେ ତେହଟ୍ଟା ଅଞ୍ଚଳରେ ଚଢ଼ାଉ କରି ତାକୁ ଗିରଫ କରିଛି। ସେ ନକଲି ଭାରତୀୟ ପରିଚୟ ପତ୍ର ବନାଇ ତେହଟ୍ଟାର ବାଲିଉରା ପୁର୍ବା ପାରାରେ ରହିଆସୁଥିଲା। ସେ ନିଜକୁ ଜଣେ ଭାରତୀୟ ନାଗରିକ ଭାବେ ପ୍ରମାଣିତ କରିବାକୁ ବୈଧ ପ୍ରମାଣପତ୍ର ଦେବାରେ ବିଫଳ ହୋଇଥିଲା। ସେ ଏବେ ପୁଲିସ ହେପାଜତରେ ରହିଛି। ଏହି ମାମଲାର ତଦନ୍ତ ଜାରି ରହିଛି।

## ଜନସ୍ୱାର୍ଥ ପାଇଁ ବୈଜ୍ଞାନିକଙ୍କ ଦଣ୍ଡ ଉପରେ ରୋକ୍

ଡେରାଡୁନ, ୪।୮ (ଏଜେନ୍ସି): ପତ୍ନୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲାରେ ଭ୍ୟାକ୍ସିନ ବୈଜ୍ଞାନିକ ଡ. ଆକାଶ ଯାଦବଙ୍କ ଦଣ୍ଡ ଏବଂ ଦୋଷ ଉପରେ ଉତ୍ତରାଖଣ୍ଡ ହାଇକୋର୍ଟ ସୋମବାର ରୋକ୍ ଲଗାଇ ଦେଇଛନ୍ତି। ଜନସ୍ୱାର୍ଥ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଡ. ଯାଦବ ଟିକା ବିକାଶ ସମ୍ବନ୍ଧିତ କାର୍ଯ୍ୟ କରୁଛନ୍ତି। ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଦେଶହିତ ପାଇଁ ଅତ୍ୟନ୍ତ ଜରୁରୀ। ଏଥିପାଇଁ ସେ ବାହାରେ ରହୁଛନ୍ତି। ତେଣୁ ଆକାଶ ନିଜ କର୍ତ୍ତବ୍ୟ ପାଳନ କରିପାରୁ ନାହାନ୍ତି ବୋଲି ଜଷ୍ଟିସ ରବୀନ୍ଦ୍ର ମୈଥାନି କହିଛନ୍ତି। ଯାଦବଙ୍କ ପତ୍ନୀ ୨୦୧୫ରେ ଆତ୍ମହତ୍ୟା କରିଥିଲେ। ସେ ସୁଇସାଇଡ ନୋଟ୍‌ରେ ପତିଙ୍କୁ ଦାୟୀ କରିଥିଲେ। ପ୍ରଥମେ ଯୌତୁକ ଉତ୍ପୀଡ଼ନ ଏବଂ ପରେ ଆତ୍ମହତ୍ୟା ମାମଲା ପାଇଁ ଆକାଶଙ୍କୁ ଅଭିଯୁକ୍ତ କରାଯାଇଥିଲା। ତେବେ ଗତ ଜାନୁଆରୀରେ ଟ୍ରାଏଲ କୋର୍ଟ ତାଙ୍କୁ ଯୌତୁକ ଜନିତ ଅଭିଯୋଗରୁ ମୁକ୍ତ କରି ଆତ୍ମହତ୍ୟା ପାଇଁ ଉସୁକାଇବାରେ ୫ ବର୍ଷ ଜେଲ୍‌ଦଣ୍ଡ ଦେଇଥିଲେ।

■ ପୋଖରୀରେ ୪ଦିନର ଲୁଚକାଳି

# ଧରାପଡ଼ିଲା ୫ ଫୁଟିଆ କୁମ୍ଭୀର

କାଳିମେଲା/ଏମଭିଠ୯, ୪।୮ (ସମିସ): ୪ଦିନ ଧରି ଲୁଚକାଳି ପରେ ଶେଷରେ ପୋଖରୀରୁ ଧରା ହେଲା ୫ ଫୁଟିଆ କୁମ୍ଭୀର। ଘଡ଼ିଆଳ ପ୍ରଜାତିର ଏହି



କୁମ୍ଭୀରଟିକୁ ଗ୍ରାମବାସୀଙ୍କ ସହାୟତାରେ ଏକ ଜାଲ ଦ୍ୱାରା ଧରାଯାଇଛି। ଗତ ଶୁକ୍ରବାରଠାରୁ କୁମ୍ଭୀରଟି ଏମ୍‌ପିଭି ୮୩ ଗ୍ରାମ ପୋଖରୀରେ ଭାସୁଥିବା ଦେଖିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବନବିଭାଗ ଓ ଅଗ୍ନିଶମବାହିନୀ ଜାଲ ଓ ପାୱାର ବୋଟ୍ ଦ୍ୱାରା କୁମ୍ଭୀରକୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସବୁଥର କୁମ୍ଭୀରଟି ଚକ୍‌ମା ଦେଇ ଖସିଯିବାରେ ସଫଳ ହୋଇଥିଲା। ତେବେ ୪ଦିନର ପ୍ରୟାସ ପରେ ଆଜି କୁମ୍ଭୀରଟି ଧରାପଡ଼ିବା ପରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି। କୁମ୍ଭୀରଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଛାଡ଼ି ଦିଆଯିବ ବୋଲି ମୋଟୁ ବନପାଳ ରଶ୍ମିରଂଜନ ସ୍ୱାଇଁ ସୂଚନା ଦେଇଛନ୍ତି।

■ ଝିରପାଣି ମେଳାରେ ଅଗ୍ନିକାଣ୍ଡ

# ଜଳିଗଲା ୨୦ରୁ ଊର୍ଦ୍ଧ୍ୱ ଦୋକାନ



ରାଉରକେଲା, ୪।୮ (ସମିସ): ଝିରପାଣି ଫୁଟବଲ୍ ପଡ଼ିଆଠାରେ ଲାଗିଥିବା ମେଳାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଛି। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ରବିବାର ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଅଭିଯୋଗ ହୋଇଛି। ନିଆଁ ଲାଗିଥିବା ବେଳେ ଦୁଇଟି ଗ୍ୟାସ ସିଲିଣ୍ଡର ଫାଟିଥିବା ସୂଚନା ମିଳିଛି। ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇପାରିନାହିଁ। ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବି

# ୭ରେ ପୁରୀରେ ବିଜେଡିର ହରତାଳ



ପୁରୀ,୪।୮ (ସମିସ): ଜୀବନ ଯୁଦ୍ଧରେ ହାରିଗଲେ ବଳଙ୍ଗା ପୀଡ଼ିତା। ଦୀର୍ଘ ୧୫ ଦିନ ମୃତ୍ୟୁ ସହ ଲଢ଼େଇ କରି ଶେଷର ଆଖି ବୁଜିଦେଲେ। ହେଲେ ତାଙ୍କ ମୃତ୍ୟୁର କାରଣ ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିପାରିନାହିଁ। କେଉଁ ପରିସ୍ଥିତିରେ ତାଙ୍କ ଦେହରେ ନିଆଁ ଲାଗିଲା,

## ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଯାଏ ପୁରୀ ବନ୍ଦ ଡକରା

ତାହା ଜଣାପଡ଼ିନାହିଁ। ତେଣୁ ପୀଡ଼ିତାଙ୍କୁ ନ୍ୟାୟ ଦେବା ଦାବିରେ ଆସନ୍ତା ୭ତାରିଖରେ ପୁରୀ ଜିଲ୍ଲାରେ ବିଜେଡି ହରତାଳ କରିବ। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଅର୍ଥାତ୍ ୬ଘଣ୍ଟା ପର୍ଯ୍ୟନ୍ତ ପୁରୀ ବନ୍ଦ ରହିବ ବୋଲି ସୋମବାର ହୋଟେଲ ହଲିଡେ' ରିସର୍ଟ ପରିସରରେ ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ଅଧ୍ୟକ୍ଷତା କରି କହିଥିଲେ ଯେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ଅନେକ ସନ୍ଦେହ ଛିଡ଼ା ହୋଇଛି। ଥାନାରେ ଅଭିଯୋଗ ଏବଂ ପୀଡ଼ିତାଙ୍କ ପରିବାର ପ୍ରଥମେ ଗଣମାଧ୍ୟମରେ ବୟାନ ରଖିଥିଲେ ଯେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ଉଠାଇ ନେଇ ନିଆଁ ଲଗାଇ ଦେଇଛନ୍ତି। ସେହିପରି ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଗଣମାଧ୍ୟମରେ କୁହାଗଲା, ପୀଡ଼ିତାଙ୍କର ଚିକିତ୍ସାରେ ସୁଧାର ଆସୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କୁ ଦେଖିବା ପାଇଁ ସମୟ ପାଇ ନ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସ ଯାଇ ତାଙ୍କୁ ଭେଟିଥିଲେ। ସେଠାରେ କହିଥିଲେ, ପୀଡ଼ିତାଙ୍କ ଚିକିତ୍ସା ଠିକ୍ ଭାବେ ଚାଲିଛି। ସେ ସୁସ୍ଥ ହେଉଛନ୍ତି। ଖୁବ୍‌ଶୀଘ୍ର ସେ ଭଲ ହୋଇଯିବେ। କିନ୍ତୁ ହଠାତ୍ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଗଲା, ଯାହାକି ସବୁଠୁ ବଡ଼ ରହସ୍ୟମୟ ହୋଇରହିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୀଡ଼ିତାଙ୍କ ବାପାଙ୍କ ଉପରେ କ'ଣ ଚାପ ପଡ଼ିଲା ଯେ ସେ ତାଙ୍କର ମତ ପରିବର୍ତ୍ତନ କଲେ। ଯଦି ଝିଅ ଆତ୍ମହତ୍ୟା କରିବାର ଥିଲା, ସେ ତାଙ୍କ ଘରେ କରିପାରିଥା'ନ୍ତେ। ତାହା ନ କରି ଅଧକିଲୋମିଟର ଦୂରକୁ ଯାଇ ଆତ୍ମହତ୍ୟା କଲେ ବୋଲି ପ୍ରଶ୍ନ କରିଛନ୍ତି ଉମା। ସେହିପରି ପୁଲିସର ତଦନ୍ତ ଉପରେ ବି ବିଜେଡି ପ୍ରଶ୍ନ ଉଠାଇଛି। ଜିଲ୍ଲା ବିଜେଡି ସଭାପତି କହିଛନ୍ତି, ପୁଲିସ ସବୁବେଳେ କହିଲା ଆମେ ତଦନ୍ତ କରୁଛୁ, ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରିବୁ। ହେଲେ କୁଆଡ଼େ ଗଲେ ଦୋଷୀ ବୋଲି ସେ ପ୍ରଶ୍ନ କରିଛନ୍ତି। ସାମୂହିକ ଭାବେ ଦେଖିଲେ, ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଏକ ରହସ୍ୟଘେରରେ ରହିଛି। ଘଟଣାର ସତ୍ୟାସତ୍ୟ ଯଥାଶୀଘ୍ର ସରକାର ଉନ୍ମୋଚନ କରନ୍ତୁ। ରାଜ୍ୟ ସରକାର ଜାଣିଶୁଣି ଦୋଷୀକୁ ଚିହ୍ନଟ କରୁ ନଥିବା ନେଇ ଅଭିଯୋଗ କରିଛି ବିଜେଡି। ପୁରୀ ହେଉଛି ଜଗନ୍ନାଥଙ୍କ ମାଟି। ଏଠି ସତ୍ୟର ଉନ୍ମୋଚନ ହେଉ ଏବଂ ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ମିଳୁ ବୋଲି ଦାବି କରିଛନ୍ତି ବିଜେଡି ଜିଲ୍ଲା ସଭାପତି ଶ୍ରୀ ସାମନ୍ତରାୟ।

ଏ ନେଇ ଆସନ୍ତା ୭ ତାରିଖରେ ବିଜେଡି ପକ୍ଷରୁ ପୁରୀ ଜିଲ୍ଲାରେ ୬ ଘଣ୍ଟିଆ ହରତାଳ କରାଯିବ। ଅତ୍ୟାବଶ୍ୟକ ସେବାରୁ ଏହି ହରତାଳରୁ ବାଦ୍ ଦିଆଯାଇ ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ, ଗାଡ଼ି ମୋଟର ଚଳାଚଳ ବନ୍ଦ ରହିବ ବୋଲି ଶ୍ରୀ ସାମନ୍ତରାୟ ଘୋଷଣା କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ବିଧାୟକ ସୁନୀଲ ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ନିମାପଡ଼ାର ଯୁବନେତା ସୁବ୍ରତ ଛାଟୋଇ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ବଳଙ୍ଗା ପୀଡ଼ିତାଙ୍କ ଶେଷକୃତ୍ୟ ସମ୍ପନ୍ନ



ବଳଙ୍ଗା, ୪।୮ (ସମିସ): ଦୁର୍ବୃତ୍ତଙ୍କ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇଥିବା ବଳଙ୍ଗା ପୀଡ଼ିତା ନୂଆ ଗୋପାଳପୁର ଗ୍ରାମର ସମିଦା ଖାତୁନଙ୍କ ଆଜି ପୂର୍ବାହ୍ନରେ ଶେଷକୃତ୍ୟ ସଂପନ୍ନ ହୋଇଛି। ବାୟାବରର ନୂଆ ଗୋପାଳପୁର ଗ୍ରାମର କବରସ୍ଥାନରେ ଇସ୍‌ଲାମ ଧର୍ମ ରୀତିନୀତି ଅନୁଯାୟୀ ତାଙ୍କ ମୃତଦେହକୁ କବର ଦିଆଯାଇଛି। ଏଥିପାଇଁ ଗାଁରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ଦୁଇ ସପ୍ତାହର ସଂଘର୍ଷ ପରେ ଦିଲ୍ଲୀ ଏମ୍‌ସରେ ସମିଦା ଜୀବନ ଯୁଦ୍ଧରେ ହାରିଯାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ରବିବାର ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗତକାଲି ବିମାନରେ ତାଙ୍କ ଶବ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିଏମ୍‌ସି ମହାପ୍ରୟାଣ ଗାଡ଼ିରେ କଡ଼ା ସୁରକ୍ଷାବଳୟରେ ତାଙ୍କ ଗାଁ ନୂଆ ଗୋପାଳପୁରକୁ ନିଆଯାଇଥିଲା। ଆଜି ସକାଳେ ଧାର୍ମିକ ରୀତିନୀତି ଅନୁଯାୟୀ ପରିବାର ଓ ସଂପର୍କୀୟଙ୍କ ଉପସ୍ଥିତିରେ ତାଙ୍କୁ କବର ଦିଆଯାଇଥିଲା।

ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା

# ସରକାର ଓ ପ୍ରଶାସନ ବାରମ୍ବାର ଅବହେଳା କରିଛି: ଏବିଭିପି

ଭୁବନେଶ୍ୱର, ୪।୮ (ସମିସ): ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ଏହି ଗିରଫଦାରୀକୁ ରାଜନୈତିକ ଷଡ଼ଯନ୍ତ୍ର କହିବା ସହ ଓଡ଼ିଶା ପୁଲିସ୍ ଉପରେ ବର୍ଷିଛି ଏବିଭିପି। ପୁଲିସ୍ କାର୍ଯ୍ୟାନୁଷ୍ଠାନକୁ ପକ୍ଷପାତିତା ଦର୍ଶାଇ ରାଜନୈତିକ ମାଲିକଙ୍କୁ ବଞ୍ଚାଇବାକୁ ଏହା ଏକ ବିଫଳ ପ୍ରୟାସ ବୋଲି କହିଛି।

ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ସରକାର ଓ ପ୍ରଶାସନ ଦ୍ୱାରା ଛାତ୍ରୀଙ୍କ ଅଭିଯୋଗକୁ ବାରମ୍ବାର ଅବହେଳା କରାଯାଇଥିଲା। ଫଳରେ ବ୍ୟାପକ ମାନସିକ ନିର୍ଯାତନା ଯୋଗୁଁ ସେ ଆତ୍ମହତ୍ୟା କରିଛନ୍ତି। ଏହାସହ ଦୀର୍ଘକାଳୀନ ମାନସିକ ଆଘାତ, ସଂସ୍ଥାଗତ ଓ ପ୍ରଶାସନିକ ଚାପ ତାଙ୍କୁ ବହୁ ପରିମାଣରେ ଅସହାୟ ଓ ଅସୁରକ୍ଷିତ ଅନୁଭବ କରାଇଥିଲା। ନ୍ୟାୟ ପାଇଁ ବାରମ୍ବାର ଅଭିଯୋଗ ଓ ପ୍ରୟାସ ସତ୍ତ୍ୱେ ତାଙ୍କୁ କେହି ନଶୁଣିବା ମାନସିକସ୍ତରରେ ତାଙ୍କୁ ଦୁର୍ବଳ କରିଥିଲା। ଏହା ଆତ୍ମହତ୍ୟାର ମୂଳ କାରଣ। ହେଲେ, ଏସବୁ ବିଷୟକୁ ଅଣଦେଖା କରାଯାଇଥିବା ଅଭିଯୋଗ କରିବା ସହ ପୁଲିସ୍‌ର ମନୋଭାବ ନେଇ ପ୍ରଶ୍ନ ଉଠାଇଛି ଏବିଭିପି। ଚରିତ୍ର ସଂହାର କରିଥିବା ଛାତ୍ର ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ

- ରାଜନୈତିକ ଷଡ଼ଯନ୍ତ୍ର କହି ଓଡ଼ିଶା ପୁଲିସ୍ ଉପରେ ବର୍ଷିଲା
- ଗିରଫଦାରୀକୁ ଦର୍ଶାଇଲା ପୁଲିସ୍‌ର ବିଫଳତା
- ଚରିତ୍ର ସଂହାର କରିଥିବା ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନେଉ ନଥିବା ବେଳେ ଛାତ୍ରୀଙ୍କୁ ରକ୍ଷା କରିବାକୁ ପ୍ରୟାସ କରି ପୋଡ଼ି ହୋଇଥିବା ସହପାଠୀଙ୍କୁ ଗିରଫ କରିବା ପୁଲିସର ବିଫଳତା ବୋଲି କୁହାଯାଇଛି।

ପ୍ରତିକ୍ରିୟାରେ ଏବିଭିପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ବୀରେନ୍ଦ୍ର ସିଂ ସୋଲାଙ୍କି କହିଛନ୍ତି ଯେ ଘଟଣାର ନିରପେକ୍ଷ ଓ ବ୍ୟାପକ ତଦନ୍ତ କରାଯାଉ। ତଦନ୍ତର ପରିସୀମା ଘଟଣା ପର୍ଯ୍ୟନ୍ତ ସୀମିତ ନରହି ଆତ୍ମହତ୍ୟା ପାଇଁ ବାଧ କରିଥିବା ମାନସିକ ଓ ପ୍ରଶାସନିକ କାରଣ ସମ୍ପର୍କରେ ତଦନ୍ତ ହେଉ। ଚରିତ୍ର ସଂହାର ଓ ମାନସିକ ନିର୍ଯାତନା ଦେଇଥିବା ଦୋଷୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅନୁରୂପ ଭାବେ, ଓଡ଼ିଶା ପୂର୍ବପ୍ରାନ୍ତ ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ରାଜ୍ୟ ପୁଲିସ୍ ଏବିଭିପି କାର୍ଯ୍ୟକର୍ତ୍ତାଙ୍କୁ ହଇରାଣ କଲେ ବା ନିର୍ଦ୍ଦୋଷଙ୍କୁ ଫସାଇବାକୁ ପ୍ରୟାସ କଲେ, ଦୃଢ଼ ବିରୋଧ କରାଯିବ। ପୁଲିସ ଦଳୀୟ ମନୋଭାବ ଜାରି ରଖିଲେ ସହ୍ୟ କରାଯିବ ନାହିଁ। ରକ୍ଷା କରିଥିବା ସହପାଠୀଙ୍କୁ ଗିରଫଦାରୀ ଦୁର୍ଭାଗ୍ୟଜନକ। ସହପାଠୀଙ୍କୁ ଅପରାଧୀ କହିଲେ ଭବିଷ୍ୟତରେ ପୀଡ଼ିତାଙ୍କୁ କେହି ସାହାଯ୍ୟ କରିବାକୁ ଆସିବେ ନାହିଁ ବୋଲି ସେ ଚେତାଇଛନ୍ତି।

ବଳଙ୍ଗା ଓ ବାଲେଶ୍ୱର ପୀଡ଼ିତାଙ୍କ ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

# ୧୨ ଓ ୧୪ରେ ନାରୀ ନ୍ୟାୟ ଯାତ୍ରା

ଭୁବନେଶ୍ୱର,୪।୮ (ସମିସ): ବାଲେଶ୍ୱର ଓ ବଳଙ୍ଗା ଅପମୃତ୍ୟୁ ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଇବ ରାଜ୍ୟ କଂଗ୍ରେସ। ନାରୀ ନ୍ୟାୟ ପାଇଁ ଆସନ୍ତା ୧୪ ତାରିଖରେ ବାଲେଶ୍ୱର ଏଫଏମ କଲେଜରୁ ଭୋଗରାଇ ଓ ୧୨ ତାରିଖରେ ବଳଙ୍ଗା ପୋଡ଼ି ଘଟଣାସ୍ଥଳରୁ ନିମାପଡ଼ା ପର୍ଯ୍ୟନ୍ତ ଦଳ ଏକ ପଦଯାତ୍ରା କରିବ। ଏହି ପଦଯାତ୍ରା ପରେ ସେଠାରେ ଏକ ସମାବେଶ ମଧ୍ୟ ଅନୁଷ୍ଠିତ ହେବ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ଆମେ ବଳଙ୍ଗା ପୀଡ଼ିତାଙ୍କ ନ୍ୟାୟ ପାଇଁ ୭ ଦିନ ସମୟ ଦେଇଛୁ। ଯଦି ନ୍ୟାୟ ନ ମିଳେ, ତେବେ କଟକ

## ଡିଜି ଅଫିସ ସହ ସବୁ ଥାନା ଘେରିବ ଦଳ

ସ୍ଥିତ ଡିଜିପି ଅଫିସ କଂଗ୍ରେସ ପକ୍ଷରୁ ଘେରାଉ କରାଯିବ। ପୁଣି ସାରା ରାଜ୍ୟରେ ଥାନା ଘେରାଉ କାର୍ଯ୍ୟକ୍ରମ ହେବ ବୋଲି ସେ କହିଛନ୍ତି। ଏହା ପୁଲିସ ସହ ଲଢ଼େଇ ନୁହେଁ, ରାଜନୈତିକ ଅଭିସନ୍ଧି ରଖି ଅପରାଧୀଙ୍କୁ ସରକାର ସୁରକ୍ଷା ଦେଉଛି। ପୁଲିସକୁ ବିବେକ ଅନୁଯାୟୀ କ୍ରିୟାଶୀଳ ହେବାପାଇଁ କଂଗ୍ରେସ ଦଳ ଆହ୍ୱାନ ଦେଉଛି ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବଳଙ୍ଗା ପୀଡିତା ସ୍ୱାସ୍ଥ୍ୟବସ୍ଥା



ଦିଲ୍ଲୀ ଯିବା ପୂର୍ବରୁ ଠିକ ଥିଲା; କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଉନ୍ନତି ବଦଳରେ ମୃତ୍ୟୁ ହେଲା। ସମୁଦାୟ ଚାରିଥର ବୟାନ ନିଆଯାଇଥିଲା। ଏଥିରୁ ଜଣାପଡୁଛି ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିଲା। ତେବେ କ'ଣ ହେଲା ଯେ ତାଙ୍କର ହଠାତ ମୃତ୍ୟୁ ହୋଇଗଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଏହାସହିତ ବୟାନର ରେକର୍ଡିଙ୍ଗ ସାର୍ବଜନୀନ କଲେ ଅସଲ ରହସ୍ୟ ଜଣାପଡ଼ିବ। ଅନ୍ୟପଟେ ବାଇକରେ ଚାରିଜଣ ବସିକି ଯିବା ସମ୍ଭବ ନୁହେଁ, ତେଣୁ ତିନିଜଣ ଦୁର୍ବୃତ୍ତ ପୀଡ଼ିତାଙ୍କୁ ବାଇକରେ ବସେଇ ନେଇ ନାହାନ୍ତି ବୋଲି ପୁଲିସ ଯୁକ୍ତି କରୁଛି। ଆଜି ମଧ୍ୟ ଗ୍ରାମ ମାନଙ୍କରେ ଚାରି ପାଞ୍ଚ ଜଣ ବସନ୍ତି। ତେଣୁ ପୁଲିସର ତର୍କର କୌଣସି ଆଧାର ନାହିଁ। କେବଳ ଭୁଆଁ ବୁଲାଇବା କଥା। ଏଫଏମ କଲେଜ ଓ ବଳଙ୍ଗା ଘଟଣାର ସାମଞ୍ଜସ୍ୟ ଅଛି। କଲେଜ ଆତ୍ମଦାହ ଘଟଣାରେ କିଏ ପେଟ୍ରୋଲ ଆଣିଥିଲା କିଏ ପ୍ରବର୍ତ୍ତାଇ ଥିଲା, ଆଜି ମଧ୍ୟ ସନ୍ଦେହ ଘେରରେ। ପୁଲିସ କାହିଁକି ବାଲେଶ୍ୱର ଘଟଣାରେ ଏଫଆଇଆର ଗ୍ରହଣ କଲାନାହିଁ ବୋଲି ଭକ୍ତ ନିଜର ପ୍ରଶ୍ନକୁ ପୁଣି ଦୋହରାଇଥିବା ବେଳେ ସେଠାକାର ଏମପି, ଏମଏଲଏ, ମନ୍ତ୍ରୀ, ଏସପି, ଆଇଆଇସି ଏବଂ କଲେଜ ପ୍ରିନ୍ସିପାଲଙ୍କ ଫୋନ କଲି ରେକର୍ଡରୁ ସତ୍ୟ ପ୍ରଘଟ ହେବ ବୋଲି ଭକ୍ତ କହିଛନ୍ତି। ପ୍ରକୃତରେ କାହା ପାଇଁ ପୁଲିସ ଏଫଆଇଆର ଗ୍ରହଣ କଲା ନାହିଁ ଜଣା ପଡ଼ିଯିବ। ବାରମ୍ବାର ଏଫ୍‌ଆଇଆରକୁ ନେଇ କଂଗ୍ରେସ ପ୍ରଶ୍ନ ପଚାରିଛି। ଏହାର ଉତ୍ତର ସରକାରଙ୍କୁ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ସମାନ ଭାବେ ବଳଙ୍ଗା ପୀଡିତାର ବୟାନ ନେଇଥିଲେ ମଧ୍ୟ ପୁଲିସ ୧୫ ଦିନ ପର୍ଯ୍ୟନ୍ତ ଜଣେ ଅଭିଯୁକ୍ତକୁ ଗିରଫ କରି ପାରିଲା ନାହିଁ। ତେବେ ଅନୁସନ୍ଧାନକୁ ବୁଲାଇବା ପାଇଁ ବୟାନ ନେଲା ନା ଅଭିଯୁକ୍ତଙ୍କୁ ଧରିବା ପାଇଁ ବୋଲି ସଭାପତି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

# ଜେଲ୍ ଗଲେ କୋଟିପତି ଏମ୍‌ଭିଆଇ

## ଆୟଠାରୁ ୬୩୦ ପ୍ରତିଶତ ଅଧିକ ସମ୍ପତ୍ତି



ବାରିପଦା, ୪।୮ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗତକାଲି ଧରାପଡ଼ିଥିବା କୋଟିପତି ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କୁ ଭିଜିଲାନ୍ସ ଆଜି କୋର୍ଟଚାଲାଣ କରିଛି। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗତକାଲି ଚଢ଼ଉ ବେଳେ ତାଙ୍କର ଠାବ ହୋଇଥିବା ସଂପତ୍ତି ତାଙ୍କ ଆୟଠାରୁ ୬୩୦ ପ୍ରତିଶତ ଅଧିକ ବୋଲି ବାଲେଶ୍ୱର ଡିଭିଜନ ଭିଜିଲାନ୍ସ ଏସ୍‌ପି ଅରୁଣ କୁମାର ନାୟକ ଆଜି ବାରିପଦାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅନ୍ୟପଟେ ତାଙ୍କୁ ଚାକିରିରୁ ମଧ୍ୟ ନିଲମ୍ବନ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ସୁପାରିସ୍ କରାଯାଇଛି।

ଏସ୍‌ପି ଶ୍ରୀ ନାୟକଙ୍କ ସୂଚନାନୁଯାୟୀ, ଏମ୍‌ଭିଆଇ ଶ୍ରୀ ହାଁସଦାଙ୍କ ପାଖରୁ ଠାବ ସଂପତ୍ତିର ପରିମାଣ ୬କୋଟି ୩୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ୧୯୯୧ ମସିହାରେ ଶ୍ରୀ ହାଁସଦା ଚାକିରି ଆରମ୍ଭ କରିଥିଲେ। ଚାକିରି କାଳ ମଧ୍ୟରେ ସେ ସମୁଦାୟ ୧କୋଟି ୧୦ଲକ୍ଷ ଟଙ୍କା ଦରମା ପାଇଛନ୍ତି। କିନ୍ତୁ ବାକି ସଂପତ୍ତିର ଉତ୍ସ ସଂପର୍କରେ ସେ ସଠିକ୍ ତଥ୍ୟ ଦେଇ ନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଜମି କିଣିବା ଶ୍ରୀ ହାଁସଦାଙ୍କ ନିଶା ଥିଲା। ନିଜର ସହାୟକଙ୍କ ନାମରେ ସେ ଉଚ୍ଚଦରରେ ଜମି କିଣିବା ପରେ ସ୍ୱଳ୍ପଦରରେ ତାକୁ ନିଜ ନାମରେ କରାଇ ନେଉଥିଲେ। ଏମିତି କରି ସେ ଭିଜିଲାନ୍ସ ନଜରରୁ ବର୍ତ୍ତିବାକୁ ଚେଷ୍ଟା କରୁଥିଲେ।

୨୦୦୯-୧୦ ମସିହାରେ ଶ୍ରୀ ହାଁସଦା ବାରିପଦା ଏମ୍‌ଭିଆଇ ଥିବା ବେଳେ ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ଏମଭିଆଇ ଥିଲେ। ତାଙ୍କ ନାମରେ ବାରମ୍ବାର ଦୁର୍ନୀତି ଜନିତ ଅଭିଯୋଗ ଆସୁଥିଲା। ଏଥିପାଇଁ ଭିଜିଲାନ୍ସ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ରବିବାର ଭିଜିଲାନ୍ସ ତାଙ୍କ ବାରିପଦାସ୍ଥିତ ବାସଭବନ ସମେତ ୬ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ତାଙ୍କର ବାରିପଦା ଓ ବାଲେଶ୍ୱରରୁ ମୋଟ ୪୪ଟି ପ୍ଲଟ୍ ଠାବ କରିଥିଲା। ସେହିପରି ୧ କେଜି ସୁନା, ୨ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର, ବ୍ୟାଙ୍କ୍, ପୋଷ୍ଟାଲ ଓ ବୀମା ଆକାଉଣ୍ଟରୁ ୧କୋଟି ୩୪ଲକ୍ଷ ୯ହଜାର ୧୯୩ ଟଙ୍କା, ଦୁଇ ତାଲା କୋଠା ଆଦି ଠାବ ହୋଇଥିଲା। ଏହାବ୍ୟତୀତ, ଝିଅର ଡାକ୍ତରୀ ପଢ଼ା ପାଇଁ ୪୦ ଲକ୍ଷ ଖର୍ଚ୍ଚ କରିଥିବା ବେଳେ ଗୋଟିଏ କାର୍, ୩ଟି ବାଇକ ଏବଂ ୧୬ଲକ୍ଷ ୬ ହଜାର ଟଙ୍କାର ଘର ଆସବାବପତ୍ର ଥିବା ଜଣାପଡ଼ିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ୍‌ରେ ନମ୍ବର ୭/୨୫ରେ ଏକ ମାମଲା ରୁଜୁ ହୋଇଛି। ପରେ ସ୍ୱତନ୍ତ୍ର ଜଜ୍ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ବାରିପଦା ମଣ୍ଡଳ କାରାଗାରର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଗକୁ ଭିଜିଲାନ୍ସ ତାଙ୍କୁ ରିମାଣ୍ଡରେ ଆଣିବା ନେଇ ସୂଚନା ମିଳିଛି।

● ଆଇନ ବିଭାଗର ବିଜ୍ଞପ୍ତି ପ୍ରକାଶ

# ପ୍ରତିଷ୍ଠା ହେବ ୧୧ଟି ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ

ଭୁବନେଶ୍ୱର,୪।୮ (ସମିସ): ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ୧୧ଟି ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠା ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀ ଜିଲ୍ଲାର ପିପିଲି, ନୟାଗଡ଼ ଜିଲ୍ଲାର ରଣପୁର, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଭଦ୍ରକ ଜିଲ୍ଲାର ବାସୁଦେବପୁର, ଅନୁଗୋଳ ଜିଲ୍ଲାର ତାଳଚେର, ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, କଟକ ଜିଲ୍ଲାର ବାଙ୍କୀ ଓ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠା ହେବାକୁ ଯାଉଛି।

# ୪ ଜିଲ୍ଲା ପାଇଁ ବିଜେଡି ସଭାପତି ନିଯୁକ୍ତ

ଭୁବନେଶ୍ୱର, ୪।୮ (ସମିସ): ବିଜେଡି ପକ୍ଷରୁ ୪ ଜିଲ୍ଲା ପାଇଁ ସଭାପତି ନିଯୁକ୍ତ କରାଯାଇଛି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲା ସଭାପତି ଭାବେ ବିକ୍ରମ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ କେନ୍ଦ୍ରାପଡ଼ା ପାଇଁ ଶିବ ପ୍ରସାଦ ଭୋଳ, କଳାହାଣ୍ଡି ପାଇଁ ପ୍ରଦୀପ କୁମାର ଦିଶାରୀ ଓ କଟକ ଜିଲ୍ଲା ପାଇଁ ପ୍ରଫୁଲ୍ଲ ସିଂଙ୍କୁ ନିଯୁକ୍ତି ମିଳିଛି।

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

# ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଜେରା

କଟକ, ୪।୮ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି। ଏହି ଘଟଣାରେ ବୋର୍ଡ ଉପସଭାପତି ନୀହାର ରଂଜନ ମହାନ୍ତିଙ୍କ ଗିରଫଦାରୀ ପରେ ଶ୍ରୀ ମହାନ୍ତିଙ୍କ ସହ ଗତ କିଛି ଦିନ ଧରି ବୋର୍ଡ କାର୍ଯ୍ୟାଳୟର ଆଉ କେଉଁମାନେ ଅଧିକ ସମ୍ପର୍କରେ ଥିଲେ, ତାହାର ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବୋର୍ଡ କାର୍ଯ୍ୟାଳୟର ଆଉ ଜଣେ ମହିଳା ଡାଟାଏଣ୍ଟ୍ରି ଅପରେଟରଙ୍କୁ ଜେରା କରାଯାଇଛି। ସମ୍ପୃକ୍ତ ମହିଳା ଡାଟାଏଣ୍ଟ୍ରି ଅପରେଟର୍‌ଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ କି ଭୂମିକା ରହିଥିଲା, ଉପ-ସଭାପତିଙ୍କ ଲାପଟପକୁ ସେ ବ୍ୟବହାର କରିଥିଲେ କି ନାହିଁ; ସେ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଇଛି। ଅପରପକ୍ଷେ, ପ୍ରଶ୍ନପତ୍ର ପ୍ରଘଟ ଘଟଣାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ନୀହାର ରଂଜନ ମହାନ୍ତି, ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ସଂଘ ନେତା ବିଜୟ କୁମାର ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ୩ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରିବ ବୋଲି ଜଣାପଡ଼ିଛି। ରିମାଣ୍ଡରେ ଅଣାଗଲେ ଏମାନଙ୍କୁ ସାମ୍ନାସାମ୍ନି ଜେରା କରାଯିବା ଫଳରେ ଅଧିକ ତଥ୍ୟ ମିଳିପାରିବ ବୋଲି କୁହାଯାଇଛି। ବିଶେଷକରି ପ୍ରଶ୍ନପତ୍ର ଲିକ ଘଟଣାରେ ଟଙ୍କା କାରବାର ଉପରେ ଅଧିକ ଖୋଳତାଡ଼ କରାଯିବ। ବିଭିନ୍ନ ଜିଲ୍ଲାରୁ କେତେ ଟଙ୍କା କାହା ଜରିଆରେ ଆଦାୟ ହୋଇଛି, ସେ

## ୩ଜଣଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରିବ କ୍ରାଇମବ୍ରାଞ୍ଚ

ସମ୍ପର୍କିତ ତଥ୍ୟ ଏମାନଙ୍କୁ ଅଧିକ ଜେରା ପରେ ମିଳିପାରିବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ।

ପୂର୍ବରୁ ମଧ୍ୟ ଗତ ୨୦୧୯ ଓ ୨୦୨୨ରେ ପ୍ରଶ୍ନପତ୍ର ଲିକ୍ ନେଇ ଅଭିଯୋଗ ଉଠିଥିଲା। ସେହି ସମୟରେ ବୋର୍ଡ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିଲା। ଏ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମବ୍ରାଞ୍ଚ ୩ ଅଭିଯୁକ୍ତଙ୍କୁ ଜେରା କରିବ ବୋଲି କୁହାଯାଉଛି। ବୋର୍ଡ ଉପସଭାପତି ଓ ଡାଟାଏଣ୍ଟ୍ରି ଅପରେଟର୍ ଗିରଫ ହେବା ସତ୍ତ୍ୱେ ବୋର୍ଡର ଆଉ କିଛି କର୍ମଚାରୀ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତ ଥିବା ନେଇ କ୍ରାଇମବ୍ରାଞ୍ଚ ସନ୍ଦେହ ପ୍ରକଟ କରିଛି। ବୋର୍ଡ କାର୍ଯ୍ୟାଳୟକୁ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଦଳ ବାରମ୍ବାର ଆସି ବିଭିନ୍ନ ଦସ୍ତାବିଜ ଯାଞ୍ଚ କରୁଥିବା ବେଳେ ଅନ୍ୟ କର୍ମଚାରୀମାନେ ଆଶା ଆଶଙ୍କାରେ ରହିଛନ୍ତି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଛନ୍ଦି ହୋଇଥିବା ବୋର୍ଡ ପାଇଁ ଆସନ୍ତା ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ଏକ ବଡ ଆହ୍ୱାନ ହୋଇଛି। ଏଥିପୂର୍ବରୁ ଲୋକସେବା ଭବନରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଆଲୋଚନା କରିଥିବା ଜଣାପଡ଼ିଛି। ଆଗାମୀ ପରୀକ୍ଷା ପରିଚାଳନାରେ କାହାର କ'ଣ ଭୂମିକା ରହିବ, ତାହାକୁ ନେଇ ବୋର୍ଡ ହରଡ଼ଘଣାରେ ପଡ଼ିଛି।

ପ୍ରକାଶଥାଉକି ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫଦାରୀ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୮ରେ ପହଞ୍ଚିଛି। ଆଗକୁ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ଜଣାପଡିଛି।



ଶ୍ରାବଣ ମାସ ଶେଷ ସୋମବାରରେ ସମ୍ବଲପୁର ଝାଡୁଆପଡ଼ାର ଲୋକନାଥ ବାବା ବର୍ଫାନି ବେଶରେ ଦର୍ଶନ ଦେଉଛନ୍ତି

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ଯଦି କୋଲ୍‌ହାପୁରକୁ ମିଳିପାରିବ, ପଶ୍ଚିମ ଓଡ଼ିଶାକୁ କାହିଁକି ନୁହେଁ

ସମ୍ବଲପୁର, ୪।୮ (ସମିସ): ଦଶନ୍ଧି ଦଶନ୍ଧି ଧରି ପଶ୍ଚିମାଞ୍ଚଳର ଜନସାଧାରଣ, ବାର୍ ଆସୋସିଏସନ୍‌ର ଆଇନଜୀବୀ, ବିଭିନ୍ନ ସଙ୍ଗଠନମାନେ ନିଜର ହକ୍ ପାଇଁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଆନ୍ଦୋଳନ କରି ଆସୁଛନ୍ତି। ଦାବିର ଆଇନଗତ, ପ୍ରଶାସନିକ ଏବଂ ମାନବିକ ଦୃଷ୍ଟିକୋଣରୁ ଯଦି ଦେଖିବା ଆମର ଦାବି ଯଥାର୍ଥ ଅଟେ। ଆମ ପଶ୍ଚିମ ଓଡ଼ିଶାର ୧୦ରୁ ଉର୍ଦ୍ଧ୍ୱ ଜିଲ୍ଲାର ଜନସାଧାରଣ ନ୍ୟାୟ ପାଇଁ କଟକ ଯିବାକୁ ହେଲେ ୩୦୦ରୁ ୫୦୦ କିମି ଯାତ୍ରା କରିବାକୁ ପଡୁଛି, ଏଥିରେ ଜନସାଧରଣ ଅନେକ ପ୍ରକାର ଖର୍ଚ୍ଚାନ୍ତ ଏବଂ କଷ୍ଟ ଭୋଗୁଛନ୍ତି। ଏହାସହ ଆଇନ କମିଶନ ଏବଂ ଯଶବନ୍ତ ସିଂହ କମିଶନ ପୂର୍ବରୁ ଦୁର୍ଗମ ଅଞ୍ଚଳରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତାକୁ ସ୍ୱୀକାର ମଧ୍ୟ କରିସାରିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଶ୍ରୀ ରୋହିତ ପୂଜାରୀ କହିଛନ୍ତି ଯେ ଯଦି ମହାରାଷ୍ଟ୍ରର କୋଲ୍‌ହାପୁରକୁ ହାଇକୋର୍ଟ ବେଞ୍ଚ ମିଳିପାରିବ, ତେବେ ପଶ୍ଚିମ ଓଡ଼ିଶାକୁ କାହିଁକି ନୁହେଁ; ପଶ୍ଚିମ ଓଡ଼ିଶାକୁ ଆଉ ନ୍ୟାୟ ପାଇବାରୁ ବଞ୍ଚିତ କରାଯାଇପାରିବ ନାହିଁ। ଶ୍ରୀ ପୂଜାରୀ କହିଛନ୍ତି ଯେ ବିଭିନ୍ନ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ ମହାରାଷ୍ଟ୍ର ରାଜ୍ୟର କୋଲ୍‌ହାପୁର ଠାରେ ଆସନ୍ତା ୧୮ ଅଗଷ୍ଟରୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ କରିବ। ଏହି ଖବର ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଏହା ପଶ୍ଚିମ ମହାରାଷ୍ଟ୍ରର ଅନେକ ଜିଲ୍ଲାର ଜନସାଧାରଣଙ୍କ ପାଇଁ ନ୍ୟାୟ ଉପଲବ୍ଧରେ ବେଶ୍ ସହାୟକ ହେବ। କିନ୍ତୁ ଏଠି ଏକ ଗମ୍ଭୀର ପ୍ରଶ୍ନ ମଧ୍ୟ ଉଠୁଛି ଯେ ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ଯାହାକି ପଶ୍ଚିମ ଓଡ଼ିଶାର ଜନମାନସଙ୍କ ଦୀର୍ଘ ଦିନରୁ ରହିଥିବା ଦାବୀକୁ କାହିଁକି ଅଣଦେଖା କରାଯାଉଛି। ଯଦି ମହାରାଷ୍ଟ୍ରରେ ବିଜେପି ନେତୃତ୍ୱରେ କୋଲ୍‌ହାପୁରର ଦାବି ପୂରଣ ହୋଇପାରିବ, ତେବେ ପଶ୍ଚିମ ଓଡ଼ିଶା ପ୍ରତି ଏହି ଉଦାସୀନତା କାହିଁକି? ଓଡ଼ିଶାରୁ ମାତ୍ର ଦୁଇଜଣ ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗକୁ ଉଠାଇଥିଲେ, ଜଣେ ହେଲେ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ଅନ୍ୟଜଣକ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେନ୍ଦ୍ର ସରକାରଙ୍କୁ ଅନେକ ଥର ଚିଠି ଲେଖି ପଶ୍ଚିମ ଓଡ଼ିଶାରେ ଏକ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। କେନ୍ଦ୍ର ସହିତ ରାଜନୈତିକ ଭାବରେ ସମନ୍ୱିତ ନ ହେବା ସତ୍ତ୍ୱେ, ବିଜେଡି ସରକାର ସାମ୍ବିଧାନିକ ଉପାୟରେ ଏହି ଦାବିକୁ ଆଗକୁ ବଢ଼ାଇବା ପାଇଁ ଗମ୍ଭୀର ପ୍ରୟାସ କରିଥିଲେ। ବିଜେପିର ନିର୍ବାଚନୀ ପ୍ରତିଶ୍ରୁତିରେ ମଧ୍ୟ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କଥା ରହିଥିବାବେଳେ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ଭାବାବେଗକୁ ଏକ ଉପେକ୍ଷା ମନେ ହେଉଛି। କିନ୍ତୁ ବର୍ତ୍ତମାନ ବିଜେପି ଉଭୟ ସରକାରଙ୍କୁ ନିୟନ୍ତ୍ରଣ କରୁଛି, ଯଦି ଏବେ ନୁହେଁ, ତେବେ କେବେ? ପଶ୍ଚିମ ଓଡ଼ିଶା ପାଇଁ ନ୍ୟାୟ ଏକ ଅନୁଗ୍ରହ ନୁହେଁ, ଏହା ଏକ ଅଧିକାର। ଆମେ ଦାବି କରୁଛୁ ସମ୍ବଲପୁରରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରାଯାଉ, କେନ୍ଦ୍ରୀୟ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟ ସମୟସୀମା ଏବଂ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉ ବେଞ୍ଚ ପ୍ରତିଷ୍ଠା ପାଇଁ, ବର୍ତ୍ତମାନ ଯେହେତୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଜେପି ଦଳର ତେବେ ଏହାପାଇଁ ସେମାନେ ସମ୍ପୂର୍ଣ୍ଣ ଭାବରେ ଉତ୍ତରଦାୟୀ ରହିବେ। ଯଦି ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନ କରାଯାଏ ତେବେ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ସହ ମିଶି ଆମେ ସମସ୍ତ ପ୍ରକାର ଲଢେଇ ଲଢ଼ିବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ବିଜେପି ନେତା ଓ ଡବଲ ଇଞ୍ଜିନ ସରକାର ଚୁପ୍ କାହିଁକି?

ସମ୍ବଲପୁର: ବମ୍ବେ ହାଇକୋର୍ଟର ୪ର୍ଥ ବେଞ୍ଚ କୋଲ୍‌ହାପୁରରେ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ପୂର୍ବରୁ ନାଗପୁର, ଔରଙ୍ଗାବାଦ ଓ ଗୋଆ ନିକଟରେ ୩ଟି ଥାଇ ଚତୁର୍ଥଟି ହେବା ପାଇଁ ଅନୁମୋଦନ ମିଳିସାରିଛି। ଏହା ଆସନ୍ତା ୧୮ ଅଗଷ୍ଟରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। କର୍ଣ୍ଣାଟକ, ମାଡ୍ରାସ, ଆଲାହାବାଦ, ଗୌହାଟୀ, ମଧ୍ୟପ୍ରଦେଶ, କେରଳ ସମେତ ଅନେକ କିଛି ହାଇକୋର୍ଟର ସ୍ଥାୟୀ ବେଞ୍ଚ ଅଛି। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏକ ସ୍ଥାୟୀ ବେଞ୍ଚ ନେଇ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦାବି ରହିଆସିଛି। ପୂର୍ବରୁ ବିଜେପି ଦଳ କ୍ଷମତାକୁ ଆସିଲେ ହାଇକୋର୍ଟର ସ୍ଥାୟୀ ବେଞ୍ଚ କରିବେ ବୋଲି ଜନତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଅର୍ଡିନେନ୍ସ କରି କରିଦେବୁ ବୋଲି ଦୃଢ଼ ପ୍ରତଶ୍ରୁତି ଦେଇଥିଲେ। ସେ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଜିଲ୍ଲା କଂଗ୍ରେସ ସଂଯୋଜକ ଦୁର୍ଗା ପାଢ଼ୀ ପ୍ରଶ୍ନ କରିଛନ୍ତି। ୧୩ ମାସର ଡବଲ ଇଞ୍ଜିନ ବିଜେପି ସରକାର ତାର ନିଜ ପ୍ରତିଶ୍ରୁତି ରକ୍ଷାକରୁ। ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ପାଇଁ ଏହା ସମ୍ପୂର୍ଣ୍ଣ ସମ୍ଭବ। ଡବଲ ଇଞ୍ଜିନ ବିଜେପି ସରକାର ଏହା କାର୍ଯ୍ୟକାରୀ କରି ସମ୍ବଲପୁରରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରୁ ବୋଲି ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ, ଏଆଇସିସି ସମ୍ପାଦକ ଆସଫ ଖାଁ, ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବରିହା ପ୍ରମୁଖ ପ୍ରେସ ବିବୃତି ମାଧ୍ୟମରେ ଦାବି ଜଣାଇଛନ୍ତି।

## ରେଳବାଇ କର୍ମଚାରୀ ପୁରସ୍କୃତ



ସମ୍ବଲପୁର, ୪।୮ (ସମିସ): ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଚାରମାଲ ଟ୍ରାକ୍ ମେଣ୍ଟେନର-୧ ଅଜିତ କୁମାର ପିଲାଇ, ଲୋଇସିଂହା ଟ୍ରାକ୍ ମେଣ୍ଟେନର-୪ ମନୋଜ ସିକା ଓ ଲକ୍ଷ୍ମଣ କୁମାର ପାତ୍ର, ବରିଷ୍ଠ ମାଲବାହୀ ଟ୍ରେନ୍ ପ୍ରବନ୍ଧକ, ସମ୍ବଲପୁର ସବ୍ୟସାଚୀ ବିଶ୍ୱାସ ଏବଂ ବରିଷ୍ଠ ସହାୟକ ଲୋକୋ ପାଇଲଟ୍, ଟିଟିଲାଗଡ଼ ଅନିଶ ରଞ୍ଜନଙ୍କୁ ନିରାପତ୍ତା ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ହୋଇଥିବାରୁ ପୁରସ୍କୃତ କରାଯାଇଛି। କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ସେମାନଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହି ଅବସରରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଓପି) ବିନାୟକ ବେହେରା, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସର୍ଟସର୍କିଟ୍‌ରୁ ଜଳିଗଲା କାର୍ ସମ୍ମୁଖଭାଗ

ସମ୍ବଲପୁର, ୪।୮ (ସମିସ): ସମ୍ବଲପୁର ଚର୍ଚ୍ଚ ଛକ ନିକଟରେ ଛିଡ଼ା ହୋଇଥିବା ଏକ କାର୍‌ର ସମ୍ମୁଖ ଭାଗ ଆଜି ସର୍ଟସର୍କିଟ୍ ଯୋଗୁଁ ସମ୍ପୂର୍ଣ୍ଣ ଜଳିପୋଡ଼ି ଯାଇଛି। ସୂଚନାନୁଯାୟୀ, ଜଣେ ବ୍ୟକ୍ତି ପରିବାର ସହ ଟାଟା ଇଣ୍ଡିଗୋ ଇସିଏସ୍ କାର ନଂଓଡି୧୫-ଇ୦୯୫୦ ଯୋଗେ ଭୁବନେଶ୍ୱରରୁ ଆସି ପ୍ରାୟ ୧୨ଟା ସମୟରେ ସମ୍ବଲପୁରରେ ପହଞ୍ଚିଥିଲେ। ସେ ଚର୍ଚ୍ଚ ଛକସ୍ଥିତ ହୋଟେଲ ସଂଗ୍ରାମ ଅପରପାଶ୍ୱର୍ରେ ରାସ୍ତା ଉପରେ ଗାଡ଼ିକୁ ପାର୍କିଂ କରି ବ୍ୟକ୍ତିଗତ କାମରେ ଯାଇଥିଲେ। ପ୍ରାୟ ସାଢ଼େ ୩ଟା ବେଳକୁ ଗାଡ଼ିରୁ ଧୂଆଁ ବାହାରି ସମ୍ମୁଖ ଭାଗରେ ନିଆଁ ଲାଗିଯାଇଥିଲା। ଖବରପାଇଁ ସହକାରୀ ଅଗ୍ନିଶମ ଅଧିକାରୀ ସୁଦାମ କିସକୋ ତୁରନ୍ତ ଦମକଳ ଓ ଆଗ୍ନିକ ଦଳ ସହ ଆସି ନିଆଁ ଲିଭାଇଥିଲେ। ତେବେ, ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ପୋଡ଼ିଯାଇଛି।



## ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିକଲା ସମ୍ବଲପୁର ଜିଲ୍ଲା କଂଗ୍ରେସ

ସମ୍ବଲପୁର, ୪।୮ (ସମିସ): ବଳଙ୍ଗା ପୀଡ଼ିତା ୧୫ ଦିନ ଧରି ଜୀବନ ସହ ସଂଗ୍ରାମ ପରେ ଶେଷରେ ଆଖି ବୁଜିଛନ୍ତି। ଏତେ ବଡ଼ ଦୁର୍ଘଟଣା ପରେ ବିଜେପି ସରକାର, ପୁଲିସ ପ୍ରଶାସନ କେବଳ ଶୋକବାର୍ତ୍ତା ଦେଇ ନିଜ ଦାୟିତ୍ୱ ସାରିଦେବା ଏବଂ ଅପରାଧୀଙ୍କୁ ଗିରଫ କରି ନପାରିବା ଅତି ଦୁର୍ଭାଗ୍ୟଜନକ ବୋଲି ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ବୈଠକରେ ମତପ୍ରକାଶ ପାଇଛି। ଚାରି ଚାରି ଥର ବୟାନ ଦେଇଥିବା ପୀଡ଼ିତା ଜଣକ ମାନସିକସ୍ତରରେ ସକ୍ଷମ ଥିବା ଏବଂ ସୁସ୍ଥ ହୋଇ ଆସୁଥିବାବେଳେ ଆକସ୍ମିକ ମୃତ୍ୟୁ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଏହା ଓଡ଼ିଶାରେ ମହିଳାଙ୍କ ସୁରକ୍ଷା, ସରକାରୀ ବ୍ୟବସ୍ଥା ଓ ନ୍ୟାୟ ପ୍ରକ୍ରିୟାର ବିଶେଷ ଦୁର୍ବଳତାକୁ ପ୍ରକାଶ କରୁଛି। ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ ବ୍ୟବସ୍ଥାର ହତ୍ୟା ବୋଲି ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ପୁଲିସ ତଦନ୍ତର ବିଭିନ୍ନ ଦିଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଥିବା କାରଣରୁ ମୁଖ୍ୟମନ୍ତ୍ରୀ ଯେ କି ଗୃହ ବିଭାଗର ଦାୟିତ୍ୱରେ ଅଛନ୍ତି ସେ ତୁରନ୍ତ ଇସ୍ତଫା ଦିଅନ୍ତୁ। ଅପରପକ୍ଷେ ତଦନ୍ତ ବାଟବଣା ନହେବା ପାଇଁ ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଜିଲ୍ଲା କଂଗ୍ରେସ ଦାବି କରିଛି। ସମ୍ବଲପୁର କଂଗ୍ରେସ ଭବନରେ ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବରିହା, କୁଚିଣ୍ଡା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଅଖିଳ ପ୍ରତାପ ସିଂ, ନେତା ଜିତେନ୍ଦ୍ର ସାହୁ, ନାରୀ ନେତ୍ରୀ ସୂତପା ମିତ୍ର, ପିସିସି ସଭ୍ୟା ସୁରଞ୍ଜିନୀ ବାରିକ, ସୁମନ୍ତ ସ୍ୱାଇଁ, ପ୍ରକାଶ ଶତପଥୀ, ଅରୁଣ ଶିବ ପ୍ରଧାନ, ରବି ରାଉତ, ଜିତେନ ମହାନନ୍ଦ, ଦଶରଥ ଦାସ, ବାବୁ ଖାଁ, ବବିତା ପଟ୍ଟନାୟକ, ଏମ୍‌ଡି ଅକ୍ତର ସମେତ ଅନେକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ବଳଙ୍ଗା ଓ ବାଲେଶ୍ୱର ଛାତ୍ରୀ ଘଟଣାର ନ୍ୟାୟିକ ତଦନ୍ତ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ କରାଯାଉ ଓ ସତ୍ୟ ଉନ୍ମୋଚନ ହେଉ ବୋଲି ଜିଲ୍ଲା ସଂଯୋଜକ ଶ୍ରୀ ପାଢ଼ୀ ଦାବି କରିଛନ୍ତି। ବରିଷ୍ଠ ନେତା ଗୋବିନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ଜିଏମ୍‌ୟୁ ରାଜନୀତି ବିଜ୍ଞାନ ବିଭାଗରେ କର୍ମଶାଳା

ସମ୍ବଲପୁର, ୪।୮ (ସମିସ): ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପ ଉଦାହରଣ ଦେଇ ସାମାଜିକ ରୁଢ଼ିବାଦ ଓ ନାରୀଶିକ୍ଷା ପ୍ରତି ବିରୋଧୀ ମନୋଭାବ ଦର୍ଶାଉଛି। କୁନ୍ତଳା କୁମାରୀ ସାବତଙ୍କୁ ଏକ ନାରୀ ମୁକ୍ତି ଓ ଶିକ୍ଷା ସୂର୍ଯ୍ୟ ଭାବରେ ବର୍ଣ୍ଣନା କରିଥିଲେ ଏବଂ ସାବିତ୍ରୀ ବାଇ ଫୁଲେଙ୍କ ଅବଦାନ ରହିଛି, ଯେଉଁଥିରେ ଗରିବ ଓ ଦଳିତ ନାରୀମାନେ ପାଇଁ ସେ ଶିକ୍ଷା ପ୍ରଚାର କରିଥିଲେ। ସାମାଜିକ ଧାରଣା ଓ ପୁରୁଷ ପ୍ରଭୁତ୍ୱ ଆଧାରିତ ଚିନ୍ତାଧାରା ଫଳରେ ନାରୀଙ୍କୁ ବେଶି ଭାଗ କ୍ଷେତ୍ରରେ ତ୍ରୁଟିପୂର୍ଣ୍ଣ ଭାବେ ଚିତ୍ରଣ କରାଯାଏ। ଏହି ଭାବନାରେ ନାରୀମାନେ କେବଳ ଘର ଓ ପରିବାର ପାଇଁ ଅନୁକୂଳ ଭାବେ ଦେଖାଯାନ୍ତି, ତାଙ୍କ ସ୍ୱାଧୀନ ମନ, ଦୃଢ଼ ମତ ଓ ସମାଜ ଗଠନରେ ତାଙ୍କର ଭୂମିକାକୁ ଅଣଦେଖା କରାଯାଏ। ଏହି ଭୁଲ ଚିନ୍ତାଧାରା ନାରୀଙ୍କ ଅସ୍ତିତ୍ୱକୁ କେବଳ ଏକ ଉପାଦାନ ଭାବେ ବୁଝିଥାଏ, ଯାହା ତାଙ୍କ ସ୍ୱତନ୍ତ୍ରତା ଓ ବିକାଶକୁ ବାଧା ଦେଉଛି। ଏଣୁ ଏପରି ରଢ଼ିବାଦୀ ଭାବନା ଭଙ୍ଗ କରିବା ପାଇଁ ଶିକ୍ଷା ଏବଂ ସାମାଜିକ ଜାଗୃତି ଅତ୍ୟନ୍ତ ଆବଶ୍ୟକ ବୋଲି ବକ୍ତାଦ୍ୱୟ ଆହ୍ୱାନ ଦେଇଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ରାଜନୀତି ବିଜ୍ଞାନ ବିଭାଗ ଅଧୀନସ୍ଥ ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ଭାରତରେ ସାମାଜିକ ଲିଙ୍ଗ ଓ ରାଜନୀତି' ଶୀର୍ଷକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଏବଂ ଶୈଳବାଳା ମହିଳା କଲେଜର ସହଯୋଗୀ ପ୍ରଫେସର ଡଃ ମୌସୁମୀ ପଟ୍ଟନାୟକ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରି ଭାରତର ରାଜନୈତିକ ବ୍ୟବସ୍ଥାରେ ସାମାଜିକ ଲିଙ୍ଗ ଭୂମିକାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କର୍ମଶାଳାରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଓ ରାଜନୀତି ବିଜ୍ଞାନ ବିଭାଗର ସଂଯୋଜକ ଡଃ କେଶବ ଚନ୍ଦ୍ର ରଥ ଉପସ୍ଥିତ ଥିଲେ। ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ସଂଯୋଜିକା ଡଃ ବନିତା ମହାନନ୍ଦିଆ କର୍ମଶାଳା ସଂଚାଳନ କରିଥିଲେ।

## ସମସ୍ୟା ଘେରରେ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

### ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା

ରେଢ଼ାଖୋଲ, ୪।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଡବାହାଲ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଦିନ ବିଦ୍ୟାଳୟ ପରିଚାଳନା କମିଟି ଅଭିଭାବକ ଗ୍ରାମବାସୀ ମିଳିତ ଭାବରେ ସ୍କୁଲର ବିଭିନ୍ନ ସମସ୍ୟାକୁ ନେଇ ସ୍କୁଲର ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ମୋଟ ୧୮୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଥି ମଧ୍ୟରେ ବିଦ୍ୟାଳୟରେ ଏକ ବର୍ଷ ହୋଇ ଗଲାଣି ବିଭିନ୍ନ ସମସ୍ୟା ଦେଖା ଦେଇଛି। ଛାତ୍ରଛାତ୍ରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ, ମଧ୍ୟାହ୍ନ ଭୋଜନରେ ଦିଆଯାଉଥିଲା ଭାତରେ ପୋକ ବାହାରୁଛି, ଭଲରେ ଗୋଟିଏ ଶୌଚାଳୟ ନ ଥିବାରୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀ ବାରମ୍ବାର ପ୍ରଶାସନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ଶେଷରେ ବାଧ ହୋଇ ଆଜି ପରିଚାଳନା କମିଟି, ଅଭିଭାବକ ଏବଂ ଗ୍ରାମବାସୀ ବିଦ୍ୟାଳୟର ମୁଖ୍ୟ ଗେଟ୍ ରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଖବର ପାଇ ରେଢ଼ାଖୋଲ ପୁଲିସ ଓ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି ଏବଂ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ସ୍କୁଲ କମିଟି ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଡାକି ଖାତା ପତ୍ର ଯାଞ୍ଚ କରିବା ସହ ଖାତା ପତ୍ରରେ ଭୁଲ୍ ଥିବା ଦେଖି ତାଗିତ କରିଥିଲେ। ଆଗାମୀ ୭ ଦିନ ଭିତରେ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ହୋଇଥିଲା। ଏଥିରେ ବିଦ୍ୟାଳୟରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ପ୍ରଦୀପ କୁମାର ସାହୁ, କୃପାସିନ୍ଧୁ ସାହୁ, ରମାକାନ୍ତ ପ୍ରଧାନ, ଉମାକାନ୍ତ ସାହୁ, କରୁଣା କର ଦେହୁରୀ, ବୈଶାଖି ପୋଢ ପ୍ରମୁଖ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହିଥିଲେ।



## ଫାଇଲେରିଆ ସାମୂହିକ ଔଷଧ ସେବନ ସଚେତନତା କର୍ମଶାଳା

ସମ୍ବଲପୁର, ୪।୮ (ସମିସ): ସମ୍ବଲପୁର ଜିଲ୍ଲା ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍‌ସି) ଅଧିନସ୍ଥ ଅଞ୍ଚଳରେ ଫାଇଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ। ଏହି ଅଞ୍ଚଳରେ ୪୫ ଜଣ ପଜିଟିଭ ରହିଛନ୍ତି। ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୨୮ ଓ ୨୯ର ଗେଣ୍ଟୁଟିପାଲିରେ ୩୨ ଜଣ ଏବଂ ସଂକର୍ମାରେ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଧନୁପାଲି ୟୁପିଏଚ୍‌ସି ଅନ୍ତର୍ଗତ ଅଞ୍ଚଳରେ ୨ ଜଣ ଏବଂ କ୍ଷେତରାଜପୁର ୟୁପିଏଚ୍‌ସି ଅଞ୍ଚଳରେ ଜଣେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ମୋଟ ୪୮ ଜଣ ପଜିଟିଭ ରହିଛନ୍ତି। ସେହିପରି ଗ୍ରାମାଞ୍ଚଳରେ ମାନେଶ୍ୱର ବ୍ଲକର ସାହାସପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଭିକମପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଞ୍ଚଳରେ ମୋଟ ୧୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସମ୍ବଲପୁର ଜିଲ୍ଲାରେ ଅଧିକାଂଶ ବ୍ଲକ ଫାଇଲେରିଆ ପ୍ରବଣ ଥିବାବେଳେ ଗତ ୨୦୨୨-୨୩, ୨୦୨୩-୨୪ ଓ ୨୦୨୪-୨୫ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପରେ ଫାଇଲେରିଆ ଆକ୍ରାନ୍ତ ସଂଖ୍ୟାରେ ହ୍ରାସ ଘଟିଥିବା ଜଣାପଡ଼ିଛି। ଏହାସହ ଚଳିତ ବର୍ଷ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମ୍ନାରେ ଔଷଧ ଖୁଆଇବା ଉପରେ ଗୁରୁତ୍ୱାରୋପ କରାଯାଉଛି। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଇଁଠାପାଲିଠାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ପୂର୍ବାହ୍ଣରେ ଫାଇଲେରିଆ ରୋଗ ନିରାକରଣ ଅଭିଯାନରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ନେଇ ସଚେତନତା ଓ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ (ଏମ୍‌ଡିଏ) ସମ୍ବନ୍ଧିତ ବିସ୍ତୃତ ବିବରଣୀ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ବ୍ଲକ ଅଧିକାରୀ ଓ କର୍ମଚାରୀ, ଏନଜିଓ କର୍ମକର୍ତ୍ତା, ସାମ୍ବାଦିକ ଏବଂ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଯାଇଥିଲା। ଜିଲ୍ଲାରେ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ବ୍ୟାପକ ଔଷଧ ସେବନ (ଏମ୍‌ଡିଏ) ଅଭିଯାନରେ ଫାଲେରିଆ ପ୍ରତିରୋଧକ ଡି.ଇ.ସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ୍ ଔଷଧ ସେବନ କରାଯିବ। କେବଳ ଆଶା କର୍ମୀ / ଅଙ୍ଗନବାଡ଼ି କର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏହି ବଟିକା ଖାଇବା ନିମନ୍ତେ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମ ସହରାଞ୍ଚଳ ସମେତ ପଞ୍ଚାୟତ ଓ ଗ୍ରାମସ୍ତରରେ ଆୟୋଜନ କରାଯିବ। ଯେଉଁଥିପାଇଁ ନିର୍ଦ୍ଧାରିତ ସ୍ଥଳ / ବୁଥ୍, ଘରେ-ଘରେ ପହଞ୍ଚିବା ଜରିଆ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଔଷଧ ସେବନ କରାଯିବ। ଜିଲ୍ଲାର ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରରେ ରୋଗୀ ଓ ସହଯୋଗୀଙ୍କ ପାଇଁ ମଧ୍ୟ ଏହି ସୁବିଧା ରହିବ। ବିଶେଷ ସ୍ଥାନଗୁଡ଼ିକ ଯେପରିକି ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ଶିଳ୍ପ ପ୍ରତିଷ୍ଠାନ, କାରାଗାର ଆଦିରେ ଔଷଧ ସେବନ ସକାଶେ ସ୍ୱତନ୍ତ୍ର ଦଳ ଯାଇ ଔଷଧ ଖୁଆଇବେ। ଚଳିତବର୍ଷ ସାମୁହିକ ଔଷଧ ସେବନକୁ ଶତପ୍ରତିଶତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି।



## ମୁକ୍ତେଶ୍ୱର ଧାମରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼


ଜମନକିରା, ୪।୮ (ସମିସ): ଜମନକିରା ବ୍ଲକ୍ ଅନ୍ତର୍ଗତ ପଶ୍ଚିମାଭିମୁଖି ପ୍ରସିଦ୍ଧ ଶିବ ମନ୍ଦିର ମୁକ୍ତେଶ୍ୱର ଧାମରେ ଶ୍ରାବଣ ଶେଷ ସୋମବାର କାଉଡ଼ିଆ ସହ ଲକ୍ଷାଧିକ ଭକ୍ତ ଯୋଗ ଦେଇ ଥିଲେ। ଭୋର ୨ଟା ରୁ ମନ୍ଦିର କବାଟ ଖୋଲା ଯାଇଥିଲା। ମନ୍ଦିର ପୂଜା କାର୍ଯ୍ୟରେ ଅଲେଖ ମହାପାତ୍ର ଓ ତାଙ୍କ ପରିବାର ସାହାଯ୍ୟ କରିଥିଲେ। ପ୍ରଶାସନ ପକ୍ଷରୁ ଭିଡ଼କୁ ଆଖି ଆଗରେ ରଖି ଆଇଆଇସି ପଦ୍ମାଳୟା ସାହୁ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଶହ ଶହ ଦୋକାନ ବଜାର ଲାଗି ଥିବା ବେଳେ ଅନେକ ସ୍ଥାନରେ ଖାଦ୍ୟ ବଣ୍ଟନ କରାଯାଉଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ପିକେ କାହ୍ନାପାନ, ମାନ ଭଞ୍ଜନ ମେହେର, ଅଶୋକ ମେହେର, ରାଜ କୁମାର କେଡିଆ, ନରେଶ ଅଗ୍ରୱାଲ, ରମେଶ ସାହୁ, ଆଦି ପ୍ରସାଦ ମହାକୁଡ, ସାଲେକରାମ ପଧାନ, ଅମରେଶର ସ୍ୱାଇ, ଜେଇ କୁମାର ପଲସିଆ, ରିଙ୍କୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### • ଚାଉରପୁର ବ୍ରିଜ୍‌ରୁ ଡେଇଁ ନିଖୋଜ

## ସୁବର୍ଣ୍ଣପୁରରୁ ମୃତଦେହ ଉଦ୍ଧାର

ସମ୍ବଲପୁର, ୪।୮ (ସମିସ): ଗତ ମାସ ୨୯ ଚାଉରପୁରସ୍ଥିତ ମହାନଦୀର ଦ୍ୱିତୀୟ ବ୍ରିଜ ଉପରୁ ଜଣେ ବ୍ୟକ୍ତି ଡେଇଁ ନିଖୋଜ ଥିଲେ। ତାଙ୍କ ମୃତଦେହ ସୁବର୍ଣ୍ଣପୁର ଜିଲ୍ଲା ହିକୁଡି ଫାଣ୍ଡି ଅନ୍ତର୍ଗତ ବଢିଲା ଗାଁ ନିକଟ ମହାନଦୀରୁ ରବିବାର ଠାବ କରାଯାଇଛି। ସେ ହେଲେ ପଟ୍ଟନାୟକପଡ଼ାର ଦୁର୍ଗାଶଙ୍କର ପ୍ରଧାନ(୫୯)। ସେ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଥିଲେ। ୩ ମାସରୁ ଅଧିକ ସମୟ ହେଲା ତାଙ୍କ ମୁହଁରେ ଏକ ଆବୁ ବାହାରିଥିଲା। ଏଥିପାଇଁ ଏହାକୁ ନେଇ ସେ ଲଜ୍ଜିତ ଅନୁଭବ କରୁଥିଲେ। କର୍କଟ ହୋଇଥିବା ନେଇ ମଧ୍ୟ ତାଙ୍କ ମନରେ ଆଶଙ୍କା ରହିଥିଲା। ଏହି ଘଟଣାକୁ ନେଇ ମାନସିକ ଭାବରେ ଭାରାକ୍ରାନ୍ତ ହୋଇପଡ଼ିଥିଲେ। ତେଣୁ ସମ୍ଭବତଃ ଏହି କାରଣ ପାଇଁ ଚାଉରପୁର ବ୍ରିଜରୁ ନଦୀକୁ ଡେଇଁ ପଡ଼ିଥିବା ଆଶଙ୍କା କରାଯାଉଥିବା ଟାଉନ ଥାନା ଅଧିକାରୀ ସୁବ୍ରତ ମେହେର କହିଛନ୍ତି। ଶବକୁ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଦୁର୍ଗାଶଙ୍କରଙ୍କ ପରିବାରରେ ପତ୍ନୀ ଏବଂ ବିବାହିତ ଝିଅ, ପୁଅ ଅଛନ୍ତି।








କାଠ ପୋଲ ଭରସା

# ବିପଦସଙ୍କୁଳ ଅବସ୍ଥାରେ ହେଉଛନ୍ତି ନାଳ ପାରି

ଦେବଗଡ଼,୪।୮ (ସମିସ):

ଚନ୍ଦ୍ରକୁ ନିଶୁଣୀ ଲାଗିଲାଣି। ଦେଶ ଚନ୍ଦ୍ରରେ ଯାନ ଗଡ଼େଇ ସାରିଲାଣି ହେଲେ ରାଜ୍ୟରେ ଏକ ଗ୍ରାମରେ ଲୋକେ ନିଜ ଦୈନନ୍ଦିନ ମୌଳିକ ଆବଶ୍ୟକତା ପାଇଁ କାଠ ପୋଲ ଉପରେ ଭରଷା କରିବାକୁ ବାଧ ହେଉଛନ୍ତି। ତିଳେଇବଣି ବ୍ଲକ୍ ଝରାଗୋଗୁଆ ପଞ୍ଚାୟତ ଦେଓଶଙ୍ଖୁଳି ଗାଁରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଆଦିବାସୀ ଅଧ୍ୟୁଷିତ ଏହି ଗାଁର ୪୧ ପରିବାରଙ୍କ ପ୍ରାୟ ୩୦୦ ସଦସ୍ୟ ପ୍ରାୟ ୬ ବର୍ଷ ହେବ ଗାଁକୁ ଯିବା ଆସିବା ପାଇଁ କାଠ ନିର୍ମିତ ପୋଲ ଉପରେ ଭରଷା କରିଚାଲିଛନ୍ତି। ପାହାଡ଼ିଆ ନାଳରେ ବର୍ଷା ଋତୁରେ ନାଳର ପ୍ରଖର ସ୍ରୋତରେ କଂକ୍ରିଟ ପୋଲ ଧୋଇ ହୋଇଯାଇଥିଲା। ସେହିଦିନଠାରୁ ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ ପୋଲ ନିର୍ମାଣ ହୋଇ ପାରିନାହିଁ। ଫଳରେ ଗ୍ରାମବାସୀ ଶ୍ରମଦାନ କରି ନିଜ ପ୍ରଚେଷ୍ଟାରେ



ଶୁଖିଲା ଗଛ ସାହାଯ୍ୟରେ ନାଳ ଉପରେ କାଠ ପୋଲ ନିର୍ମାଣ କରିଛନ୍ତି। ଗାଁରେ ବିଦ୍ୟାଳୟ ନ ଥିବାରୁ ନିକଟସ୍ଥ ଗାଁକୁ ସେହି ପୋଲ ପାରି ହୋଇ ଛାତ୍ରଛାତ୍ରୀ ଯିବା ଆସିବା କରୁଥାନ୍ତି। ଭତ୍ତା ହେଉ କି ପିଡିଏସ ପାଇବା ପାଇଁ ଗ୍ରାମବାସୀଙ୍କୁ କାଠ ପୋଲ ହିଁ ସାହା ଭରଷା। ଗ୍ରାମବାସୀ ଏ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ରାସ୍ତା ଭଳି ମୌଳିକ ସୁବିଧା ଯୋଗାଇବାକୁ ଅନୁରୋଧ କରିଥିଲେ। ବର୍ଷ ବର୍ଷ ଧରି କେବଳ ପ୍ରତିଶ୍ରୁତିରେ ଗ୍ରାମବାସୀଙ୍କ ଆଶା ଅଟକି ରହିଛି। ଗ୍ରାମବାସୀଙ୍କ ସମସ୍ୟାକୁ ସ୍ୱଚକ୍ଷୁରେ ଅନୁଧ୍ୟାନ ପାଇଁ ଖୋଦ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ କାଠ ପୋଲରେ ଚାଲି ବାସ୍ତବିକ ସ୍ଥିତି ବୁଝିଥିଲେ କରିଥିଲେ। ତେବେ ସେ ଅନୁଧ୍ୟାନକୁ ୫ ମାସ ବିତିଥିଲେ ସୁଦ୍ଧା ଗ୍ରାମବାସୀଙ୍କ ସମସ୍ୟା ଯଥା ପୂର୍ବଂ ତଥା ପରଂ ହୋଇ ରହିଛି। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଛି।

## କାଉଡ଼ିଆଙ୍କ ନାରାରେ କମ୍ପିଲା ସିଂହାରପୁର ମନ୍ଦିର



ଝାରସୁଗୁଡ଼ା,୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ ସିଂହାରପୁର ସ୍ଥିତ ବାବା ଝାଡ଼େଶ୍ୱର୍ ଶୈବପୀଠରେ ଶ୍ରାବଣର ଚତୁର୍ଥ ସୋମବାରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ରାତି ୨ଟାରୁ ହଜାର ହଜାର କାଉଡିଆ ପୋଖରୀରେ ବୁଡ ପକାଇ ଜଳ ଉଠାଇ ଜଳାଭିଷେକ କରିବା ପାଇଁ ପହଞ୍ଚିଥିଲେ। ସାଧାରଣ ଶ୍ରଦ୍ଧାଳୁଙ୍କ ମଧ୍ୟ ସକାଳ ୪ ଟାରୁ ଭିଡ ପରିଲକ୍ଷିତ ହୋଇଥିଲା। ରବିବାର ରାତିରୁ ଆଖପାଖ ଅଞ୍ଚଳର ଶିବ ଭକ୍ତଙ୍କ ଦ୍ୱାରା ରାତିସାରା ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ସୋମବାର ଭୋରରୁ ବାବାଙ୍କ ମନ୍ଦିର ଫିଟାଯାଇ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ଆଜି ଶ୍ରାବଣ ମାସର ଚତୁର୍ଥ ପାଳି ଅର୍ଥାତ୍ ଶେଷ ସୋମବାର ହୋଇଥିବାରୁ ନିଜ ନିଜର ମନସ୍କାମନା ପୂରଣ ପାଇଁ ଦିନସାରା ବହୁତ୍ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଶିବ ମନ୍ଦିରରେ ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଥିଲେ ମଧ ଶାନ୍ତି ଶୃଙ୍ଖଳା ସହିତ ମହାଦେବଙ୍କୁ ଦର୍ଶନ କରି ଭକ୍ତମାନେ ଜଳ ଲାଗି କରିଥିଲେ। ଲଖନପୁର ପୁଲିସ ପକ୍ଷରୁ ଯାତ୍ରୀ ମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମୁତୟନ କରାଯାଇଥିଲ। ଛତିଶଗଡ, ସୁନ୍ଦରଗଡ, ସମ୍ବଲପୁର ତଥା ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଭକ୍ତ ବାବାଙ୍କ ଦର୍ଶନ ପାଇଁ ମନ୍ଦିରକୁ ଆସିଥିବା ଦେଖିବାକୁ ମିଳିଥିଲା। ୧୨ ବର୍ଷ ଧରି ଶେଷ ସୋମବାର ମନ୍ଦିରରେ କଟାପାଲି ଗାଁର ଭକ୍ତ ମାନେ ଅନ୍ନ ପ୍ରାସାଦର ବ୍ୟବସ୍ଥା କରି ଆସୁଛନ୍ତି।

## ବାସନ୍ତୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ଚିକିତ୍ସା ଶିବିର

ଝାରସୁଗୁଡ଼ା,୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ସ୍ଥିତ ବାସନ୍ତୀ ଡାକ୍ତରଖାନାରେ ଆସନ୍ତା ୬ ତାରିଖ ନିଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ସ୍ୱର୍ଗତ ବାସନ୍ତୀ ପ୍ରଧାନଙ୍କ ଜୟନ୍ତୀ ଅବସରରେ ଆସନ୍ତା ବୁଧବାର ସକାଳ ୯ ଟାରୁ ଅପରାହ୍ନ ୧ ଟା ଯାଏଁ ଏହି ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହେବ। ଏନେଇ ସୋମବାର ସାମ୍ବାଦିକ ସମ୍ମିଳନୀ କରି ବାସନ୍ତୀ ଡାକ୍ତରଖାନାର ଏମଡି ରାଜ ପ୍ରଧାନ ସୂଚନା ଦେଇଛନ୍ତି। ଶିବିରରେ କ୍ରିଟିକାଲ କେୟାର, ୟୁରୋଲୋଜି, ଗାଇନାକୋଲୋଜି, ଇଏନ୍‌ଟି, ଡେଣ୍ଟିଷ୍ଟ୍ରି, ଗ୍ୟାଷ୍ଟ୍ରୋ ଏଣ୍ଡ୍ରୋଲୋଜି ବିଭାଗର ବିଶେଷଜ୍ଞ ଡାକ୍ତର ମାନେ ଯୋଗଦେଇ ଚିକିତ୍ସା ସେବା ଯୋଗାଇବେ। ଆରବିଏସ, ଏଚବିଏୱାନ୍‌ସି, ଏଚବି, ୟୁରିକ ଏସିଡ, ଲିପିଡ ପ୍ରୋଫାଇଲ, ପେରି ଫେରିଆଲ ନେରୁରୋପାଥି ଡାଇଗ୍ନୋସିସ୍ ଆଦି ଟେଷ୍ଟ ନିଶୁଳ୍କ ଭାବେ କରାଯିବ।



## ଶିକ୍ଷକ ପଦବୀ ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବି

ଝାରସୁଗୁଡ଼ା,୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ପତ୍ରାପାଲି ଗାଁରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ନେଇ ସୋମବାର ସ୍କୁଲ କମିଟି ସଦସ୍ୟ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବଣ ଜଙ୍ଗଲ ଘେରା ସଦର ବ୍ଲକ୍ ପତ୍ରାପାଲି ଗାଁଟି ବିଚ୍ଛିନାଞ୍ଚଳ ଭାବେ ପରିଚିତ। ଏହି ଗାଁ ସଦର ମହକୁମା ଝାରସୁଗୁଡ଼ା ଠାରୁ ପାଖାପାଖି ୩୦ କିମି ଦୂରରେ ଅବସ୍ଥିତ। ୧୯୮୧ ମସିହାରେ ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ସ୍କୁଲ ଖୋଲାଯାଇଥିଲା। ସରକାରୀ ମାନ୍ୟତା ପାଇବା ପରେ ସ୍କୁଲରେ ପାଠପଢ଼ା ଠିକ ଭାବେ ଚାଲିଥିଲା। ପରବର୍ତ୍ତୀ ସମୟରେ ସ୍କୁଲକୁ ୫ଟି ରେ ସାମିଲ କରାଗଲା। ଫଳରେ ସ୍କୁଲ ପରିସରରେ ନୂତନ ଗୃହ ନିର୍ମାଣ, ସ୍ମାର୍ଟ କ୍ଲାସରୁମ, ସୌନ୍ଦର୍ଯ୍ୟକରଣ, ପାନୀୟଜଳ ସୁବିଧା କରାଯାଇଥିଲା। ମାତ୍ର ଦୁଃଖର



ବିଷୟ ଯେ ଏସବୁ ଥାଇ ମଧ ବର୍ତ୍ତମାନ ସ୍କୁଲରେ ପାଠପଢ଼ା ଠିକ ଭାବେ ହେଉନାହିଁ। ବିଦ୍ୟାଳୟରେ ୧ରୁ ଦଶମ ଶ୍ରେଣୀ ଯାଏ ୧୪୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ କେବଳ ୫ ଜଣ ଶିକ୍ଷକ ଅଛନ୍ତି। ସେଥିମଧ୍ୟରୁ ଜଣେ ଖେଳ ଶିକ୍ଷକ ଅଟନ୍ତି। ଶିକ୍ଷକ ଅଭାବରୁ ଗୋଟିଏ କ୍ଲାସରୁମରେ ୩ଟି ଶ୍ରେଣୀର ଛାତ୍ରଛାତ୍ରୀ ବସି ପାଠ ପଢୁଥିବା ଏସଏମସି ସଦସ୍ୟ ମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ବେଳେ ବିଭାଗୀୟ ଅଧିକାରୀ ସ୍କୁଲର ପିଅନ, କ୍ଲର୍କ ଏବଂ ଶିକ୍ଷକ ମାନଙ୍କୁ ଡେପୁଟେସନରେ ଅନ୍ୟତ୍ର ପଠାଉଥିବା ନେଇ କମିଟି ସଦସ୍ୟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏବଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଉଚ୍ଚ ସ୍କୁଲରେ ଶିକ୍ଷକ ନିଯୁକ୍ତି କରିବା ଏବଂ ଡେପୁଟେସନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଦେବାକୁ ସ୍କୁଲ କମିଟି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଦୋକାନ୍ ସହିତ ପାଣି, ବିଜୁଳି ବ୍ୟବସ୍ଥା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ



ଝାରସୁଗୁଡ଼ା,୪।୮ (ସମିସ): ଝାରସୁଗୁଡ଼ା ସହର ସ୍ଥିତ ସରବାହାଲରେ ଥିବା ଆମିଷ ବ୍ୟବସାୟୀ ମାନେ ସୋମବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ସ୍ଥାୟୀ ଦୋକାନ ସହିତ ପାଣି, ବିଜୁଳି ଓ ପିଣ୍ଡି ନିର୍ମାଣ ସକାଶେ ଅନୁରୋଧ କରିଛନ୍ତି। ବ୍ୟବସାୟୀଙ୍କ ଦାବି ଅନୁଯାୟୀ ସରବାହାଲର ଅଞ୍ଚଳର ବିଭିନ୍ନ ସ୍ଥାନରେ ଆମିଷ ବ୍ୟବସାୟ କରି ୫୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ୧୫ ବର୍ଷ ଧରି ନିଜର ଜୀବିକା ଚଳାଇ ଆସୁଛନ୍ତି। କିନ୍ତୁ ବିଭିନ୍ନ ଅଭିଯୋଗ ନେଇ ପୌର ପରିଷଦ ପକ୍ଷରୁ ଜାଗା ଖାଲି କରିବା ପାଇଁ ବାରମ୍ବାର ନୋଟିସ ହୋଇଛି। ଆମିଷ ଦୋକାନ ଗୁଡିକୁ ସୁନାରୀମୁଣ୍ଡା ସ୍ଥିତ ମୋଦୀ ପେଟ୍ରୋଲ ଟାଙ୍କି ସମ୍ମୁଖରେ ପୌର ପରିଷଦ ଜାଗାରେ ଖୋଲିବା ପାଇଁ କୁହାଯାଇଥିଲା। ମାତ୍ର ସେଠାରେ ପାଣି, ବିଦ୍ୟୁତ ଓ ବିକ୍ରି କରିବା ପାଇଁ କୌଣସି ସୁବିଧା ନାହିଁ। ତେଣୁ ବ୍ୟବସାୟୀ ମାନେ ଯିବା ପାଇଁ ଅମଙ୍ଗ ହେଉଥିବା ବେଳେ ପୌର ପରିଷଦରୁ ପୁଣି ନୋଟିସ ଜାରି ହୋଇଛି। ଏହାକୁ ନେଇ ସରବାହାଲର ସମସ୍ତ ଆମିଷ ବ୍ୟବସାୟୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଦାବି ଜଣାଇଛନ୍ତି। ଆମିଷ ବ୍ୟବସାୟୀଙ୍କ ଅଭିଯୋଗକୁ ଗ୍ରହଣ କରି ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ଏସବୁର ବ୍ୟବସ୍ଥା କରିବା ପାଇଁ ପୌର ପରିଷଦର ଇଏ ମାନସରଞ୍ଜନ ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାବି ଜଣାଇବା ସମୟରେ ଆମିଷ ବ୍ୟବସାୟୀ ସଂଘର ଉମେଶ ନାଇକ, ତାଡିଆ କାକ, ପିର ମହମ୍ମଦ, ଭକ୍ତ ଚରଣ ବେହେରା, କୁନି ବେହେରା ପ୍ରମୁଖ ରହିଥିଲେ।

■ ପୌରପରିଷଦ ପକ୍ଷରୁ ଆରମ୍ଭ ହେଲା କାଞ୍ଜିଆହୁଦା

## ଅମାନିଆ ଗୋପାଳକଙ୍କ ଗାଈଗୋରୁଙ୍କୁ ଉଠାଇବ ପୌର ପରିଷଦ

ଦେବଗଡ଼,୪।୮ (ସମିସ): ଦେବଗଡ଼ ପୌର ପରିଷଦ ଅଧୀନ ବିଭିନ୍ନ ସାହି ଗଳିରାସ୍ତାରେ ଗୋରୁ ଗାଈଙ୍କ ଅବାଧ ବିଚରଣ ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଯିବା ସହ ଅନେକ ସ୍ଥାନରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ମାନ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ପୌର ପରିଷଦ ପକ୍ଷରୁ ଗତ କିଛିଦିନ ଧରି ସହରାଞ୍ଚଳର ଗୋ ପାଳକଙ୍କୁ ସେମାନଙ୍କ ଗୋରୁ ଗାଈଙ୍କୁ ରାସ୍ତାରେ ନ ଛାଡିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅନୁରୋଧ କରାଯାଇଛି। ମାତ୍ର କେତେକ ଅମାନିଆ ଗୋ ପାଳକ ସେମାନଙ୍କ ଗାଈଗୋରୁଙ୍କୁ ଦିନରାତି ସହର ମଧ୍ୟରେ ଚରିବାକୁ ଛାଡୁଥିବା ଦେଖାଯାଇଛି। ଫଳରେ ଭାରପ୍ରାପ୍ତ ନଗରପାଳ ପ୍ରଜିତ ଭୋଜଙ୍କ ଅଧ୍ୟକ୍ଷତାରେ ପୌର ପରିଷଦରେ ବୈଠକ ଅନୁଷ୍ଠିତ ହୋଇ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ପୌର ପରିଷଦ ପକ୍ଷରୁ ଏକ କାଞ୍ଜିଆହୁଦାର ବ୍ୟବସ୍ଥା କରାଯାଇଛି। ସେଠାରେ ଅବାଧ ବିଚରଣ କରୁଥିବା ଗାଈ ଗୋରୁଙ୍କୁ ଗୋ ଖାଦ୍ୟ ଦେଇ ରକ୍ଷଣାବେକ୍ଷଣ ସହିତ ଆବଶ୍ୟକ ମୁତାବକ ଚିକିତ୍ସା ସେବା ପ୍ରଦାନ କରାଯିବ। ଏକ ସପ୍ତାହ ପର୍ଯ୍ୟନ୍ତ ପୌର ପରିଷଦ ଏହି ଦାୟିତ୍ୱ ନିର୍ବାହ କରିବ। କାଞ୍ଜିଆହୁଦାରେ ଥିବା ଗୋରୁ ମାନଙ୍କୁ ନିର୍ଦ୍ଧାରିତ ଜରିମାନା ଦେଇ ମୁକୁଳାଇବାକୁ ହେବ। ନଚେତ ଅଟକ ଗୋରୁଙ୍କୁ ନିକଟସ୍ଥ ଗୋ ଶାଳାକୁ ହସ୍ତାନ୍ତର କରାଯିବ ବୋଲି ପୌରାଧ୍ୟକ୍ଷ ଶ୍ରୀ ଭୋଜ ପ୍ରକାଶ କରିଛନ୍ତି।

## ଜିଲ୍ଲା କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣି

ଝାରସୁଗୁଡ଼ା,୪।୮ (ସମିସ): ଜିଲ୍ଲା କାର୍ଯ୍ୟାଳୟସ୍ଥ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଆଇଏଏସ ପ୍ରବେସନର ପ୍ରଜ୍ଞାନନ୍ଦ ଗିରି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୭ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୩ଟି ସାମୂହିକ ଓ ୭୪ଟି ବ୍ୟକ୍ତିଗତ। ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ହଜାର ଟଙ୍କା ଶିବିରରେ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଶିବିରରେ ପତ୍ରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ, ସରବାହାଲରେ ମାଛ ଓ ମାଂସ ଦୋକାନ ପାଇଁ ବ୍ୟବସ୍ଥା, ତାଳମାଳରୁ ମଙ୍ଗଲୁପଡା ପର୍ଯ୍ୟନ୍ତ ପକ୍କା ସଡକ ନିର୍ମାଣ, ଆକ୍ସନ ଇସ୍ପାତ କମ୍ପାନୀର ସମ୍ପ୍ରସାରଣ ଓ ଜମି ଅଧିଗ୍ରହଣକୁ ବିରୋଧ, ମଲଦାରେ ଚାଷ ଜମି ଖାତାରେ ନାମ ପଞ୍ଜୀକରଣ ଆଦି ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ମଧ ଶୁଣାଣି କରାଯାଇଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୪।୮ (ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୪ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ସରକାରୀ ବସ୍ ଚଳାଚଳ, କଳାକାର ଭତ୍ତା, ଭାଗବତ ଟୁଙ୍ଗି, ଲୋକକଳା ଗାଁର ଉନ୍ନତି କରଣ, ବିଦ୍ୟୁତ୍ ଯୋଗାଣ, ଜମିବାଡି ବିବାଦ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଏଜଲିନ୍ ବାରା ଓ ଏସିଏଫ୍ ସ୍ୱାଧୀନତା ସାହାଣୀ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

■ ପୋଷ୍ୟ ସନ୍ତାନ ଗ୍ରହଣ

## ଦମ୍ପତିଙ୍କୁ ଶିଶୁପୁତ୍ର ହସ୍ତାନ୍ତର କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,୪।୮ (ସମିସ): ଶିଶୁ ପୋଷ୍ୟ ସନ୍ତାନ ଗ୍ରହଣ ଚୂଡାନ୍ତ ପ୍ରକ୍ରିୟା ପରେ ୧୨ ବର୍ଷୀୟ ଶିଶୁପୁତ୍ରକୁ ମୟୁରଭଞ୍ଜ ଜିଲ୍ଲାର ଜଣେ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ମୟୁରଭଞ୍ଜର ଏହି ଦମ୍ପତିଙ୍କୁ ଶିଶୁପୁତ୍ର ହସ୍ତାନ୍ତର କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତି ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଦାଦନ ଯାଇ ଶବ ହୋଇ ଫେରିଲେ ଅନିଲ



ଦେବଗଡ଼/ରିଆମାଳ,୪।୮ (ସମିସ): ଜିଲ୍ଲାରେ ଯୁବଗୋଷ୍ଠୀ ପାଇଁ ରୋଜଗାରର ପନ୍ଥା ନାହିଁ। ରୋଜଗାର ଆଶାରେ ଅନେକ ଅନ୍ୟ ରାଜ୍ୟକୁ ଦାଦନ ଭାବେ କାମ କରିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଶବ ହୋଇ ଫେରୁଛନ୍ତି। ଶିଳ୍ପ ସ୍ଥାପନ ପାଇଁ ସରକାରଙ୍କ ଉଦାସୀନତା ଜିଲ୍ଲାରେ ଦାଦନ ସମସ୍ୟାର ବୃଦ୍ଧି କରୁଛି। ଏହି କ୍ରମରେ ରିଆମାଳ ବ୍ଲକ୍ ପରା ପଞ୍ଚାୟତ ଲୋହାରାକୋଟ ଗାଁର ଜଣେ ଯୁବକ ତେଲେଙ୍ଗାନାକୁ ମାତ୍ର ତିନି ମାସ ପୂର୍ବେ ଦାଦନ ଖଟିବାକୁ ଯାଇଥିଲେ। ଗତ ଶନିବାର ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଲୁହୁରାକୋଟ ଗାଁର ଅନିଲ ବିଶ୍ୱାଳ ରୋଜଗାର ଆଶାରେ ଗତ ମେ ମାସରେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ସେ ଏକ ଘରୋଇ ସେମିକଣ୍ଡକ୍ଟର ମ୍ୟାଟେରିଆଲ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଶନିବାର ସେ ହଠାତ୍ ଅଚେତ ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କମ୍ପାନୀ ପକ୍ଷରୁ ଏ ନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। କିଛି ସମ୍ପର୍କୀୟଙ୍କ ସହ ସାନ ଭାଇ ସୁନିଲ ହାଇଦ୍ରାବାଦ ଯାଇଥିଲେ। ଶବ ବ୍ୟବଚ୍ଛେଦ ସରିବା ପରେ ଆଜି ମୃତଦେହ ଧରି ସୁନିଲ ଗାଁକୁ ଫେରିଥିଲେ। ଘଟଣାକୁ ନେଇ ଗାଁରେ ଶୋକାକୂଳ ପରିବେଶ ହୋଇଛି। ମୃତ ଅନିଲଙ୍କ ଏକ ଦେଢ଼ ବର୍ଷର ଝିଅ ରହିଥିବା ଜଣା ପଡ଼ିଛି। ତାଙ୍କ ମୃତ୍ୟୁରେ ପରିବାର ବେସାହାରା ହୋଇପଡ଼ିଛି। ଗ୍ରାମବାସୀ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

**ପରିବାରକୁ ଆର୍ଥିକ ସହଯୋଗ ପାଇଁ ଗ୍ରାମବାସୀଙ୍କ ଦାବି**

## ଇବ ଖାଦାନ ମଜଦୁର ସଂଘ ପକ୍ଷରୁ ନୂତନ କମିଟି ଗଠିତ

ଝାରସୁଗୁଡ଼ା,୪।୮ (ସମିସ): ବ୍ରଜରାଜନଗର ଇବ ଖାଦାନ ମଜଦୂର ସଂଘ ହୀରାଖଣ୍ଡ ବୁନ୍ଦୀଆ ଖଣି ପକ୍ଷରୁ ରାମପୁର ଅଫିସର୍ସ କ୍ଲବ୍ ଠାରେ ସାଧାରଣ ସଭା ସହିତ ନୂତନ କମିଟି ଗଠନ କରାଯାଇଛି। ନୂତନ କମିଟିରେ ଅଧ୍ୟକ୍ଷ ଭାବେ ମହମ୍ମଦ ଏହସାନୁଲ ଅଂଶାରୀ ଏବଂ ସଚିବ ଭାବେ ଆଶିଷ ସମାଲଙ୍କୁ ଚୟନ କରାଯାଇଛି। ଆୟୋଜିତ ବୈଠକରେ ଗୋବିନ୍ଦ ସିଂହ ଅଧ୍ୟକ୍ଷତା କରିଥିବା ବେଳେ ସଞ୍ଚାଳନ ସଂଗଠନର ସୁଜିତ ଝା କରିଥିଲେ। ଭାରତୀୟ ମଜଦୂର ସଙ୍ଘର ମହେଶ୍ୱର ମହନ୍ତ ସଙ୍ଘର ବିଭିନ୍ନ ରୀତିନୀତି ଆଦି ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ଚାଷୀଙ୍କୁ ସାର ଯୋଗାଣ ଦାବି

## ଜିଲ୍ଲା କୃଷି କାର୍ଯ୍ୟାଳୟରେ ତାଲା ପକାଇଲା କଂଗ୍ରେସ



ଦେବଗଡ଼,୪।୮ (ସମିସ):

ଜିଲ୍ଲାର କୃଷକଙ୍କୁ ସାର ଯୋଗାଣ ଦାବିରେ ସୋମବାର ଜିଲ୍ଲା କୃଷି କାର୍ଯ୍ୟାଳୟକୁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମୁଖରେ କମିଟି ସଂଯୋଜକ ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ପହଞ୍ଚି ଧାରଣାରେ ବସିଥିଲେ। ଏଥିସହ କାର୍ଯ୍ୟାଳୟକୁ ଘେରଉ କରି ଭିତରକୁ କୌଣସି କର୍ମଚାରୀଙ୍କୁ ଛାଡି ନଥିଲେ। ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଜିଲ୍ଲା କୃଷି କାର୍ଯ୍ୟାଳୟରେ ତାଲା ପଡ଼ି ବନ୍ଦ୍ ରହିଥିଲା। ପରେ କୃଷି ଅଧିକାରୀ ମନୋଜ ମାରାଣ୍ଡି ଆସି ଧାରଣାରେ ବସିଥିବା କଂଗ୍ରେସ କମିଟି ଜିଲ୍ଲା ସଂଯୋଜକ ସେମ୍ ହେମ୍ବ୍ରମଙ୍କୁ ଆସନ୍ତାକାଲି ଠାରୁ ସାର ଯୋଗାଣ ଆରମ୍ଭ ହେବ ଏବଂ ୭ ଦିନ ମଧ୍ୟରେ ଜିଲ୍ଲା ସାରା ସାର ଯୋଗାଇବା ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ଏବଂ କର୍ମଚାରୀ ମାନେ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ। ଏହି ସମୟରେ ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ ସାହୁ, ଆକାଶ ଦାସ, ରମେଶ ଚନ୍ଦ୍ର ପାତ୍ର, ଜିତେନ୍ଦ୍ର ବେହେରା, ଗୁଣନିଧି ବେହେରା, ରମା ପାତ୍ର, ସୁମନ୍ତ ବେହେରା, ମୁରଲୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚପଡା କ୍ଲଷ୍ଟର ମାସିକ ଶୈକ୍ଷିକ ବୈଠକ



ଝାରସୁଗୁଡ଼ା,୪।୮ (ସମିସ): ପଞ୍ଚପାଡ କ୍ଲଷ୍ଟର ସ୍ତରୀୟ ମାସିକ ଶୈକ୍ଷିକ ଚର୍ଚ୍ଚା ବୈଠକ ଏକାତାଲୀ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝି ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାଇଥିଲେ। ପଞ୍ଚପାଡ଼ ସିଆରସିସି ସୁରଜ ପଟେଲ କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ। ସ୍ନିଗ୍ଧାରାଣୀ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଯୁଗଳ କିଶୋର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଲୁଭେଶ୍ୱରୀ ପଟେଲ ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



ମଣିଷର ନିର୍ବୋଧତାକୁ ହେୟଜ୍ଞାନ କରାଯାଇପାରିବ ନାହିଁ।
-ୟୁଭାଲ୍ ନୋ ହରାରି

ସକାଳ
THE SAKALA

## ଅମର ଅର୍ଥନୀତି

ରୁଷ୍ ସହିତ ଭାରତର ସ୍ଥାୟୀ ବନ୍ଧୁତ୍ୱ ଏବଂ ସମୃଦ୍ଧ ବାଣିଜ୍ୟ କାରବାରରେ ଈର୍ଷାନ୍ୱିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଓ ରୁଷ୍‌ର ଅର୍ଥନୀତିକୁ ଡେଡ୍ ଇକୋନୋମୀ(ମୃତ ଅର୍ଥନୀତି) ଭାବେ ଦାୟିତ୍ୱହୀନ ଓ ବିଚାରବୁଦ୍ଧି ରହିତ ବିବାଦୀୟ ମନ୍ତବ୍ୟଟିଏ ଦେଇଛନ୍ତି। ଆହୁରି ଦୁର୍ଭାଗ୍ୟଜନକ ହେଲା ବାଚାଳାମି ପାଇଁ କୁଖ୍ୟାତ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ଭାରତରେ କେତେକ ମହଲରେ ସମର୍ଥନ ମିଳିଛି। ଟ୍ରମ୍ପଙ୍କ ଏହି ଭାରତ ଅସୂୟା ମନ୍ତବ୍ୟକୁ ବିଶ୍ୱ ସେତେଟା ଗୁରୁତ୍ୱ ଦେଇନି। ଅଥଚ ଭାରତରେ ତାହାର ସ୍ୱାଗତ ଓ ସମର୍ଥନର ସ୍ୱର ଭାରତର ଅସଫଳତାରେ ସ୍ୱାଭାବିକ ଖୁସି ହେଉଥିବା ଶତ୍ରୁ ଦେଶମାନଙ୍କୁ ବେଶି ଆମୋଦିତ କରୁଛି।

ଏବେ ଟ୍ରମ୍ପ ମହାଶୟଙ୍କ ସାଧାରଣଜ୍ଞାନ ରହିତ ମନ୍ତବ୍ୟ କେତେ ଅପରିପକ୍ୱ ତାହା ଉପରେ ଥରେ ଦୃଷ୍ଟି ପକାଯାଉ। ଏକ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଭାରତ ଏବେ ବିଶ୍ୱରେ ଈର୍ଷଣୀୟ ସଫଳତା ଲାଭ କରିଛି। ଭାରତର ଅର୍ଥନୀତିକୁ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ରୂପେ ଘୋଷଣା କରିଛି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି। ଖୋଦ୍ ଟ୍ରମ୍ପ ମହାଶୟ ମଧ୍ୟ ଭାରତର ବିପୁଳ ଖାଉଟି ବଜାରରେ ପାଦ ଥାପିବାକୁ ବ୍ୟାକୁଳ। ସେ ଯୁଗ ଆଉ ନାହିଁ, ଯେତେବେଳେ ଭାରତ ଖାଦ୍ୟ ଶସ୍ୟ ପାଇଁ ଆମେରିକା ପାଖରେ ହାତ ପତେଇବାକୁ ପଡୁଥିଲା। ୧୯୯୧ ମସିହାରେ ଭାରତୀୟ ଅର୍ଥନୀତିର ନୂତନ ସଂସ୍କାର ଓ ସଂରଚନା ତାହାର ମୌଳିକ ଭିତ୍ତିଭୂମିକୁ ଏତେ ସୁଦୃଢ଼ କରିଛି ଯେ ୨୦୦୮ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ମଧ୍ୟ ଦୋହଲାଇ ପାରିନାହିଁ। ଭାରତର ଅର୍ଥନୀତିକୁ 'ଡେଡ୍ ଇକୋନୋମୀ' ଆଖ୍ୟା ଦେବା ପୂର୍ବରୁ ଟ୍ରମ୍ପ ମହାଶୟ ଅନ୍ତତଃ ଥରେ ସ୍ମରଣକୁ ଆଣିବା ଆବଶ୍ୟକ ଥିଲା ଯେ ତାଙ୍କ ଦେଶରୁ ସୃଷ୍ଟ ଆର୍ଥିକ ଅନିୟମିତତା(ସବ୍‌ପ୍ରାଇମ୍ ଲୋନ୍‌ର ପରିଚାଳନାରେ ତ୍ରୁଟି ଯୋଗୁଁ ବୃହତ୍ ଆର୍ଥିକ ସଂସ୍ଥା ଲେହମ୍ୟାନ ବ୍ରଦର୍ସ ଓ ମେରିଲ୍ ଲିଞ୍ଚ ଭୁଶୁଡ଼ି ପଡ଼ିଥିଲା) ସାରା ବିଶ୍ୱ ସମେତ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଥିଲା, ଯାହାର ପ୍ରଭାବରୁ ଅନେକ ଦେଶ ଦୀର୍ଘବର୍ଷ ପର୍ଯ୍ୟନ୍ତ ମୁକୁଳିପାରି ନଥିଲେ। ଅପରପକ୍ଷରେ ଭାରତୀୟ ଅର୍ଥନୀତି କେବଳ ସଦର୍ପେ ଠିଆ ହୋଇ ନ ଥିଲା, ୨୦୦୮-୦୯ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧି ହାର ଦୁଇ ଅଙ୍କ ପାଖାପାଖି ପହଞ୍ଚିଥିଲା।

ଆଇଏମଏଫ୍ ତରଫରୁ ପ୍ରକାଶିତ ବିଗତ ୩୦ ବର୍ଷର ଅର୍ଥନୈତିକ ଦ୍ରୁତ ଅଭିବୃଦ୍ଧି ତାଲିକାର ପ୍ରଥମ ତିନିସ୍ଥାନରେ ଯଥାକ୍ରମେ ଚୀନ୍, ଭାରତ ଓ ରୁଷିଆ ରହିଛନ୍ତି। ସେହି ସମୟ ମଧ୍ୟରେ ବିକଶିତ ଦେଶ ଇଂଲଣ୍ଡ, ଜର୍ମାନୀ ଓ ଜାପାନର ଅର୍ଥନୈତିକ ଅଭିବୃଦ୍ଧି ହାରରେ ହ୍ରାସ ଘଟିଛି। ୧୯୯୫ରେ ଆମେରିକୀୟ ଅର୍ଥନୀତି ତୁଳନାରେ ଭାରତୀୟ ଅର୍ଥନୀତିର ଆକାର ମାତ୍ର ୫% ଥିବା ବେଳେ ୩୦ ବର୍ଷ ଭିତରେ ୧୪% ପ୍ରତିଶତରେ ପହଞ୍ଚି ପାରିଛି। ଆଇଏମ୍‌ଏଫ୍‌ର ଗତ ୨୯ ତାରିଖରେ ପ୍ରକାଶିତ ସଂଶୋଧିତ 'ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍' ୨୦୨୫ରେ ଆମେରିକାର ଅର୍ଥନୀତି ମାତ୍ର ୧% ହାରରେ ଏବଂ ଭାରତର ଅର୍ଥନୀତି ୬.୪ ହାରରେ ବଢ଼ିବ ବୋଲି ଆକଳନ କରିଛି। ତେଣୁ ଭାରତର ଏହି ଈର୍ଷଣୀୟ ଅର୍ଥନୈତିକ ସଫଳତାରେ ଟ୍ରମ୍ପ ମହାଶୟ ଈର୍ଷାନ୍ୱିତ ହୋଇ ଏଭଳି ପିଲାଳିଆମୀ ମନ୍ତବ୍ୟ ଟିଏ ଦେଇଥାଇପାରନ୍ତି।

ଆମେରିକାର ବିଶିଷ୍ଟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ ଆମେରିକା କେବେ ମଧ୍ୟ ଚାହେଁନାହିଁ ଯେ ଭାରତ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉ। କେବଳ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା ପାଇଁ ଭାରତ ସହିତ ଆମେରିକା ଛଳନା କରୁଛି। ଏପରିକି ଆମେରିକା ଭାରତର ଅର୍ଥନୀତିକୁ ଭୟ କରୁଛି। ତେଣୁ ନିକଟ ଭବିଷ୍ୟତରେ ଭାରତୀୟ ଅର୍ଥନୀତିକୁ ସୁହାଇବା ଭଳି କୌଣସି ବାଣିଜ୍ୟ ଚୁକ୍ତି ଆମେରିକା କରିବାର ସମ୍ଭାବନା ନାହିଁ ବୋଲି ସେ ବହୁପୂର୍ବରୁ ଚେତାଇ ଦେଇଥିଲେ, ଯାହା ଏବେ ପ୍ରାୟ ସତ ସାବ୍ୟସ୍ତ ହେବାକୁ ଯାଉଛି। ଯେତେବେଳେ ଟ୍ରମ୍ପଙ୍କ ମତିଗତି ନେଇ ଆମେରିକାର ଅର୍ଥନୀତିଜ୍ଞ ସନ୍ଦୀହାନ, ଆମେ ଭାରତୀୟ ହୋଇ 'ଡେଡ୍ ଇକୋନୋମି' ମନ୍ତବ୍ୟକୁ ସମର୍ଥନ କରିବା କେତେ ସମୀଚୀନ ତାହା ବିଚାର୍ଯ୍ୟ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧାଭାସ ଓ ସମାଲୋଚନା ଅପରିହାର୍ଯ୍ୟ। ତ୍ରୁଟିବିଚ୍ୟୁତି ସୁଧାରି ଶାସନ ବ୍ୟବସ୍ଥାକୁ ସୁସଂହତ ଓ ଲୋକାଭିମୁଖୀ କରିବାରେ ଶାସକଙ୍କ ପାଇଁ ଏହା ଏକ ଦର୍ପଣ ଭଳି କାର୍ଯ୍ୟ କରେ। ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ହେବା ସତ୍ତ୍ୱେ ଭାରତରେ ଅର୍ଥନୈତିକ ବୈଷମ୍ୟ ଉତ୍କଟ ଏବଂ ଏବେ ମଧ୍ୟ ଦେଶର ୮୦ କୋଟି ପରିବାର ରିହାତି ଯୋଜନା ଉପରେ ନିର୍ଭରଶୀଳ। କିନ୍ତୁ ଏ ସମ୍ପର୍କିତ ଆଲୋଚନା-ସମାଲୋଚନା ପାଇଁ ଦେଶର ଆଭ୍ୟନ୍ତରୀଣ ମଞ୍ଚରେ ବିଶାଳ ସୁଯୋଗ ରହିଛି। ଦଳୀୟ ରାଜନୀତି ଓ ଆଦର୍ଶଗତ ଅସୂୟା ଆଧାରରେ ବିରୋଧ କରିବା ପାଇଁ ବିଦେଶୀ ଶକ୍ତିର ସାହାଯ୍ୟ ନେବା କିମ୍ବା ଆକ୍ଷେପ କରିବା ପାଇଁ ଦେଶବିରୋଧୀ ମତ ଓ ମନ୍ତବ୍ୟକୁ ଆଧାର କରିବା ଆଦୌ ଦେଶଭକ୍ତିର ପରିଚୟ ନୁହେଁ। ଅଧିକନ୍ତୁ ଟ୍ରମ୍ପ ବାରମ୍ବାର ଦେଉଥିବା ଭାରତ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ସଂସଦରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇପାରିଥା'ନ୍ତା। ଶାସକ ଦଳକୁ ଦୋଛକିରେ ଛାଡ଼ିବା ପାଇଁ ବିରୋଧୀ ଦଳ ଏହାକୁ ଏକ ଅଭେଦ୍ୟ ଅସ୍ତ୍ର କରିପାରିଥା'ନ୍ତା। ଏହାଦ୍ୱାରା ମଧ୍ୟ ବିରୋଧୀ ଦଳର ରାଷ୍ଟ୍ରପ୍ରୀତି ଭାବମୂର୍ତ୍ତି ଆହୁରି ଉଜ୍ଜ୍ୱଳ ହୋଇଥା'ନ୍ତା। କିନ୍ତୁ ଯାହା ଲାଗୁଛି ଏଭଳି ଏକ ଅମୋଘ ଅସ୍ତ୍ରକୁ ବିରୋଧୀ ଦଳ ହାତଛଡ଼ା କରିଛି। ତା'ସହିତ ଟ୍ରମ୍ପଙ୍କ 'ଡେଡ୍ ଇକୋନୋମୀ' ମତକୁ ସମର୍ଥନ କରି ଅଯଥା ରାଷ୍ଟ୍ରହିତ ପରିପନ୍ଥୀ ଅପବାଦ ମୁଣ୍ଡାଇବା ସାର ହୋଇଛି।

ଆମ ପାଖରେ ରହିଛି ବିଶାଳ ଖାଉଟି ବଜାର, ଯାହା ଆମ ଅର୍ଥନୀତିର ସବୁଠାରୁ ଶକ୍ତିଶାଳୀ ଓ ଅଭେଦ୍ୟ ଢାଲ। ଏହାଛଡ଼ା ଭାରତୀୟ ଅର୍ଥନୀତିର ମୌଳିକ ଢାଞ୍ଚା ଏତେ ସୁଦୃଢ଼ ଯେ ସେଥିରେ କିଛିମାତ୍ରାରେ କେତେବେଳେ କେମିତି ଅତିକ୍ଷଣସ୍ଥାୟୀ ମୃଦୁକମ୍ପନ ସୃଷ୍ଟି ହୋଇପାରେ, କିନ୍ତୁ ଭୁଶୁଡ଼ିବାର ଆଶଙ୍କା ଆଦୌ ନାହିଁ। ଆମ ଦେଶର ବିଚକ୍ଷଣ, ଦୂରଦୃଷ୍ଟି ସମ୍ପନ୍ନ, ଧୂରୀଣ ଅର୍ଥନୀତିଜ୍ଞଙ୍କ ବିଗତ ୭୫ ବର୍ଷର ରଣନୀତି ଆମେ ଅର୍ଥନୀତିକୁ ଅମର କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶାସନ କ୍ଷମତା ଯେଉଁ ରାଜନୈତିକ ଓ ଦଳୀୟ ଆଦର୍ଶ ପରିଚାଳିତ ହେଉ ନା କାହିଁକି, ଆମ ଅର୍ଥନୀତିର ଅମରତ୍ୱ କ୍ଷୁଣ୍ଣ ହେବ ନାହିଁ; ଅନ୍ତତଃ ଏହି ଦୃଢ଼ ବିଶ୍ୱାସ ଦଳମତ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କ ରହିବା ଆବଶ୍ୟକ।

## ବୟସର ସାୟାହ୍ନରେ ଉତ୍କର୍ଷର ସୂର୍ଯ୍ୟୋଦୟ

ମନୋରଞ୍ଜନ ମହାନ୍ତି

ପ୍ରାୟତଃ କୌଣସି ଉଲ୍ଲେଖନୀୟ ଉପଲବ୍ଧି, ଉତ୍କର୍ଷ, ସଫଳତା ଆମ ବୟସ ଆଧାରିତ ଶାରୀରିକ ଓ ମାନସିକ ଦକ୍ଷତା ଉପରେ ନିର୍ଭର କରେ ବୋଲି ଏକ ବଦ୍ଧମୂଳ ଧାରଣା ରହିଛି। ଅନେକେ ମଧ୍ୟ ଆୟୁ-ଉତ୍କର୍ଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଥିବା ବିଶ୍ୱାସ କରନ୍ତି ଏବଂ ବୟସର ଉତ୍ତରାୟଣରେ ହତୋତ୍ସାହିତ ଓ ଉଦାସୀନ ହୋଇପଡ଼ନ୍ତି। ଏହି ମାନସିକ ଭାବନା ସେମାନଙ୍କୁ ପ୍ରତିଭା ଓ ଉପଲବ୍ଧିଠାରୁ ଦୂରେଇ ନିଏ। କିନ୍ତୁ ଆମ ଇତିହାସ ଏଭଳି ଅନେକ ଉଦାହରଣରେ ସମୃଦ୍ଧ, ଯେଉଁଠାରେ ଉପଲବ୍ଧି ଓ ଉତ୍କର୍ଷ ଆଗରେ ବୟସ ହାର ମାନିଛି। ବୟସର ସାୟାହ୍ନରେ ଉପଲବ୍ଧିର ସୂର୍ଯ୍ୟୋଦୟ ଘଟିଛି।

୨୦୨୧ ମସିହା ସେପ୍ଟେମ୍ବର ମାସରେ ପୃଥିବୀର ଦୁଇଜଣ ମହାନ୍ କଳାକାରଙ୍କ ଦେହାନ୍ତ ହୋଇଥିଲା। ଜଣେ ଥିଲେ ଗ୍ରୀସ୍‌ର ସଙ୍ଗୀତକାର ମିକିସ୍ ଥିଓଡୋରାକିସ୍। ଆଉ ଜଣେ ଫ୍ରାନ୍ସର ଅଭିନେତା ଜାଁ-ପଲ୍ ବେଲ୍‌ମୋଣ୍ଡୋ। ଥିଓଡୋରାକିସ୍ ୧୯୨୫ ମସିହା ଜୁଲାଇ ୨୯ ତାରିଖରେ ଚିଓସ୍‌ର ପୂର୍ବ ଏଜିଆନ୍ ଦ୍ୱୀପରେ ଜନ୍ମ ହୋଇଥିଲେ ଏବଂ ଅଳ୍ପ ବୟସରୁ ସଙ୍ଗୀତ, କବିତା ରଚନାରେ ମନ ଦେଇଥିଲେ। ୨ୟ ବିଶ୍ୱଯୁଦ୍ଧ ସମୟରେ ଗ୍ରୀସ୍‌କୁ ଅଧିକାର କରିଥିବା ଇଟାଲୀୟ, ଜର୍ମାନ୍‌ମାନେ ତାଙ୍କୁ ବାମପନ୍ଥୀ ପ୍ରତିରୋଧ ଦଳରେ ସଂପୃକ୍ତ ଥିବା ଅଭିଯୋଗରେ ଗିରଫ କଲେ। ତାଙ୍କ ଦଳ ଯୁଦ୍ଧ ଶେଷରେ ଗଠିତ ସରକାର ଓ ସମ୍ରାଟଙ୍କୁ ବିରୋଧ କରୁଥିଲା। ଫଳସ୍ୱରୂପ ୧୯୪୬-୪୯ ମସିହାରେ ଗ୍ରୀସ୍‌ରେ ଗୃହଯୁଦ୍ଧ ସଂଘଟିତ ହେଲା, ଯେଉଁଥିରେ କମ୍ୟୁନିଷ୍ଟ ସମର୍ଥିତ ବିଦ୍ରୋହୀମାନେ ପରାସ୍ତ ହେଲେ। ଥିଓଡୋରାକିସ୍ ଗ୍ରୀକ୍ ଦ୍ୱୀପପୁଞ୍ଜ ଏପରିକି ଏଥେନ୍ସ ନିକଟବର୍ତ୍ତୀ କ୍ଷୁଦ୍ର ଦ୍ୱୀପ ମାକ୍ରୋନିଶୋସ୍‌ର କୁଖ୍ୟାତ କ୍ୟାମ୍ପରେ କାରାରୁଦ୍ଧ ହେଲେ। ତାଙ୍କୁ ପ୍ରବଳ ଶାରୀରିକ ନିର୍ଯ୍ୟାତନା ଦିଆଯାଇ ହାତଗୋଡ଼ ଭାଙ୍ଗି ଦିଆଗଲା। ତାଙ୍କ ଶରୀରର ବିଭିନ୍ନ ଅଂଶରେ କ୍ଷତ ସୃଷ୍ଟି ହେଲା, ଶ୍ୱାସକ୍ରିୟା ଜନିତ ସମସ୍ୟା ଦେଖାଦେଲା। ସେ ଯକ୍ଷ୍ମାରୋଗରେ ପୀଡ଼ିତ ହେଲେ। ଏପରିକି ତାଙ୍କୁ ଏକ ମାନସିକ ରୋଗ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ଏତେ ଦୁଃଖକଷ୍ଟ ସତ୍ତ୍ୱେ ସେ ନିଜକୁ ଜଣେ ସଙ୍ଗୀତଜ୍ଞ ଭାବରେ ପ୍ରତିଷ୍ଠା କରିପାରିଥିଲେ। ୧୯୬୪ ମସିହାରେ ଆଣ୍ଟୋନି କ୍ୱିନ୍ ଅଭିନୀତ 'ଯୋର୍‌ବା : ଦି ଗ୍ରୀକ୍' ଚଳଚ୍ଚିତ୍ର ଓ ୧୯୭୩ରେ ଅଲ୍ ପାସିନୋ ଅଭିନୀତ 'ସର୍ପିକୋ' ଚଳଚ୍ଚିତ୍ରରେ ସଙ୍ଗୀତ ସଂଯୋଜନା କରି ସେ ଅନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିଲେ।

ସେହିପରି ଫ୍ରାନ୍ସର ଅଭିନେତା ବେଲ୍‌ମୋଣ୍ଡୋଙ୍କ ଜନ୍ମ ୧୯୩୩ ମସିହାରେ। ୧୯୫୮ରେ 'ସୋଇସ୍ ବେଲେ ଏଟ୍ ଟାଇସ୍ - ଟୋଇ' (ଲୁକ୍ ପ୍ରେଟି ଆଣ୍ଡ ସଟ୍ ଅପ୍), ୧୯୫୯ରେ କ୍ଲଡି ଚାବ୍ରୋଲ୍‌ଙ୍କ 'ଏ ଡବଲ୍ ଟୁର୍' ଚଳଚ୍ଚିତ୍ରଗୁଡ଼ିକରେ ଅଭିନୟ କରି ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେ ସତ୍ୟ, କିନ୍ତୁ ଜାଁ-ଲୁକ୍-ଗୋଡାର୍ଡ୍‌ଙ୍କ 'ବ୍ରେଥ୍‌ଲେସ୍' ଚଳଚ୍ଚିତ୍ରରେ ଅଭିନୟ ତାଙ୍କୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଏକ ଚୁମ୍ବକୀୟ ବ୍ୟକ୍ତିତ୍ୱରେ ପରିଣତ କରିଥିଲା। ନୂଆ ପିଢ଼ିର ନିର୍ଦ୍ଦେଶକ ଫ୍ରାନ୍‌ସିସ୍ ଟ୍ରୁଫଟ୍, ଆଲେନ୍ ରେସ୍‌ନାଇସ୍ ଓ ଲୁଇସ୍ ମାଲେଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରରେ ଅଭିନୟ କରି ସେ ଏଭଳି ସ୍ୱନାମଧନ୍ୟ ହୋଇଥିଲେ ଯେ ତାଙ୍କୁ ଆମେରିକାର ୩ଜଣ ଶ୍ରେଷ୍ଠ ଅଭିନେତା ହମ୍ଫ୍ରେ ବୋଗାର୍ଟ୍, ମାର୍ଲୋନ୍ ବ୍ରାଣ୍ଡୋ ଓ ଜେମ୍ସ ଡିନ୍‌ଙ୍କ ସହିତ ତୁଳନା କରାଯାଏ। ବେଲ୍‌ମୋଣ୍ଡୋଙ୍କ ଦେହାନ୍ତରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଟ୍ୱିଟ୍ କରି କହିଥିଲେ, 'ଫ୍ରାନ୍ସ ଏକ ଜାତୀୟ ସମ୍ପଦକୁ ହରାଇଲା।' ଏ ଦୁଇ ଜଣଙ୍କୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ, ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଗ୍ରୀସ୍‌ର ସଙ୍ଗୀତକାର ଥିଓଡୋରାକିସ୍ ୯୬ବର୍ଷ ବୟସ ପର୍ଯ୍ୟନ୍ତ, ଫ୍ରାନ୍ସର ଅଭିନେତା ବେଲ୍‌ମୋଣ୍ଡୋ ୮୮ବର୍ଷ ବୟସ ପର୍ଯ୍ୟନ୍ତ ନିଜ ନିଜ କ୍ଷେତ୍ରରେ ବେଶ୍ ସକ୍ରିୟ ଥିଲେ। ଅର୍ଥାତ୍ ସେହି କ୍ଷେତ୍ର ସହିତ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ।

୯୭ବର୍ଷ ବୟସରେ ରସାୟନବିଜ୍ଞାନୀ ଗୁଡେନ୍‌ବଗ୍‌ର୍, ଜନ୍.ବି.ଗୁଡ୍‌ଏନଫ୍, ୯୬ ବର୍ଷ ବୟସରେ ପଦାର୍ଥବିଜ୍ଞାନୀ ଆର୍ଥର୍ ଆସ୍‌କିନ୍, ୯୦ବର୍ଷ ବୟସରେ ପଦାର୍ଥବିଜ୍ଞାନୀ ରୋଜର୍ ପେନ୍‌ରୋଜ୍ ନୋବେଲ୍ ପୁରସ୍କାର ପାଇଥିଲେ। ୯୨ବର୍ଷ ବୟସରେ ମହାଥିର୍ ମୋହମ୍ମଦ ମାଲେସିଆର ପ୍ରଧାନମନ୍ତ୍ରୀ, ୮୨ବର୍ଷ ବୟସରେ ମୋରାରଜୀ ଦେଶାଇ ଭାରତର ପ୍ରଧାନମନ୍ତ୍ରୀ, ୭୮ବର୍ଷ ବୟସରେ ଡ. ରାଜେନ୍ଦ୍ରପ୍ରସାଦ ଭାରତର ରାଷ୍ଟ୍ରପତି, ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି, ୭୨ବର୍ଷ ବୟସରେ ନେଲ୍‌ସନ୍ ମାଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦ ମଣ୍ଡନ କରିଥିଲେ। ୧୦୦ବର୍ଷ ବୟସରେ ଭାରତରତ୍ନ ବିଶ୍ୱେଶ୍ୱରାୟା ବିଭିନ୍ନ ଇଂଜିନିୟରିଂ ପ୍ରୋଜେକ୍ଟ ସଂକ୍ରାନ୍ତରେ ଦିଗ୍‌ଦର୍ଶନ ଦେବା, ୯୯ବର୍ଷ ବୟସରେ ନିରଦଚନ୍ଦ୍ର ଚୌଧୁରୀ ଲେଖାଲେଖିରେ ମନୋନିବେଶ କରିବା, ୬୫ବର୍ଷ ବୟସରେ ରବୀନ୍ଦ୍ରନାଥ ଠାକୁର ଚିତ୍ରାଙ୍କନ ଶିକ୍ଷା ଆରମ୍ଭ କରିବା ଇତ୍ୟାଦି ସୂଚାଇ ଦେଉଛି ଜୀବନରେ କୌଣସି ଉଲ୍ଲେଖଯୋଗ୍ୟ ମହତ କାର୍ଯ୍ୟ କରିବା ଓ ସଫଳତା ଅର୍ଜନ କରିବା ପାଇଁ ବୟସ ଆଦୌ ବାଧକ ନୁହେଁ। ମଣିଷ କେବଳ ନିଜ ପାଇଁ ସାଧନାର ପରିବେଶ ବା କ୍ଷେତ୍ରଟିଏ ପ୍ରସ୍ତୁତ କରିବା ଓ ନିଜ ଅନ୍ତଃସ୍ଥ ଶକ୍ତିର ଉପଯୋଗ କରି ସେହି କ୍ଷେତ୍ରଟିକୁ ବିକଶିତ କରିବା ହେଉଛି ଅସଲ କଥା।

ଦକ୍ଷିଣ-ପୂର୍ବ ଏସିଆର ଲୋକପ୍ରିୟ 'କୋଇ ଆଇନ୍'ରେ ଉଲ୍ଲେଖ ଅଛି, 'କୋଇ' ନାମକ ଏକ ପ୍ରକାର ମାଛ ନିଜର ପରିବେଶ ଅନୁଯାୟୀ ବଡ଼ ଅବା ଛୋଟ ଆକାରର ହୋଇଥାଏ। ସେହିପରି ମଣିଷର ଅଭିବୃଦ୍ଧି, ବିବର୍ତ୍ତନ ତା'ର ପରିବେଶ, ଅଭିଜ୍ଞତା ଉପରେ ନିର୍ଭର କରେ। 'କୋଇ' ମାଛ ଅସୀମ ଶକ୍ତିର ଧାରକ ବୋଲି ବିଶ୍ୱାସ କରାଯାଏ, ଯାହା ମଣିଷକୁ ତା' ଜୀବନର ଲକ୍ଷ୍ୟ ଧାର୍ଯ୍ୟ ଓ ଉଦ୍ୟମ ଜରିଆରେ ସେହି ଲକ୍ଷ୍ୟର ପୂରଣ ନିମିତ୍ତ ପ୍ରେରଣା ଦିଏ। ଜାପାନୀ ପରମ୍ପରାରେ 'କୋଇ' ମାଛ ସୌଭାଗ୍ୟ, ଅଧ୍ୟବସାୟ, ପ୍ରାଚୁର୍ଯ୍ୟର ପ୍ରତୀକ। ବୌଦ୍ଧଧର୍ମରେ ତାହା ସାହସ ଓ ପ୍ରଗତିର ପ୍ରତିନିଧିତ୍ୱ କରେ। ତେଣୁ 'କୋଇ ଆଇନ୍'ର ସାରାଂଶ ହେଉଛି ମଣିଷର ଅଭିବୃଦ୍ଧି, ସୌଭାଗ୍ୟ, ପ୍ରାଚୁର୍ଯ୍ୟ, ପ୍ରଗତି, ବିବର୍ତ୍ତନ ତା'ର ପରିବେଶ, ଅଭିଜ୍ଞତା, ଅଧ୍ୟବସାୟ, ସାହସ ଉପରେ ନିର୍ଭର କରେ, ଯେଉଁ ଆଇନ୍ ନିଜ ଜୀବନରେ ପ୍ରୟୋଗ କରିବା ହେଉଛି ମଣିଷର ଦାୟିତ୍ୱ। କେବଳ ଜଣେ ସାହସୀ, ଅଧ୍ୟବସାୟୀ ମଣିଷ ଯେକୌଣସି ବୟସରେ ବି ଏକ ରଚନାତ୍ମକ ପରିବେଶ ସୃଷ୍ଟି କରିପାରିବ ଏବଂ ସେହି ପରିବେଶରେ କାର୍ଯ୍ୟ କରି ସମାଜ ପ୍ରତି ତା'ର ମହାର୍ଘ ମହତ କର୍ତ୍ତବ୍ୟ ନିର୍ବାହ କରିପାରିବ।

ମାର୍ଗାରେଟ୍ ଆଟ୍‌ଉଡ୍‌ଙ୍କ ଉପନ୍ୟାସ ଆଧାରିତ ଟେଲିଭିଜନ୍ ସିରିଜ୍ 'ଦି ହ୍ୟାଣ୍ଡମେଡ୍ସ ଟେଲ୍'ରେ ମଣିଷର ସ୍ୱାଧୀନତା ସହିତ ତା'ର ଚିନ୍ତା ଓ କର୍ମର ବ୍ୟାପକତା ସୂଚିତ ହୋଇଛି। ଆମେରିକୀୟ ମନସ୍ତତ୍ତ୍ୱବିତ୍ ଆବ୍ରାହାମ୍ ମାସ୍‌ଲୋ ଅଙ୍କନ କରିଥିବା ପିରାମିଡ୍-ଆକାର 'ହାଏରାର୍କି ଅଫ୍ ନିଡ୍ସ' ଏବଂ ରଚନା କରିଥିବା ନିବନ୍ଧ 'ଏ ଥିଓରି ଅଫ୍ ହ୍ୟୁମାନ୍ ମୋଟିଭେସନ୍'ରେ କୁହାଯାଇଛି, ମଣିଷର ପ୍ରଥମ ଆବଶ୍ୟକତା ଶରୀର ସମ୍ବନ୍ଧୀୟ, ଦ୍ୱିତୀୟ ସୁଖ ଓ ବିତ୍ତୀୟ ନିରାପତ୍ତା, ତୃତୀୟ ଶ୍ରଦ୍ଧା, ବନ୍ଧୁତା ଓ ପାରିବାରିକ ବନ୍ଧନ ଜରିଆରେ ଆବେଗିକ ମଙ୍ଗଳ, ଚତୁର୍ଥ ସାମାଜିକ ବୃତ୍ତିଗତ ସମ୍ମାନ ଓ ସ୍ୱୀକୃତି ଏବଂ ପିରାମିଡ୍‌ର ଶୀର୍ଷସ୍ଥ ପଞ୍ଚମ ଆବଶ୍ୟକତା ଆତ୍ମ-ବାସ୍ତବାୟନ। ଅର୍ଥାତ୍ ଜଣେ ମଣିଷ ଭାବରେ ନିଜର ସମ୍ପୂର୍ଣ୍ଣ ଅନ୍ତଃଶକ୍ତିର ଉପଲବ୍ଧି।

ପ୍ରତ୍ୟେକ ମଣିଷ କିଛି ନା କିଛି ଅନ୍ତଃଶକ୍ତି ଧାରଣ କରିଥାଏ। କିନ୍ତୁ ଏକ ସକାରାତ୍ମକ ପରିବେଶରେ ସେହି ଶକ୍ତିକୁ ଉପଲବ୍ଧି କରି ଗଠନମୂଳକ କାର୍ଯ୍ୟରେ ତାକୁ ଉପଯୋଗ କରିବା ଦ୍ୱାରା ସଂପୃକ୍ତ ମଣିଷର ଓ ସମଗ୍ର ସମାଜର ମଙ୍ଗଳ ହୋଇଥାଏ। କେତେକ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ ଅନୁଯାୟୀ, ଇନ୍‌ଫୋଟେକ୍ କନ୍‌ସଲ୍‌ଟାଣ୍ଟ ନରେଶଚନ୍ଦ୍ର ସିଂହ ୨୦୧୦ ମସିହାରେ ନବୀ ମୁମ୍ବାଇର ଖର୍‌ଘର୍ ଅଞ୍ଚଳକୁ ଆସି ଅବସ୍ଥାନ କଲେ। ଜ୍ୟୋତି ନାଦକର୍ଣ୍ଣି ୨୦୧୬ ମସିହାରେ ଆଫ୍ରିକାରୁ ଭାରତକୁ ଫେରିଆସିଲେ। ଖର୍‌ଘର୍‌ର ସୌନ୍ଦର୍ଯ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷଲତା ଇତ୍ୟାଦିକୁ ଦେଖି ସେମାନେ ଖୁବ୍ ଆନନ୍ଦ ଅନୁଭବ କଲେ। କିନ୍ତୁ ଲକ୍ଷ୍ୟକଲେ, ସେଠାକାର ହ୍ରଦ ଦୂଷିତ, ପାହାଡ଼ ଜଙ୍ଗଲ କ୍ଷୟ ହେଉଛି। ତେଣୁ ସେମାନେ ମାତ୍ର ୪ଜଣଙ୍କୁ ନେଇ ଏକ କ୍ଷୁଦ୍ର 'ପ୍ରକୃତି ସଂରକ୍ଷକ ଦଳ' ଗଠନ କଲେ। ଏବେ ସେହି ଦଳର ସଦସ୍ୟ ସଂଖ୍ୟା ୫୦୦, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଆଇ.ଆଇ.ଟି ଗବେଷକ, ଫଟୋଗ୍ରାଫର୍, ପଶୁପକ୍ଷୀଙ୍କ ସୁରକ୍ଷାଦାତା କର୍ମୀ, ଲେଖକ, ଓକିଲ, କର୍ପୋରେଟ୍ ବୃତ୍ତିଧାରୀ, ସାଧାରଣ ମଣିଷ ଓ ଅବସରପ୍ରାପ୍ତ ଅଫିସର୍, ବରିଷ୍ଠ ନାଗରିକ। ସେମାନେ ବୃକ୍ଷରୋପଣ ଓ ଜଳାଶୟଗୁଡ଼ିକର ସଂରକ୍ଷଣ କରି ଜୈବ ବିବିଧତାରେ ସମୃଦ୍ଧ ଖର୍‌ଘର୍ ଅଞ୍ଚଳର ପ୍ରାକୃତିକ ସମ୍ପଦଗୁଡ଼ିକୁ ସୁରକ୍ଷିତ କରୁଛନ୍ତି। ସାରା ପୃଥିବୀରେ ଏମିତି ଅସଂଖ୍ୟ ଦୃଷ୍ଟାନ୍ତ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେପରି ମହତ୍ କାର୍ଯ୍ୟ ସହିତ ଅବସରପ୍ରାପ୍ତ କର୍ମଚାରୀ, ବରିଷ୍ଠ ନାଗରିକମାନଙ୍କର ସଂପୃକ୍ତି। ସେମାନେ ପ୍ରମାଣ କରୁଛନ୍ତି ଯେ ସମଗ୍ର ସମାଜ ପ୍ରତି ନୈତିକ ଦାୟିତ୍ୱ ନିର୍ବାହ କରିବା ଦିଗରେ ବୟସ ଆଦୌ ବାଧକ ନୁହେଁ।


(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

## ଷଢ଼େଇକଳା-ଖରସୁଆଁର ଦୁଃଖ

ରବୀନ୍ଦ୍ର ପଟ୍ଟନାୟକ

ସମ୍ପ୍ରତି କୋଟିଆକୁ ନେଇ ଆଲୋଚନା ଓ ଉତ୍ତେଜନା ଜୋର ଧରିଛି। ଏ ସମ୍ପର୍କିତ ଖବର ସବୁ ଗଣମାଧ୍ୟମରେ ନିୟମିତ ସ୍ଥାନ ପାଉଛି। କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ଓ ଆଞ୍ଚଳିକ ରାଜନୀତି ମଧ୍ୟ ବେଶ୍ ଚଳଚଞ୍ଚଳ ହେଉଛି। ଏହି ଚର୍ଚ୍ଚା ଭିତରେ ୭୭ବର୍ଷ ଧରି ଓଡ଼ିଶା ବାହାରେ ଥିବା ଓଡ଼ିଆବହୁଳ ଅଞ୍ଚଳ 'ଷଢ଼େଇକଳା-ଖରସୁଆଁ'ର ଅନ୍ତଃବେଦନା ଓ ସ୍ୱର ହଜି ଯାଉଛି। କେବଳ କେବେକେମିତି ଏ ସମ୍ପର୍କିତ ଆଲୋଚନା ଔପଚାରିକତାରେ ଶେଷ ହେଉଛି ସିନା ସେହି ଅଞ୍ଚଳର ସମସ୍ୟା, ଓଡ଼ିଆ ଅସ୍ମିତା ଓ ଓଡ଼ିଶାରେ ପୁନଃମିଶ୍ରଣ ପାଇଁ ଆନ୍ତରିକତାର ଅଭାବ ଦେଖାଦେଉଛି।

ଓଡ଼ିଆ ଗଡ଼ଜାତ ରାଜ୍ୟ ଷଢ଼େଇକଳାର ମହାରାଜା ଆଦିତ୍ୟ ପ୍ରତାପ ସିଂହଦେବ ଏବଂ ଖରସୁଆଁର ରାଜା ରାମଚନ୍ଦ୍ର ସିଂହଦେବ ୧୫ଡିସେମ୍ବର ୧୯୪୭ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶକ୍ରମେ ଚୁକ୍ତିନାମାରେ ସ୍ୱାକ୍ଷର କଲା ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ୧.୧.୧୯୪୮ ରୁ ୧୭.୫.୧୯୪୮ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚମାସ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ରହିଥିଲା। ତତ୍କାଳୀନ ବିହାରର ପ୍ରଭାବଶାଳୀ ନେତାଙ୍କ ଚକ୍ରାନ୍ତ ତଥା ତତ୍କାଳୀନ ଦୁର୍ବଳ ଓଡ଼ିଆ ନେତୃତ୍ୱ ପାଇଁ




ବିହାର ସହ ୧୮.୦୫.୧୯୪୮ରେ ଏକବର୍ଷ ପାଇଁ ବା ମୟୂରଭଞ୍ଜ ଓଡ଼ିଶାରେ ମିଶିବା ପର୍ଯ୍ୟନ୍ତ ଏହା ସାମୟିକ ଭାବେ ସାମିଲ ହେବାକୁ ପ୍ରସ୍ତାବ ରହିଥିଲା। କିନ୍ତୁ ଏହାଭିତରେ ଦୀର୍ଘ ୭୭ ବର୍ଷ ବିତିଯାଇଛି। ସେହି ଦୁଇ ଓଡ଼ିଆ ଅଞ୍ଚଳ ଓଡ଼ିଶାକୁ ଆଉ ଫେରି ପାରିନି।

ଉଲ୍ଲେଖଯୋଗ୍ୟ, ଅବିଭକ୍ତ ବିହାରର ବିଭାଜନ ବେଳେ ଝାଡ଼ଖଣ୍ଡରୁ ଷଢ଼େଇକଳା-ଖରସୁଆଁକୁ ଅଲଗା କରି ଓଡ଼ିଶାରେ ମିଶ୍ରଣ ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ପାରିତ ହୋଇଥିଲା। ବାଚସ୍ପତିଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧିଦଳ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଗୃହମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ସାକ୍ଷାତ କରି ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ, ଷଢ଼େଇକଳା-ଖରସୁଆଁର ନ୍ୟାଯ୍ୟ ଦାବିକୁ ଆଡ଼େଇ ଯାଇ କେବଳ ଏତିକି ପ୍ରତିଶ୍ରୁତି ଦେଇଥିଲେ ଯେ, ଷଢ଼େଇକଳା-ଖରସୁଆଁର ସର୍ବାଙ୍ଗୀନ ବିକାଶ କଥା ବୁଝିବା ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ସରକାରଙ୍କ ଗୁରୁଦାୟିତ୍ୱ। ଏହାପରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଟି ଝାଡ଼ଖଣ୍ଡ ଗଠନ ହେବା ଦିନ ୧୫ ନଭେମ୍ବର ୨୦୦୦ରୁ ଏପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରି ଶତଳ ଭଣ୍ଡାରରେ ପଡ଼ି ରହିଛି। ଏପରିକି ଝାଡ଼ଖଣ୍ଡରେ ଓଡ଼ିଆକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ମିଳିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନହୋଇ କେବଳ କାଗଜକଲମରେ ସୀମିତ ରହିଛି। ନା ଏହାକୁ କାର୍ଯ୍ୟକାରୀ କରୁଛି ଓଡ଼ିଶା ନା ଝାଡ଼ଖଣ୍ଡ ସରକାର।

ଓଡ଼ିଆବହୁଳ ଦୁଇ ଅଞ୍ଚଳ ଷଢ଼େଇକଳା ଓ ଖରସୁଆଁ ଏବେ ଝାଡ଼ଖଣ୍ଡର ଏକ ଜିଲ୍ଲା, ଯାହାକି ବିହାରଠାରୁ ଅଲଗା ହୋଇ ୧୫.୧୧.୨୦୦୦ରେ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଛି। କିନ୍ତୁ ଦୀର୍ଘ ସାତ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ଓଡ଼ିଶା ବାହାରେ ରହିଥିବା ଓଡ଼ିଶାର ଏକ ଜିଲ୍ଲା କେମିତି ଓଡ଼ିଶାକୁ ଫେରିବ ସେ ସମ୍ପର୍କରେ ଓଡ଼ିଆ ଗଣମାଧ୍ୟମ, ଓଡ଼ିଶାର ନେତୃବୃନ୍ଦ, ଓଡ଼ିଆ ସଂଗଠନ ଓ ବୁଦ୍ଧିଜୀବୀ ନିରବ ନିଷ୍କ୍ରିୟ। ଅତି ଦୁଃଖ ଓ କ୍ଷୋଭର ବିଷୟ ଯେ, ଓଡ଼ିଆ ଅଧ୍ୟୁଷିତ ଷଢ଼େଇକଳା-ଖରସୁଆଁକୁ ଦୀର୍ଘ କୋଡ଼ିଏ ବର୍ଷ ଧରି ଓଡ଼ିଶା ବିଧାନସଭାର ସଂଖ୍ୟାଲଘୁ ଭାଷା କମିଟି ଗସ୍ତ କରି ପ୍ରତ୍ୟକ୍ଷ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ନେଇ ଚିନ୍ତାଜନକ ପରିସ୍ଥିତିକୁ ଅନୁଧ୍ୟାନ କରିନାହିଁ।

ପ୍ରତିକୂଳ ପରିସ୍ଥିତି ଓ ପରିବେଶ ସହ ପ୍ରତିଦିନ ସଂଘର୍ଷ କରି ଆସୁଥିବା ଷଢ଼େଇକଳା-ଖରସୁଆଁର ଉପେକ୍ଷିତ ଓଡ଼ିଆମାନଙ୍କ ଓଡ଼ିଆପଣ ଓ ଓଡ଼ିଆଟାଣ ମୂଳ ଓଡ଼ିଶା ଭୂଖଣ୍ଡର ଓଡ଼ିଆମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ, ବରଂ ଅଧିକ। ଓଡ଼ିଶା ସରକାରଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ମାଧ୍ୟମରେ ନିଯୁକ୍ତ ଓଡ଼ିଆ ଭାଷା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମିଳୁଥିବା ମାସିକ ନାମମାତ୍ର ପାରିଶ୍ରମିକ(୩ହଜାର ଟଙ୍କା), ଯାହାକି ବର୍ଷକୁ ଦଶମାସ ପାଇଁ ଥରେ ମିଳେ, ତାହା ମଧ୍ୟ ଗତ ବର୍ଷେ ଧରି ମିଳିନାହିଁ। କରୋନା ମହାମାରୀ କାଳ ୨୦୨୦-୨୧ରେ ପାରିଶ୍ରମିକ କୌଣସି କାରଣ ପାଇଁ ଅଟକି ରହିଛି। ଗତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଓଡ଼ିଆ ଶିକ୍ଷାକର୍ମୀଙ୍କ ମାସିକ ପାରିଶ୍ରମିକ ୩ହଜାରରୁ ୬ହଜାରକୁ ବୃଦ୍ଧି କରି ପ୍ରତିମାସ କରିବାକୁ ଦେଇଥିବା ପ୍ରତିଶ୍ରୁତି ଖାଲି 'ପ୍ରତିଶ୍ରୁତି'ରେ ହିଁ ରହିଯାଇଛି।

ଆମ ଆଗରେ ବର୍ତ୍ତମାନ ଏକ ବଡ଼ ପ୍ରଶ୍ନ, ଏହି ସଂକଟଜନକ ପରିସ୍ଥିତିରେ କିଏ ବୁଝିବ ଆମ ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା-ଖରସୁଆଁର ଉପେକ୍ଷିତ, ନିର୍ଯ୍ୟାତିତ ମାତୃଭାଷାର ସୁରକ୍ଷା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଅହରହ ସଂଘର୍ଷରତ ପ୍ରାୟ ସାତ ଲକ୍ଷ ଓଡ଼ିଆଙ୍କ ଦୁଃଖ, କଷ୍ଟ ଓ ଦୈନ୍ୟ? ଷଢ଼େଇକଳା-ଖରସୁଆଁରେ ଦୃଢ଼ ଓଡ଼ିଆ ନେତୃତ୍ୱ ସୃଷ୍ଟି କରିବା ଆଜିର ବଡ଼ ଆହ୍ୱାନ। ଉପେକ୍ଷିତ, ନିଷ୍ପେଷିତ, ନିର୍ଯ୍ୟାତିତ ଓ ଅବହେଳିତ ଓଡ଼ିଆ ଭାଷୀମାନଙ୍କୁ ସଂଗଠିତ କରି ସୁଚିନ୍ତିତ ଯୋଜନା ଓ ଉପଯୁକ୍ତ ମାର୍ଗଦର୍ଶନ ଆବଶ୍ୟକ।

ରାଇରଙ୍ଗପୁର, ମୋ:୮୨୪୯୪୯୦୬୬୩

## କର୍କଟ ରୋଗ ପ୍ରତିରୋଧୀ ଶର୍କରା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ପୃଥିବୀରେ ସବୁଠାରୁ ଭୟଙ୍କର ରୋଗ ରୂପେ ପରିଗଣିତ ହେଉଛି କର୍କଟ। ଏକପକ୍ଷରେ ତାହା ଘାତକ ଏବଂ ଅନ୍ୟପକ୍ଷରେ ଯନ୍ତ୍ରଣାଦାୟକ। ୨୦୨୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ହୋଇଥିବା ଆକଳନ ଅନୁସାରେ ସେ ବର୍ଷ ବିଶ୍ୱରେ ୨୦ ନିୟୁତ ନୂଆ ରୋଗୀ ସାମିଲ୍ ହୋଇଥିବା ବେଳେ ୯.୭ ନିୟୁତ ଲୋକ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଏ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି ପ୍ରାୟ ୫୩.୫ ନିୟୁତ ଲୋକ (୨୦୨୪ ମସିହା)।

ବିବିଧ ଅଙ୍ଗକୁ ପ୍ରଭାବିତ କରୁଥିବା କର୍କଟରୋଗ ମଧ୍ୟରୁ ଫୁସ୍‌ଫୁସ୍ କର୍କଟରୋଗର ସ୍ଥାନ ସର୍ବାଗ୍ରେ। ଉପରୋକ୍ତ ଗଣନା ଅନୁସାରେ ୨୦୨୨ ମସିହାରେ ବିଶ୍ୱରେ ଏ ରୋଗୀଙ୍କ ସଂଖ୍ୟା ୨.୫ ନିୟୁତ ଥିବା ବେଳେ ସ୍ତନକର୍କଟ, ବୃହଦନ୍ତ୍ର କର୍କଟ, ପୌରୁଷଗ୍ରନ୍ଥି କର୍କଟ, ପାକସ୍ଥଳୀ କର୍କଟ ଏବଂ ଗର୍ଭାଶୟ କର୍କଟରେ ଯଥାକ୍ରମେ ଆକ୍ରାନ୍ତ ହୋଇଥିଲେ ୨.୩ ନିୟୁତ, ୧.୧ ନିୟୁତ ୧.୫ ନିୟୁତ, ୯, ୭୦, ୦୦୦ ଏବଂ ୬୬୧, ୪୦୦ ଲୋକ। ସେହିପରି ଫୁସ୍‌ଫୁସ୍ କର୍କଟରେ ୧.୮ ନିୟୁତ, ବୃହଦନ୍ତ୍ର କର୍କଟରେ ୯, ୦୦, ୦୦୦, ଯକୃତ କର୍କଟରେ ୭, ୬୦, ୦୦୦, ସ୍ତନକର୍କଟରେ ୬୭, ୦୦୦, ପାକସ୍ଥଳୀ କର୍କଟରେ ୬, ୬୦, ୦୦୦ ଏବଂ ଗର୍ଭାଶୟ କର୍କଟରେ ୩, ୪୮, ୧୮୬ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୫୦ ମସିହା ବେଳକୁ ୨୦୨୨ ମସିହା ତୁଳନାରେ ଏ ରୋଗୀଙ୍କ ସଂଖ୍ୟା ୭୭ ଶତାଂଶ ଅଧିକ ହେବ ବୋଲି ଆକଳନ କରାଯାଇଛି।

ସେଥିପାଇଁ ଏ ରୋଗର ସଫଳ ଚିକିତ୍ସା ଲାଗି ସାରା ବିଶ୍ୱରେ ଚାଲିଛି ବିଭିନ୍ନ ଦିଗରୁ ଉଦ୍ୟମ। ତନ୍ମଧ୍ୟରୁ ଗୋଟିକରେ ଚାଇନିଜ ଆକାଡେମୀ ଅଫ୍ ସାଇନସେସ୍‌ର କିଛି ଗବେଷକ ଗଭୀର ସମୁଦ୍ରରେ ବାସ କରୁଥିବା ଏକପ୍ରକାର ଜୀବାଣୁଠାରେ ଏହାର ପ୍ରତିହତ କରିବାର ସାମର୍ଥ୍ୟ ଥିବାର ଆବିଷ୍କାର କରିଛନ୍ତି ବୋଲି ସୂଚୀତ କରିଛନ୍ତି ଜୁଲାଇ, ୨୦୨୫ ସଂଖ୍ୟାର 'ଦ ଏଫ୍‌ଏଏସ୍‌ଇବି ଜର୍ଣ୍ଣାଲ'ରେ। ତଦନୁଯାୟୀ ତା'ଠାରେ ଏକ ଦୀର୍ଘ ମାଳାଯୁକ୍ତ ଶର୍କରା ବା 'ଏକ୍ସୋ ପଲି ସାକାରାଇଡ୍'ର ଗୁଣ ରହିଛି। ଏହି ଜୀବାଣୁଗୁଡ଼ିକ ହେଲେ 'ସ୍ପୋଙ୍ଗିବାକ୍ଟର ନାନାହାଇନସ ସିଏସ୍ସି୩.୯'। ତହିଁରେ ଥିବା କର୍କଟ ରୋଗ ପ୍ରତିରୋଧକାରୀ ଶର୍କରାଟି ହେଲା 'ଇପିଏସ୍ ୩.୯'। ଏଥିରେ ରହିଛି ମାନୋଜ୍ ଓ ଗ୍ଲୁକୋଜ୍ ଶର୍କରା। ଯାନ୍ତ୍ରିକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ 'ଇପିଏସ୍ ୩.୯ ପାଞ୍ଚୋଟି ଝିଲ୍ଲୀଥିବା 'ଫସ୍ଫୋଲିପିଡ୍' ଅଣୁମାନଙ୍କୁ ସିଧାସଳଖ ଭେଦ କରିପାରେ ଏବଂ ମଣିଷର 'ଲ୍ୟୁକୋମିଆ (ଶ୍ୱେତକଣିକା ବୃଦ୍ଧି ରୋଗ) ଜୀବକୋଷମାନଙ୍କରେ ପାଇରୋପ୍ଟସିସ୍ ପ୍ରକ୍ରିୟାକୁ ସକ୍ରିୟ କରି ଅର୍ବୁଦ ଉପରେ ତା'ର ବିଷାକ୍ତପଣ ପ୍ରୟୋଗ କରିପାରେ। ଯକୃତ କର୍କଟରୋଗ ଗ୍ରସ୍ତ ମୂଷାମାନଙ୍କ ଠାରେ ଇପିଏସ ୩.୯ର ଗୁରୁତ୍ୱପୂର୍ଣ୍ଣ ଅର୍ବୁଦ-ନିରୋଧକ ପ୍ରଭାବମାନ ଥିବାର ଏବଂ ଏହା ସହିତ ତାର ଅର୍ବୁଦ ନିରୋଧକ ରୋଗ ପ୍ରତିରୋଧକାରୀ ପ୍ରତିକ୍ରିୟାକୁ ସକ୍ରିୟ କରିବାର ଦେଖାଯାଇଛି।

'ଚାଇନିଜ୍ ଏକାଡେମୀ ଅଫ୍ ସାଇନସେସ୍'ର ଏହି ଗବେଷକ ଗୋଷ୍ଠୀର ଅନ୍ୟତମ ସଦସ୍ୟ ଚାଓମିନ୍ ସନ୍‌ଙ୍କ ମତରେ ତାଙ୍କର ଏ ଆବିଷ୍କାର କର୍କଟରୋଗର ନିଦାନ ରୂପେ ଶର୍କରାଭିତ୍ତିକ ଔଷଧର ବିକାଶ ଲାଗି କେବଳ ତାତ୍ତ୍ୱିକ ମାଧ୍ୟମ ଯୋଗାଇ ନାହିଁ, ସେଥିସହିତ ସାମୁଦ୍ରିକ ସୂକ୍ଷ୍ମଜୀବ ସଂସାଧନର ଅନୁସନ୍ଧାନ କରିବା ଦିଗରେ ଥିବା ଗୁରୁତ୍ୱକୁ ଉପସ୍ଥାପନ କରିଛି। ପାଇରୋପ୍ଟିସ୍ ହେଉଛି ବହିରାଗତ ଜୀବକୋଷକୁ ନଷ୍ଟ କରିବା ଲାଗି ଅଭିପ୍ରେତ ପ୍ରକ୍ରିୟା, ଯାହାକି ଶରୀରକୁ ସଂକ୍ରମଣ ଓ ରୋଗ ବିରୁଦ୍ଧରେ ସଂଗ୍ରାମ ଲାଗି ସହାୟତା କରେ। ନିୟମିତ ସାଧାରଣ ଜୀବକୋଷ ମୃତ୍ୟୁଠାରୁ ଭିନ୍ନ ହୋଇଥିବା ଏହା ଏକ ନାଟକୀୟ ତଥା ବିସ୍ଫୋରକ ପ୍ରକ୍ରିୟା, ଯହିଁରେ ଜୀବକୋଷଗୁଡ଼ିକ ଫୁଲି ଉଠନ୍ତି, ଫାଟି ଖୋଲିଯା'ନ୍ତି ଏବଂ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସଚେତନ କରିବା ଲାଗି ପ୍ରଦାହୀ ସୂଚକମାନ ଦେଇଥା'ନ୍ତି।

ଆଗରୁ ଏହା ନାନାଦି ଜୀବାଣୁ ଓ ଭୂତାଣୁମାନଙ୍କ ସହିତ ସଂଗ୍ରାମ କରୁଥିବା ଏକ ପ୍ରତିରକ୍ଷା ବ୍ୟବସ୍ଥା ରୂପେ ଆବିଷ୍କାର ହୋଇଥିଲା। ଏବେ ତାହା କର୍କଟ ରୋଗ ଚିକିତ୍ସା ଗବେଷଣା ବିଷୟରେ ପରିଣତ ହୋଇଛି। କାରଣ 'ପାଇରୋପ୍‌ସିସ୍' କେବଳ ସେଗୁଡିକୁ ସିଧାସଳଖ ଧ୍ୱଂସ କରିଦିଏ ନାହିଁ; ବରଂ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରେ। ସେଥିପାଇଁ ଶର୍କରା (ଇପିଏସ୍୩.୯) କୁ କୃତ୍ରିମ ଉପାୟରେ ଉତ୍ପାଦନ କରି କର୍କଟ ଚିକିତ୍ସାରେ ମଧ୍ୟ ଲଗାଇବାକୁ ଚିନ୍ତା କରାଯାଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଦୁଇ ଏବିଭିପି ସଦସ୍ୟଙ୍କ ଗିରଫ ଘଟଣା

# ବିଜେପି ଷଡ଼୍‌ଯନ୍ତ୍ରକାରୀ, ଏବିଭିପି ହତ୍ୟାକାରୀ: ବିଜେଡି

ଭୁବନେଶ୍ୱର, ୪।୮ (ସମିସ): ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ଦୁଇ କଲେଜ ଛାତ୍ର ତଥା ଏବିଭିପି ସଦସ୍ୟଙ୍କ ଗିରଫ ପରେ ଏବିଭିପି ଓ ବିଜେପିର ମୁଖା ଖୋଲିଯାଇଛି। ଏହି ଘଟଣାରେ ଷଡ଼ଯନ୍ତ୍ର ରହିଛି ବୋଲି ବିଜୁ ଜନତା ଦଳ ପ୍ରଥମ ଦିନରୁ କହିଆସୁଥିଲା। ଏବିଭିପିର ଦୁଇ ସଦସ୍ୟ ଗିରଫ ହେବା ପରେ ଏହା ପ୍ରମାଣିତ ହୋଇଯାଇଛି। ମାତ୍ର, ଏହି ଷଡଯନ୍ତ୍ରରେ ବିଜେପିର ବି କିଛି ନେତାଙ୍କ ସମ୍ପୃକ୍ତି ରହିଛି। ଦୁଇ ଏବିଭିପି ସଦସ୍ୟଙ୍କୁ ଗିରଫ ଆଳରେ ବିଜେପି ଉକ୍ତ ନେତାମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି ବୋଲି ସାଂଘାତିକ ଅଭିଯୋଗ ଆଣିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଦଳର ମୁଖପାତ୍ର ଇପ୍ସିତା ସାହୁ ସମଗ୍ର ଘଟଣାରେ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ଜଣେ ଅଧ୍ୟାପକ ଛାତ୍ରୀଜଣଙ୍କୁ ଯୌନ ଅନୁଗ୍ରହ ମାଗିବା ପରେ ସେ ନ୍ୟାୟ ପାଇଁ ସଂଘର୍ଷ କରୁଥିଲା। ମାତ୍ର ଏବିଭିପି ଓ ବିଜେପି ନେତାମାନେ ତାକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିଥିଲେ। ଏହି ଘଟଣାରେ ବିଜେପି ଷଡଯନ୍ତ୍ରକାରୀ ଓ ଏବିଭିପି ହତ୍ୟାକାରୀ ଭୂମିକା ନିର୍ବାହ କରିଛନ୍ତି। କଲେଜ ନିର୍ବାଚନ ହେବ ବୋଲି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହେବା ପରେ ଏବିଭିପିର ସଂଗଠନ ଦୁର୍ବଳ ଥିବାରୁ ଏହି ଘଟଣାକୁ ବ୍ୟବହାର କରି ସଂଗଠନ ଶକ୍ତି ବୃଦ୍ଧି ପାଇଁ ଷଡ଼୍‌ଯନ୍ତ୍ର ରଚନା ହୋଇଥିଲା। ଷଡ଼୍‌ଯନ୍ତ୍ରର ଅଂଶ ଭାବେ ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ଦେବା ପାଇଁ ଉସୁକା ଯାଇଥିଲା। ରାଜନୈତିକ ଫାଇଦା ହାସଲ ପାଇଁ ଭୟଙ୍କର ଷଡ଼୍‌ଯନ୍ତ୍ର ରଚିବାରେ ଏହି ଘଟଣା ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୁଃଖ ଓ



ପରିତାପର ବିଷୟ, ଷଡ଼୍‌ଯନ୍ତ୍ରରେ ସ୍ଥାନୀୟ ବିଜେପି ନେତାମାନଙ୍କ ଭୂମିକା ମଧ୍ୟ ସନ୍ଦେହଘେରରେ ରହିଛି, ଯେଉଁ ଦିଗକୁ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ। ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ସ୍ଥାନୀୟ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହଯୋଗ ଲୋଡ଼ିଥିଲେ ମଧ୍ୟ ସେ ତାଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିନଥିଲେ। ଶ୍ରୀ ଷଡ଼ଙ୍ଗୀ ଉପଯୁକ୍ତ ସହଯୋଗ କରିଥିଲେ ଏଭଳି ଅଘଟଣ ଘଟିନଥାନ୍ତା। କ୍ରାଇମବ୍ରାଞ୍ଚ ଶ୍ରୀ ଷଡ଼ଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦଳ ଦାବି କରିଆସୁଛି। ଏବିଭିପିର ସମ୍ପୃକ୍ତି ସ୍ପଷ୍ଟ ହୋଇଥିବା ବେଳେ ଶ୍ରୀ ଷଡ଼ଙ୍ଗୀ ଓ ଅନ୍ୟ ବିଜେପି ନେତାଙ୍କ ସମ୍ପୃକ୍ତି ମଧ୍ୟ ସନ୍ଦେହଘେରକୁ ଆସିଛି।

ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ଏବିଭିପି କାର୍ଯ୍ୟକ୍ରମରେ ଚଳିତ ବର୍ଷ

- ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ
- ସଂଗଠନ ବୃଦ୍ଧି ପାଇଁ ରଚା ଯାଇଥିଲା ଘୃଣ୍ୟ ଷଡ଼୍‌ଯନ୍ତ୍ର
- ଏବିଭିପି ଓ ବିଜେପିର ଅସଲ ଚେହେରା ପଦାକୁ ଆସିଲା

କଲେଜ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବା ସହ ଏଥିପାଇଁ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ କହିଥିଲେ। ଛାତ୍ର ସଂଗଠନକୁ ମଜବୁତ କରିବା ପାଇଁ ଏଫଏମ କଲେଜରେ ରଚାଯାଇଥିଲା ଏକ ଘୃଣ୍ୟ ଷଡ଼୍‌ଯନ୍ତ୍ର; ଯାହାର ପରିଣାମ ସ୍ୱରୂପ ସୌମ୍ୟାଶ୍ରୀ ଭଉଣୀଙ୍କ ପରି ଏକ ମୂଲ୍ୟବାନ ଜୀବନ ଚାଲିଗଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢ଼େଇ ଜାରି ରଖିବ।

ଇପ୍ସିତା ସାହୁ କହିଥିଲେ, ଜ୍ଞାନ ଚରିତ୍ର ଓ ଏକତା ଭଳି ଆଦର୍ଶର ପାଠ ପଢ଼ାଇ ଆସୁଥିବା ଏବିଭିପିର ଅସଲମୁଖା ଆଜି ଖୋଲିଯାଇଛି। ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଏବିଭିପି ଓ ବିଜେପି ନେତାମାନେ ଭଉଣୀ ସୌମ୍ୟାଶ୍ରୀଙ୍କୁ ମୋହରା କରିଛନ୍ତି। ଯେତେବେଳେ ସୌମ୍ୟାଶ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୋଡ଼ି ହୋଇ ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଥିଲେ, ସେତେବେଳେ ଏବିଭିପିର ସଦସ୍ୟମାନେ ବିରୋଧୀ ଦଳର ବିଧାୟକ ଓ ନେତାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଭିତରକୁ ଯିବାକୁ ଦେଉନଥିଲେ। ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ଏଥିରେ ସ୍ପଷ୍ଟ ହୋଇଛି। କେବଳ ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରି ମାମଲାକୁ ରଫାଦଫା କରିଦେବା ପାଇଁ ଉଦ୍ୟମ କରୁଛନ୍ତି ସରକାର। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ ହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-AOMC-ETP-25-26-13

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ମେନ୍ (Main) ETP (କ୍ଷମତା:30000 L/ଦିବସ) ଏବଂ ରୋଲର ବିୟରିଙ୍ଗ୍ ସଫେଇ କାରଖାନା ETP ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 28,23,481.28, EMD (ଟଙ୍କାରେ) : 56,500/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.08.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH)/ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-427/Q/25-26

## ହୀରାକୁଦ ଜଳସ୍ତର ୬୧୨.୨୫ ଫୁଟ୍

ସମ୍ବଲପୁର, ୪।୮ (ସମିସ): ଉପରମୁଣ୍ଡରେ ବର୍ଷା କମିବା ପରେ ପର୍ଯ୍ୟାୟକ୍ରମେ ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୨.୨୫ଫୁଟ୍ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୮,୧୩୬ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬,୦୩୫କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୩୯୫ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୪୦୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେହିପରି, ତଳମୁଣ୍ଡରେ ବେଲଗାଁଠାରେ ୧୧,୨୦୦କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୨୫,୩୩୨ କ୍ୟୁସେକ୍, ଖଇରମାଳଠାରେ ୭୦,୦୦୦ କ୍ୟୁସେକ୍, ବାରମୁଲଠାରେ ୭୯,୦୦୦କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୯୫,୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ନଦୀବନ୍ଧର ଉପରମୁଣ୍ଡରେ ୨.୮୨ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୬୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଭାଲରେ ରୋମାଞ୍ଚକ...

ବିଜୟ ହାସଲ କରିଥିଲା ଭାରତ। ଏହି ମ୍ୟାଚ୍‌ରେ ୯ଟି ୱିକେଟ ନେଇଥିବା ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ରେ ସର୍ବାଧିକ ୭୫୪ ରନ୍ କରିଥିବା ଶୁବମନ ଗିଲ୍ ଭାରତର ଓ ୪୮୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍ ଇଂଲଣ୍ଡର ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍ ସହ ଭାରତର ଇଂଲଣ୍ଡ ଗସ୍ତ ଶେଷ ହୋଇଛି। ଏହା ପରେ ସେପ୍ଟେମ୍ବର ୯ରୁ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍‌ରେ ଭାରତ ପରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟ ଖେଳିବ। ଦଳର ତାରକା ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଇଂଲଣ୍ଡରେ ଭାରତ ଟେଷ୍ଟ ସିରିଜ୍ ବରାବର ରଖିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ସଫଳତା।

### ପୁଣି ତେଜିଲା...

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ। ସେ କହିଛନ୍ତି ଯେ ମହାରାଷ୍ଟ୍ରରେ ବେଞ୍ଚ ପ୍ରତିଷ୍ଠାକୁ ବିଜେଡି ସ୍ୱାଗତ କରୁଛି। ମାତ୍ର ଆଜି ଯାଏଁ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନହେବା କ୍ଷୋଭରର ବିଷୟ। ଦଶନ୍ଧି ଦଶନ୍ଧି ଧରି ପଶ୍ଚିମ ଓଡ଼ିଶାବାସୀ ଏହି ଦାବି କରି ଆସୁଛନ୍ତି। ମାତ୍ର ଦୁର୍ଭାଗ୍ୟଜନକ କଥା ଯେ ସ୍ୱାଧୀନତାର ଏତେ ବର୍ଷ ପରେ ବି ଏହି ନାଯ୍ୟ ଦାବି ପୂରଣ ହେଲାନି। ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଞ୍ଚ ପାଇଁ ଚିଠି ଲେଖିଥିଲେ। ଯଦି ମହାରାଷ୍ଟ୍ର ବିଜେପି ସରକାର କୋହ୍ଲାପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ କରି ପାରିଲେ, ତାହେଲେ ଓଡ଼ିଶାରେ ବିଜେପି ସରକାର କାହିଁକି କରିଲେ ନାହିଁ ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି। ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ ଏନେଇ ସରକାର ଏବଂ ଶାସକ ଦଳକୁ କାଠଗଡ଼ାକୁ ଟାଣିଛନ୍ତି। ସେ କହିଛନ୍ତି ଯେ ବିଜେପି ଏନେଇ କଣ ପାଇଁ ଚୁପ ଅଛି। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରିବା ଦାୟିତ୍ୱ ସରକାରଙ୍କର। ମାତ୍ର ସରକାର ଓକିଲଙ୍କୁ ଓକିଲଙ୍କ ସହ ଏବଂ ଜିଲ୍ଲାକୁ ଜିଲ୍ଲା ସହ ଲଢ଼େଇ କରିବାକୁ ଚାହୁଁଛନ୍ତି। ଯେଉଁଠାରେ ବେଞ୍ଚ ପ୍ରତିଷ୍ଠା ପାଇଁ ସର୍ବାଧିକ ଆବଶ୍ୟକତା ରହିଛି, ସେଠାରେ ସରକାର ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଦଶନ୍ଧି ଧରି ଚାଲି ଆସିଛି। ସ୍ୱାଭାବିକ ଭାବେ ପଶ୍ଚିମ ଓଡ଼ିଶା ବିଜେପିର ଗଡ ରୂପେ ଜଣାଯାଏ। ରାଜ୍ୟରେ କ୍ଷମତାକୁ ଆସିଲେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ହେବ ବୋଲି ନିର୍ବାଚନରେ ବିଜେପିର ଛାମୁଆ ନେତା ପ୍ରତିଶ୍ରୁତି ଦେଇଥିଲେ। ବିଜେପି ପଶ୍ଚିମ ଓଡ଼ିଶାରୁ ସମସ୍ତ ୫ ଲୋକସଭା ଆସନ ଜିଣିବା ସହ ବହୁ ସଂଖ୍ୟାରେ ବିଧାନସଭା ଆସନ ମଧ୍ୟ ଜିଣିବାରେ ସମର୍ଥ ହୋଇଥିଲା। ତେବେ ରାଜ୍ୟରେ ଏବଂ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବା ପରେ ବେଞ୍ଚ ପ୍ରତିଷ୍ଠା ଏବେ ବିଜେପି ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହାଠାରୁ ବଡ଼ ଆହ୍ୱାନ ହେଉଛି ବେଞ୍ଚ କେଉଁଠାରେ ପ୍ରତିଷ୍ଠା ହେବ ସେନେଇ ସ୍ଥାନ ନିରୂପଣ କରିବା। ଏନେଇ ବିଜେପି ଅଠାକାଠିରେ ପଡ଼ିବାର ସମ୍ଭାବନା ରହିଛି। ଯଦି ବିଜେପି ସରକାର ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନକରୁଛନ୍ତି, ତାହେଲେ ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଶକ୍ତ ଧକ୍କା ସଦୃଶ୍ୟ ହେବ।

### ସ୍ୱ-ଘୋଷଣାନାମା...

ଦେବାକୁ ପଡ଼ିବ। ନିଯୁକ୍ତିଦାତାଙ୍କୁ ରାତି ସିଫ୍ଟ ପାଇଁ ବ୍ୟବହୃତ ଗାଡ଼ିର ପ୍ରତ୍ୟେକ ଡ୍ରାଇଭରଙ୍କ ବାୟୋ-ଡାଟା ଓ ପୁଲିସ୍ ଭେରିଫିକେସନ୍ କରାଇବାକୁ କୁହାଯାଇଥିବା ବେଳେ କାର୍ଯ୍ୟସ୍ଥଳରେ ଶୌଚାଳୟ ଓ ପାନୀୟ ଜଳର ଉପଯୁକ୍ତ ସୁବିଧା ରହିବା ଆବଶ୍ୟକ ବୋଲି କୁହାଯାଇଛି। ଏହି ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଓ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରାଯିବା ଏବଂ ପରିବହନ ଗାଡ଼ିରେ ମହିଳା ହେଲ୍ପଲାଇନ ନମ୍ବର, ଶ୍ରମ ବିଭାଗର ହେଲ୍ପଲାଇନ ନମ୍ବର ପ୍ରଦର୍ଶନ ସହ ସିଫ୍ଟ ବଦଳ ସମୟରେ ୮ ଘଣ୍ଟା ବିଶ୍ରାମ ଦେବା ବାଧ୍ୟତାମୂଳକ ରଖାଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ଆଇନ ପାଳନ ସହ ନିଯୁକ୍ତିଦାତା ସ୍ୱ-ପ୍ରମାଣପତ୍ର ଦାଖଲ କରିବେ।

ଏସଂକ୍ରାନ୍ତରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ କେନ୍ଦ୍ରୀୟ ଆଇନ ଅନୁସାରେ ବିଭିନ୍ନ ରାଜ୍ୟକୁ ଚିଠି ହୋଇଛି। ଓଡ଼ିଶାରେ ପୁରୁଷ ମହିଳା ମଧ୍ୟରେ ଥିବା ତାରତମ୍ୟ ହ୍ରାସ ଏବଂ ସଶକ୍ତିକରଣ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ରାତି ସିଫ୍ଟ ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏଥିପାଇଁ ମହିଳାମାନଙ୍କୁ ସ୍ୱ-ଘୋଷଣାନାମା ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସରକାରଙ୍କ ଏହି ନୀତିକୁ ବିଜେଡି ସମାଲୋଚନା କରିଛି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମହିଳାମାନେ ଘୋଷଣା ନାମା ଦେଇ କାର୍ଯ୍ୟ କରିବା ଅର୍ଥ ନିଜ ସୁରକ୍ଷା ନିଜେ କରିବେ। ସରକାରଙ୍କ ତରଫରୁ କିଛି କରାଯିବ ନାହିଁ। ମହିଳା କର୍ମଚାରୀ ଘୋଷଣାନାମା ଦେବା ପରେ ସରକାରଙ୍କର ଆଉ କିଛି ଦାୟିତ୍ୱ ରହିବ ନାହିଁ। ଏହାର ଅର୍ଥ ସରକାର ସୁରକ୍ଷା ଦେଇପାରୁନାହାନ୍ତି। ନାରୀଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କର ମନୋଭାବ ନାହିଁ। ଘୋଷଣାନାମା ଦେଇସାରିବା ପରେ କୌଣସି ଅଘଟଣ ହେଲେ ମହିଳା ଦାୟୀ ରହିବେ, ସରକାର ନୁହେଁ। ସରକାର ନିଜ ମୁଣ୍ଡରୁ ଦୋଷ ଖସେଇ ଦେବା ପାଇଁ ଏଭଳି କରିଛନ୍ତି। ସରକାରଙ୍କ ନୀତି ନିୟମ ଓ ଶାସନ ବ୍ୟବସ୍ଥା କାହିଁକି ଅଛି? ମହିଳା ଯଦି ନିଜ ସୁରକ୍ଷା ନିଜେ କରିବେ, ସରକାର କାହିଁକି ଅଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି।

### ପରଲୋକରେ ଦିଶୋମ୍...

ଦିବଂଗତ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ, ମୀସା ଭରତୀ, ମନୋଜ ଝା ଏବଂ ଆରଜେଡିର ଅନେକ ନେତା ତାଙ୍କ ପରିବାରକୁ ଭେଟିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସୋରେନ୍‌ଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ଦିଶୋମ୍ ଗୁରୁଜୀ ନାମରେ ପରିଚିତ ଶିବୁ ସୋରେନ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ପ୍ରତିଷ୍ଠାତା ଥିଲେ। ସେ ୟୁପିଏ-୧ କାର୍ଯ୍ୟକାଳରେ କେନ୍ଦ୍ର କୋଇଲା ମନ୍ତ୍ରୀ ରହିଥିଲେ। ତେବେ ଚିରୁଡିହ ହତ୍ୟାକାଣ୍ଡରେ ନାମ ଆସିବା ପରେ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ୧୯୪୪ ଜାନୁଆରୀ ୧୧ରେ ନେମରାରେ ଜନ୍ମିତ ଶିବୁ ସୋରେନ ତିନି ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୫ ମାର୍ଚ୍ଚ ୨ର ପ୍ରଥମ ପାଳିରେ ତାଙ୍କ ସରକାର ମାତ୍ର ୧୦ ଦିନରେ ଭାଙ୍ଗି ଯାଇଥିଲା। ୩ ମାସର କାର୍ଯ୍ୟକାଳରେ ସେ ମାତ୍ର ୧୦ ମାସ ପାଇଁ ସରକାର ଚଳାଇ ଥିଲେ। ଦ୍ୱିତୀୟ ଏବଂ ତୃତୀୟ ପାଳିରେ ୫ ମାସ ଲେଖାଏଁ ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଲୋକସଭାକୁ ମଧ୍ୟ ୬ ଥର ନିର୍ବାଚିତ ହୋଇଥିଲେ।

### ନିଜ ଖାତରେ ପଡ଼ିଲା...

ପ୍ରକାଶ ପାଇଛି। ରାଜନୀତି ଓ ପତିଆରା ବୃଦ୍ଧି ପାଇଁ ଛାତ୍ରୀଙ୍କ ଜୀବନକୁ ବିପଦରେ ପକାଇବାକୁ ଏବିଭିପିର ପ୍ରୟାସକୁ ସବୁଠି ନିନ୍ଦା କରାଯାଉଛି। ଛାତ୍ରୀ ଜଣକ ଏମ୍ସରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ଭେଟିବାକୁ କାହାକୁ ପ୍ରବେଶ କରାଇ ଦେଉ ନଥିଲେ ଏବିଭିପିର କାର୍ଯ୍ୟକର୍ତ୍ତା। ବର୍ଣ୍ଣ ୟୁନିଟ୍ ବାହାରେ ରହି ବିଧାୟକଙ୍କ ସମେତ ବହୁ ଲୋକପ୍ରତିନିଧିଙ୍କୁ ବିରୋଧ କରିବା ସହ ପ୍ରବଳ ଯୁକ୍ତିତର୍କ କରୁଥିଲେ। ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତି ଏହାର କାରଣ ଥିଲା ବି ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେତେବେଳର ଯୁକ୍ତିତର୍କ ଭିଡିଓ ପୁଣିଥରେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି।

ଛାତ୍ରୀ ଆତ୍ମଦାହ ଘଟଣାରେ ସଂଗଠନ କାର୍ଯ୍ୟକର୍ତ୍ତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ପଦାକୁ ଆସିବା ପରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଶିକ୍ଷାବିତ ଓ ରାଜନୈତିକ ବିଶେଷଜ୍ଞଙ୍କ ମତରେ ଶାସକ ବିଜେପି ସହ ସମଭାବାପନ୍ନ ଏହି ଛାତ୍ର ସଂଗଠନ ପଛକୁ ଚାଲିଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ଫଳରେ ନିର୍ବାଚନ ହାରିବାର ଆଶଙ୍କା ବହୁଗୁଣିତ ହୋଇଛି। ଏପରିସ୍ଥିତିରେ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଠିକ୍ ନଥିବା ଦର୍ଶାଇ ପୁଣିଥରେ ନିର୍ବାଚନକୁ ସରକାର ଟାଳି ଦେଇ ପାରନ୍ତି ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ଛାତ୍ରସଂସଦ ନିର୍ବାଚନ ନିଶ୍ଚିତ କରିବା ପାଇଁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ ସାଧାରଣରେ ଘୋଷଣା କରିଛନ୍ତି। ଏହା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେବା ସହ ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସବୁକିଛି ନିରବୀ ଯାଇଛି। ସେହି ଉତ୍ସାହ ଆଉ ଦେଖାଯାଉ ନାହିଁ। ଆଉଥରେ ଅନ୍ତରୀଣ ସର୍ଭେ କରି ସ୍ଥିତି ପରଖିବା ଏବଂ ଦୁର୍ଗାପୂଜା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ କରିବା ସମୟସାପେକ୍ଷ ହୋଇଥିବାରୁ ନିର୍ବାଚନ ଟାଳି ଦେବାର ଆଶଙ୍କା ବହୁଗୁଣିତ ହୋଇଛି।

### ଆତ୍ମଦାହ ପାଇଁ...

କୋର୍ଟରେ ହାଜର କରାଇଥିଲା। କିନ୍ତୁ ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବାଲେଶ୍ୱର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଆତ୍ମହତ୍ୟା ପାଇଁ ଉସୁକାଇବା ଏବଂ ଷଡ଼ଯନ୍ତ୍ର ରଚିବା ଭଳି ସଙ୍ଗିନ୍ ଅଭିଯୋଗରେ ଦୁହିଁଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୦୮ ଓ ଦଫା ୬୧(୨)(ଏ) ଲଗାଇଛି।

ଏହାବ୍ୟତୀତ, କ୍ରାଇମବ୍ରାଞ୍ଚ ଆଜି ମାମଲା ସଂକ୍ରାନ୍ତରେ କିଛି ନୂଆ ପ୍ରମାଣ କୋର୍ଟରେ ଦାଖଲ କରିବା ସହ ତାହାର ଲାବ୍ ଟେଷ୍ଟିଂ ପାଇଁ ଅନୁମତି ମାଗିଛି। ତେବେ ଏ ସଂପର୍କରେ ବିଶେଷ ତଥ୍ୟ ଗଣମାଧ୍ୟମକୁ ଦେବାକୁ କ୍ରାଇମବ୍ରାଞ୍ଚ ମନା କରିଦେଇଛି।

ସୂଚନାଯୋଗ୍ୟ, ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ଜ୍ୟୋତିପ୍ରକାଶ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇ ଏହାର ଭିଡିଓ ଉତ୍ତୋଳନ କରୁଥିଲେ। ପରେ ସେ ସୌମ୍ୟାଶ୍ରୀଙ୍କ ଦେହରୁ ନିଆଁ ଲିଭାଇବାକୁ ଯାଇ ପୋଡ଼ି ଯାଇଥିଲେ। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକକୁ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହେବା ପରେ କିଛି ଦିନ ତଳେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା।

### ହାତବାନ୍ଧି ବସିଛି...

କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଗଣଶିକ୍ଷା ବିଭାଗର ପଛଘୁଞ୍ଚାକୁ ନେଇ ପ୍ରଶ୍ନ ଉଠିଛି।

ପ୍ରଶ୍ନପତ୍ର ପ୍ରଘଟ ହେବା ଜାଣିବା ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେବା କଥା। ହେଲେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରିକି ଗିରଫ ହୋଇ ଜେଲ ଯାଇଥିବା ସତ୍ତ୍ୱେ ଖୋଦ୍ ବୋର୍ଡ ଉପ-ସଭାପତି ଶ୍ରୀ ମହାନ୍ତିଙ୍କୁ ସରକାର ନିଲମ୍ବନ ମଧ୍ୟ କରାଯାଇ ନାହିଁ। ଅନୁରୂପ ଭାବେ ପରୀକ୍ଷା ପରିଚାଳନାରେ ମୁଖ୍ୟ ଦାୟିତ୍ୱରେ ଥିବା ବୋର୍ଡ ମୁଖିଆ ଶ୍ରୀକାନ୍ତ ତରାଇଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏଣୁ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେଉନାହିଁ ଏବଂ କିଏ ଓ କାହିଁକି ଅଭିଯୁକ୍ତଙ୍କୁ ଘୋଡ଼ାଉଛି ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି।

### ସନ୍ଦେହଘେରରେ ସଭାପତିଙ୍କ...

କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ବୋର୍ଡ ଉପ-ସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିଲା ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷରେ ବୋର୍ଡ ଓ ଶ୍ରୀ ମହାନ୍ତିଙ୍କ ସହ ଶ୍ରୀ ତରାଇଙ୍କ ସମ୍ପର୍କ ମଧ୍ୟ ଦୀର୍ଘ ବର୍ଷରୁ ରହିଛି। ପୂର୍ବରୁ ସେ ବୋର୍ଡ ସମ୍ପାଦକ ଭାବେ ପାଖାପାଖି ୩ବର୍ଷ କାର୍ଯ୍ୟ କରିଥିବାବେଳେ ୨୦୨୩ ଡିସେମ୍ବରରୁ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ପ୍ରାୟ ୪ ବର୍ଷର ଅବଧି ମଧ୍ୟରେ ଉଭୟଙ୍କ ମଧ୍ୟରେ ଥିବା ଘନିଷ୍ଠତା କାରଣରୁ ଶ୍ରୀ ମହାନ୍ତିଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଣୁ ଏ ଦିଗରେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁ ବୋଲି ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

### ୬ ଛାତ୍ରୀଙ୍କୁ ହଷ୍ଟେଲ...

ପାଣି ମାରିଥିଲେ। ପରେ ଏହାକୁ ବାହାନା କରି ସିନିଅର୍ ଛାତ୍ରୀମାନେ ରାଗିଂ କରିଥିଲେ। ସମସ୍ତ ଜୁନିଅର୍ ଛାତ୍ରୀଙ୍କୁ ଭୟଭୀତ କରିବା ପାଇଁ ଶନିବାର ରାତି ପ୍ରାୟ ୧୦ଟା ୧୫ରେ ହଷ୍ଟେଲ ପରିସରରେ ଏକ ବୈଠକ ଡକାଯାଇଥିଲା। ବୈଠକକୁ ନଆସିଲେ, ଘୋଷାଡ଼ି ଅଣାଯିବ ବୋଲି ହଷ୍ଟେଲର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ମେସେଜ୍ କରାଯାଇଥିଲ। ତେବେ ଗତକାଲି ଉକ୍ତ ମେସେଜ୍ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜୁନିଅର୍ ଛାତ୍ରୀମାନେ ସାହସ ଜୁଟାଇ ଏ ସଂପର୍କରେ ଅଭିଯୋଗ କରିଥିଲେ।

ଛାତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, ସେଦିନ ବୈଠକ ପୂର୍ବରୁ ସିନିଅର୍‌ମାନେ ସମସ୍ତ ଜୁନିୟରଙ୍କ ମୋବାଇଲ ନେଇଯାଇଥିଲେ। ପରେ ବୈଠକରେ ସେମାନଙ୍କୁ ତାଗିଦ୍ କରିଥିଲେ। ସିନିୟରଙ୍କ ସହ କଥା ହେବା ବେଳେ ମୁହଁ ତଳକୁ କରିବା, ଆଙ୍ଗୁଠି ଦେଖାଇ କଥା ନହେବା, ସବୁବେଳେ ସମ୍ମାନ ଦେବା ପାଇଁ କହିଥିଲେ। କେହି ଅବମାନନା କଲେ, ତା' ଆଙ୍ଗୁଠି କାଟି ଦିଆଯିବ ବୋଲି ଧମକ ଦେଇଥିଲେ। ରାତି ପ୍ରାୟ ୧୦ଟା ୧୫ରୁ ରାତି ୧୨ଟା ପର୍ଯ୍ୟନ୍ତ ଏପରି ରାଗିଂ ଚାଲିଥିଲା ବୋଲି ଅଭିଯୋଗ ହୋଇଛି। ତେବେ ଖାଲି ଥରେ ନୁହେଁ, ପୂର୍ବରୁ ମଧ୍ୟ ସେମାନେ ଏପରି ରାଗିଂର ଶିକାର ହୋଇଛନ୍ତି। କିନ୍ତୁ ଭୟରେ କେହି ମୁହଁ ଖୋଲୁନଥିଲେ।

Accessible India Campaign
Association for Social Reconstructive Activities (ASRA)
Ph: 9437062688, 8249034688
ASRA The Shelter

**ENGAGEMENT**

**DISTRICT DISABILITY REHABILITATION CENTRE (DDRC), JAGATSINGHPUR**

Applications are invited from the interested Professional / personals for engagement at DISTRICT DISABILITY REHABILITATION CENTRE (DDRC), JAGATSINGHPUR on temporary basis for the post of **(1) Clinical Psychologist / Rehabilitation Psychologist:** Educational qualification- M.Phil or Prof. Diploma in Clinical Psych. / M.phil or PGDRP. Hon (P.M.): salary- Rs. 20500/- **(2) Trans Disciplinary Special Educator** (1 No): Educational Qualification- Diploma in Special D.ed Edu / B.Ed in Special Edu (VI) (P.M.): Salary- Rs. 14500/- **(3) Caregiver:** CCCG-RCI / CCCG- N.T or Class-VIII (3 yrs experience in c.g PWD) Hon (P.M.): Rs. 6250/-. The detailed eligibility criteria, qualification, terms & conditions etc are available in the website **www.asraodisha.com**. Candidates shall send their resume within 7 days to the Nodal Officer, District Disability Rehabilitation Centre (DDRC), Jagatsinghpur, C/o ASRA, At-Singharpur, Po-Nabapatana, Dist-Jagatsinghpur, Pin-754114, Odisha by regd. Post / speed post or Email: **asrahosp@gmail.com** on or before **12.08.2025.** Shortlisted candidates will be called for interview. Applications received after **12.08.2025** shall not be entertained.

**Sd/- Nodal Officer, DDRC, Jagatsinghpur**

**AFFIDAVIT**

I, Pappu Quershi, S/o- Samiula Kureshi, resident of Buromal Road, Po- Jharsuguda, Pin- 768201 Dist- Jharsuguda, Odisha declared by this affidavit No- 612, dtd- 02/08/2025 that now onwards I shall be known as **ANISH KURESI** for all future purposes.

**AFFIDAVIT**

I, Bijay Goel, S/o- Late Chamrulal Agrawal, resident of At- Raghunathpada, Titilagarh, Po- Titilagarh, Ps- Titilagarh, Dist- Balangir, Odisha declare by this affidavit No. 12, dtd. 28/07/2025 that, now onwards I shall be known as **Bijay Kumar Goel** for all future purposes.

**AFFIDAVIT**

By virtue of an affidavit CFR No.-708/2025, dtd. 29.07.2025 before the Executive Magisrate, Chandahandi, Dist.- Nabarangpur, I, Mukesh Goud, Vill- Malgaon, Ps- Chandahandi, Dist.- Nabarangpur have changed my name from Dhanaru Goud to Mukesh Goud, Henceforth I shall be known as **Mukesh Goud** for all purposes.
**Sd/- Mukesh Goud**

**AFFIDAVIT**

By virtue of an affidavit No.3194, Dtd.02.08.2025 sworn before the Executive Magistrate, Jaleswar I, Durgarani Chand, W/o. Rajib Lochan Chand, At. Santia, Po. Jaleswar, Ps. Jaleswar, Dist. Balasore, Pin- 756032, Odisha renounce, relinquish and abandon the use of my son former name Rudra Prasad Chand (old name) instead of Rajveer Chand (New name). Henceforth, he will be known as **Rajveer Chand** for all purposes.

**AFFIDAVIT**

I, Priyatrma Kar, W/o- Asit Kumar Kar, resident of C-132-B, Kh No- 858, J V T S Garden, Chattarpur Extn, Po- Chattarpur, Pin- 110074, Dist- South Delhi, Delhi, declared by this affidavit No. 2505, dtd- 28/11/2024 that now onwards I shall be known as **PRIYATAMA KAR** for all future purposes.

**Notice**
**(above 18 years of age)**

By virtue of an affidavit sworn before the Executive Magistrate, Gopabandhu Nagar, Mayurbhanj, dated 04-08-2025, I, Sushil Rana, Address AT- Kudiakhunta, PO- Ranibandha, PS- Khunta, Dist- Mayurbhanj, PIN-757026 declare that I have changed my name Sushila Rana to Sushil Rana. Henceforth I shall be known as Sushil Rana for all purposes.
**Sushil Rana**

**AFFIDAVIT**

By virtue of an affidavit (CF No. 06, date- 04/08/2025) sworn before The Executive Magistrate, Padampur. I, **Miniketan Thapa** (new name), permanent & current resident of At- Darbekela, Po- Mahulpali, P.S. Padampur, Dist- Bargarh, PIN- 768036 Odisha declare that I have changed my name from **Meenaketan Thapa** (old name) to **Miniketan Thapa** (new name). Henceforth, I shall be known as **Miniketan Thapa** (new name), S/o Harekrushna Thapa for all future purposes.
**Miniketan Thapa**

**NOTICE**

By virtue of an affidavit sworn before the Notary Public, Cuttack, dated 29.07.2025 I, Srimati Devi, W/o – Late Abhimanyu Nayak, resident of At- Jhinki Jhari (Harijan Sahi), PO- Nizigarh Tapang, PS/Dist- Khorda, Odisha, Pin- 752018 have changed my name from Smriti Devi to Srimati Devi. Henceforth, I shall be known as Srimati Devi for all purposes.
**(Srimati Devi)**

**AFFIDAVIT**

I, Rasmi Ranjita Bagh, W/o- Sujan Bagh, resident of At/Po- Kamata, Anchalgumma, Ps- Tentulikhunti, Pin- 764049, Dist- Nabarangpur, Odisha declared by this affidavit No- 8346, dtd- 01/08/2025 that now onwards I shall be known as **RASHMI RANJITA BAGH** for all future purposes.

**NOTICE**

By virtue of an affidavit sworn before Sri Himanshu Bhusan Palei, O.R.S, Executive Magistrate, Puri dated 30/07/2025. I Nrusingha Charan Khuntia of Gangamata Bagicha, Po: Puri-2, PS: Kumbharapada, Dist: Puri, Odisha-752002 declare that, I have changed my fathers name from PRANAB KISHORE MOHANTY to RADHU KHUNTIA. Henceforth, he shall be known as RADHU KHUNTIA for all purposes.
**NRUSINGHA CHARAN KHUNTIA**

**AFFIDAVIT**

By virtue of an affidavit sworn before Executive Magistrate , Gaisilet, dtd- 29/07/2025, I, **Sarat Kalo,** resident of At/Po/Ps- Gaisilet, Dist- Bargarh, Odisha, Pin- 768037, declare that I have changed my minor son's name **Swastik Kalo** (old name) to **Sangram Kalo** (new name). Henceforth, he will be known as **Sangram Kalo** for all purposes.
**Sarat Kalo**

**AFFIDAVIT**

I, Puspanjali Samantaray, aged about 54 years, W/o Pratap Chandra Buxipatra, resident of Plot No. 301/07, Hal Plot No. 1294/5001, Sastrinagar, Bhubaneswar, PO- Nayapalli, Dist- Khordha, PIN- 751012, Odisha declared by this affidavit No. 1516, dtd- 31/07/2025 that now onwards I shall be known as **PUSPANJALI BUXIPATRA** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 24/07/2025. I, **Biganatha Kharsel** (new name) formerly called as **Biganath Kharsel** (old name), S/o- Pitho, Permanent resident of AT/P.O. Bhatipada, P.S. Titilagarh, Dist- Bolangir (Odisha), PIN-767042 now residing at the same place affirm that I have changed my name from **Biganath Kharsel** (old name) to **Biganatha Kharsel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Biganatha Kharsel** (new name).
**Biganatha Kharsel**

**AFFIDAVIT**

I, Sushree Sangeeta Mishra, D/o- Annada Prasad Mishra, resident of Plot No- 651/992, Anantapur, Jagannathapur, Balianta, Pin- 752101, Dist- Khurda, Odisha declared by this affidavit No. 613, dtd- 02/08/2025 that now onwards I shall be known as **SUSHREE SANGITA MISHRA** for all future purposes.

ସକାଳ
THE SAKALA



www.sakalaepaper.com

# ଚାଷୀ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବରଗଡ଼,୪।୮ (ସମିସ)



ଭେଡେନ ବ୍ଲକ୍‌ରେ ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମକୁ ଯିବା ପୂର୍ବରୁ ଭେଡେନ କୃଷକ ସଂଗଠନ ତରଫରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ତିନି ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଦାବି ପୂରଣ ନ ହେଲେ ତୀବ୍ର ଆନ୍ଦୋଳନ କରିଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାନ ପଞ୍ଜୀକରଣ ଜଟିଳତା ପ୍ରସଙ୍ଗ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ, ଜିଲ୍ଲାପାଳ, ଏସପିଙ୍କୁ ଦାବିପତ୍ର ପ୍ରଦାନ କରାହୋଇଛି। ଏହାପରେ ୪୫ ଟି ସୋସାଇଟି ପକ୍ଷରୁ ଅସନ୍ତୋଷ ପ୍ରଦର୍ଶନ ଏବଂ ଦାବିପତ୍ର ପ୍ରଦାନ, ସବକଲେକ୍ଟର ପଦ୍ମପୁର ଏବଂ ଡିଆରସିଏସଙ୍କ ସହିତ ଆଲୋଚନା ପରେ ମଧ୍ୟ କୌଣସି ସମାଧାନ ନ ମିଳିବା ପରିତାପର ବିଷୟ ବୋଲି କୁହାଯାଇଛି। ମାତ୍ର ଯୋଗାଣ ମନ୍ତ୍ରୀ ବାରମ୍ବାର ମତ ପରିବର୍ତ୍ତନ କରି ମିଡିଆରେ ପଞ୍ଜୀକରଣକୁ ସରଳୀକରଣ କରାଗଲା ବୋଲି ବିବୃତି ଦେବା ଆଶ୍ଚର୍ଯ୍ୟ କରେ। ଆନ୍ଦୋଳନ ଚାପରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ କହିବା ଅନୁସାରେ ରେକର୍ଡଧାରୀଙ୍କ ମୃତ୍ୟୁ କ୍ଷେତ୍ରରେ କେବଳ ସ୍ୱଘୋଷଣାନାମା ଦେଇ ଧାନ ବିକ୍ରି ପଞ୍ଜୀକରଣ କରିହେବ। କିନ୍ତୁ କୌଣସି ସୋସାଇଟି ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ପୂର୍ବ ଘୋଷିତ ବଂଶାବଳୀ ଏବଂ ସହମତି ପତ୍ର ନ ଦେଲେ ଧାନ ପଞ୍ଜୀକରଣ କରାଯାଉ ନାହିଁ। ତା'ହେଲେ ମନ୍ତ୍ରୀ ମିଛ କହୁଛନ୍ତି ନା ଅଫିସର୍ ମାନେ ମନ୍ତ୍ରୀଙ୍କ କଥା ମାନୁନାହାନ୍ତି ବୋଲି ସଂଗଠନ ପ୍ରଶ୍ନ କରିଛି।

ସେହିପରି ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଏକ ମାସରୁ ଊର୍ଦ୍ଧ୍ୱ ହେବ ବରଗଡ଼ ଜିଲ୍ଲାରେ ଅଦିନିଆ ବର୍ଷା ଜନିତ କ୍ଷତିପୂରଣ ପାଇଁ

**୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ହିସାବ ନାହିଁ**

ଇନପୁଟ ସବସଡି ଘୋଷଣା କଲେ। କ୍ଷୟକ୍ଷତି ବାବଦକୁ ୭ କୋଟି ୫୫ ଲକ୍ଷ ୪୪ ହଜାର ଟଙ୍କା ଘୋଷଣା ହୋଇଥିଲା। ହେଲେ ପ୍ରଶାସନ କାହାକୁ ଦେଲେ ଜଣା ପଡୁନାହିଁ। ତା'ହେଲେ ଏଠି ମଧ୍ୟ ମନ୍ତ୍ରୀଙ୍କ ଘୋଷଣା କଣ ଘୋଷଣାରେ ରହିଗଲା ବୋଲି ସଂଗଠନ ଦ୍ୱିତୀୟ ଦାବିରେ ଉଲ୍ଲେଖ କରିଛନ୍ତି। ଫସଲ ବୀମା କ୍ଷତିପୂରଣ ଆବେଦନର ୧୦ ଦିନ ମଧ୍ୟରେ ସର୍ଭେ ହେବ ଏବଂ ୧୫ ଦିନରେ କ୍ଷତିପୂରଣ ଦେବା ନିୟମ ଅଛି ତାହାହେଲେ କାହିଁକି କ୍ଷତିପୂରଣ ଦେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଧାନ ବିକ୍ରି କାର୍ଡ ତିଆରୀ ପାଇଁ କେବଳ ସ୍ୱଘୋଷଣା ନାମା ବ୍ୟତୀତ ଅନ୍ୟ କୌଣସି କାଗଜପତ୍ର ଦେବା ସମ୍ଭବ ନୁହେଁ ବୋଲି ରୋକଠୋକ ମନା କରି ତିନୋଟି ସମାଧାନ ଶୀଘ୍ର କରାନଯାଏ ତାହାହେଲେ ଯେ କୌଣସି ମୁହୂର୍ତ୍ତରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ସଂଗଠନର ଉପୃନ୍ନ ଭୋଇ, ସୁଦାମ ପାତ୍ର, ବିକାଶ ମାଝୀ, ମୋତିଲାଲ ମହାକୁଡ, ଭିଜନ ପାଢ଼ୀ, ସୁଦଂଶୁ ଦୀପ, ଚୂଡାମଣି ଛନ୍ଦ, ଦଶ ମାଇଲ କୃଷକ ସଂଗଠନର ରବିଶଙ୍କର ପଧାନ, ଡୋଳାମଣି ମେହେର, ରମେଶ ମହାପାତ୍ର ଏବଂ ନିମାଇଁ ପଧାନ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି।

## ବରଗଡ଼ର ୯ କଳାକାରଙ୍କୁ 'ଆଦି କଳା' ଜାତୀୟ ସମ୍ମାନ



ବରଗଡ଼,୪।୮ (ସମିସ): ଐତିହ୍ୟ କଳା ସଂସ୍କୃତି ସମ୍ପନ୍ନ ବରଗଡ଼ ଜିଲ୍ଲା। ଜିଲ୍ଲାର ୯ ଜଣ ବିଭିନ୍ନ ବର୍ଗର କଳାକାରଙ୍କୁ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ଠାରେ ଭାରତ ସରକାରଙ୍କ ପଞ୍ଜୀକୃତ ସଂସ୍ଥା କଲଚର ଡେଭଲପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନ ଜନକ 'ଆଦି କଳା' ଜାତୀୟ କଳା ସମ୍ମାନ ପ୍ରଦାନ କରାଯାଇଛି। ସଙ୍କୀର୍ତ୍ତନ କଳାକାର ଗୁରୁ ପ୍ରମୋଦ ଦାଶ, ଗଣ୍ଡା ବଜାର ଢୋଲ ବଜନିଆ ଶତରଙ୍ଗି ବାଗ ଓ ଅନିରୁଦ୍ଧ ପାଇକ, ମାଦଳ ବାଦକ ଖଗେଶ୍ୱର ସାହୁ, ଲୋକ କଳା କରମ ସାନି ଗାୟକ ନରେନ୍ଦ୍ର କଣ୍ଟା ଓ ସୁଶାନ୍ତ ବାରିକ, ଲୋକନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, ମୁହୁରୀ ବାଦକ ବାବୁଲାଲ ଲୁହା, କଣ୍ଠଶିଳ୍ପୀ ସୁନୀତା ପଟ୍ଟନାୟକ ପ୍ରମୁଖ ଏହି ସମ୍ମାନ ପାଇଛନ୍ତି। ଅନ୍ତର୍ଜାତୀୟ ନୃତ୍ୟ ପରିଷଦର ସଦସ୍ୟ ଡ.ଉପେନ୍ଦ୍ର ଶର୍ମାଙ୍କ ଉପସ୍ଥିତିରେ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଖବର ପରେ ପଶ୍ଚିମ ଓଡ଼ିଶାର ବିଭିନ୍ନ କଳା ସଂଗଠନ ତରଫରୁ ସମ୍ବର୍ଦ୍ଧିତ କଳାକାର ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଭେଡେନ,୪।୮ (ସମିସ): ଭେଡେନ ବ୍ଲକ୍ ଅର୍ଜୁଣ୍ଡା ପଞ୍ଚାୟତ ମାର୍ହା ପାଲି ଗାଁରେ ବିଷାକ୍ତ ସାପ କାମୁଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ପ୍ରମୋଦିନୀ ଧରେଇ (୩୫) ବୋଲି ଜଣାପଡିଛି। ରବିବାର ଶୋଇଥିବା ଅବସ୍ଥାରେ ରାତି ୨ ଟାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ବୁର୍ଲା ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ତାଙ୍କ ପଛରେ ସ୍ୱାମୀ, ୨ପୁଅ, ଝିଅଙ୍କୁ ଛାଡ଼ି ଯାଇଛନ୍ତି।

## ପିକ୍‌ଅପ ସହ ଲକ୍ଷାଧିକ ଟଙ୍କାର କାଠ ଜବତ



ଦହିତା,୪।୮ (ସମିସ): ପଦ୍ମପୁର ବନ ବିଭାଗ ପକ୍ଷରୁ କାଠ ଚୋରାଚାଲାଣ କରୁଥିବା ଏକ ପିକଅପ ଗାଡିକୁ ସୋମବାର ଜବତ କରାଯାଇଛି। ପଦ୍ମପୁର ପାଟଣାଗଡ ରାସ୍ତାରେ ଏକ ପିକଅପ ଭ୍ୟାନରେ ପ୍ରାୟ ୨୫୦୦କେଜି କେନ୍ଦୁ କାଠ ଗଣ୍ଡି ଆସୁଥିଲା। ଖବର ପାଇ ବନ ବିଭାଗ ଦହିତା କଲେଜ ପାଖରେ ଗାଡ଼ିକୁ ଅଟକ ରଖିଥିଲା। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଡ୍ରାଇଭର ଗାଡ଼ିରୁ ଚମ୍ପଟ ମାରିଥିଲା। କାଠ ଗଣ୍ଡିର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୫ହଜାର ହେବ ବୋଲି ଜଣାପଡ଼ିଛି। ପଦ୍ମପୁର ରେଞ୍ଜର ରଞ୍ଜିତ ସିଂ ବାବୁ, ଫରେଷ୍ଟର ସରୋଜ ସାହୁ, ରାଧାକାନ୍ତ କୁମ୍ଭାର, ପଦ୍ମିନୀ ଭୋଇ, ସ୍କାର୍ଡ ମନ ଥାଟୁ, ସୁଧାଂଶୁ ଶେଖର ସୁନା, ତରଣୀ ଦାସ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ପେନକାକ ସିଲଟ ଚାମ୍ପିଅନ୍‌ସିପ୍‌ରେ ବୈଦିକ ସ୍କୁଲର କୃତିତ୍ୱ



ବରଗଡ଼,୪।୮ (ସମିସ): ସପ୍ତମ ବରଗଡ଼ ଜିଲ୍ଲା ପେନକାକ ସିଲଟ ଚାମ୍ପିଅନ୍‌ସିପ୍ ୨୦୨୫ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିଅମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ର ବିଭିନ୍ନ ବିଦ୍ୟାଳୟର ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ଶିକ୍ଷକ ଆକାଶ କୁମ୍ଭାର ଓ ରାକେଶ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରତିଯୋଗିତାରେ ଅଭୁତପୂର୍ବ ସଫଳତା ପାଇଛନ୍ତି। ବାଳକ ବର୍ଗରେ ୨୩ଟି ଓ ବାଳିକା ବର୍ଗରେ ୧୫ଟି ମିଶାଇ ମୋଟ ୩୮ ଟି ମେଡାଲ ପାଇ କୃତିତ୍ୱ ହାସଲ କରିଛନ୍ତି। ସେଥିମଧ୍ୟରୁ ୧୧ଟି ସ୍ୱର୍ଣ୍ଣ ପଦକ, ୧୩ଟି ରୌପ୍ୟ ପଦକ ଓ ୧୪ଟି ବ୍ରୋଞ୍ଜ ପଦକ ପାଇଛନ୍ତି। ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗାର୍ଗୀ ଚାଟର୍ଜୀ, ଶିକ୍ଷକବୃନ୍ଦ ଓ ଛାତ୍ରଛାତ୍ରୀ ସମସ୍ତ ପଦକ ବିଜେତା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଶବ୍ଦ ପ୍ରଦୂଷଣ କରୁଥିବା ୬ ବାଇକ୍ ଜବତ

ପଦ୍ମପୁର,୪।୮ (ସମିସ): ପଦ୍ମପୁର ପୁଲିସ ବିକଟାଳ ଶବ୍ଦ କରୁଥିବା ୬ଟି ବୁଲେଟ ଗାଡ଼ିକୁ ଜବତ କରିଛି। ଆରୋହୀମାନେ ଗାଡ଼ିର ମୂଳ ସାଇଲେନ୍‌ସରକୁ କୃତ୍ରିମ ଭାବେ ପରିବର୍ତ୍ତିନ କରି ଅଧିକ ବିକୃତ ତଥା ଉଚ୍ଚ ଧ୍ୱନୀ ସୃଷ୍ଟି କରୁଥିଲେ। ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣଙ୍କ ବିଶେଷ ଅସୁବିଧା ହେବା ସହ ରୋଗୀ, ଛାତ୍ରଛାତ୍ରୀ, ବୃଦ୍ଧ ବୃଦ୍ଧାଙ୍କ ବିଶେଷ ଅସୁବିଧା ହେଉଥିଲା। ତେଣୁ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ବୁଲେଟ ଗୁଡିକକୁ ଜବତ କରି ଚାଲାଣ କଟାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଭେଡେନ ବ୍ଲକ୍‌ରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି



ଭେଡେନ,୪।୮ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଅଫିସ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଶୁଣାଣୀ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ୧୦ଟି ସାମୂହିକ ଓ ୨୮ଟି ବ୍ୟକ୍ତିଗତ ମୋଟ ୩୮ଟି ଅଭିଯୋଗ ଗୁଡିକର ଜନଶୁଣାଣି କରି ଅତିଶୀଘ୍ର ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲ୍ଲାପାଳଙ୍କ ସହିତ ସିଡିଓ ଲଲାଟ ଲୁହା, ବରଗଡ଼ ଏସପି ପ୍ରହ୍ଲାଦ ଏସ ମିନା, ଭେଡେନ ବ୍ଲକ୍ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ସିଡିଏମଓ ଡ.କୁବେର ଚନ୍ଦ୍ର ମହାନ୍ତିଙ୍କ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଜଙ୍ଗଲ, ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ, ଅବକାରୀ ବିଭାଗ, ପଶୁ ଉନ୍ନୟନ, ଆଦି ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହାସହ ବରଗଡ଼ ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ଭେଡେନ ବିଡିଓ କର୍ଣ୍ଣ ସୁନା, ବିଏସଏସଓ ଚକ୍ରପାଣି ଦାଶ, ଆରଡବ୍ଲ୍ୟୁଏସଏସ ଜେଇ ଅମିତା ସ୍ୱାଇଁ, ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଅଭିଯୋଗ ଶୁଣାଣିରେ ଭେଡେନ ବ୍ଲକ୍‌ର ଅନେକ ସମିତି ସଭ୍ୟ ଜିଲ୍ଲାପାଳ ଗୋୟଲଙ୍କ ଠାରେ ତାଙ୍କୁ ପ୍ରଶାସନ ଅଧିକାରୀ ଅବହେଳା କରୁଥିବା ଲିଖିତ ଅଭିଯୋଗ କରିଛନ୍ତି। ବିକାଶ କାର୍ଯ୍ୟରେ ଅବହେଳା କରୁଛନ୍ତି ବୋଲି ପ୍ରତିନିଧି ମାନେ ପ୍ରକାଶ କରିଥିଲେ। ଏହି ସମସ୍ୟାକୁ ନେଇ ଭେଡେନ ବ୍ଲକ୍‌ରେ ସମିତି ବୈଠକରେ ହଟ୍ଟଗୋଳ ହୋଇଥିଲା। କିନ୍ତୁ ଏହାର ସମାଧାନ ଦୀର୍ଘ ଦିନ ହେବ ହୋଇ ପାରିନାହିଁ। ପ୍ରତିନିଧିମାନେ ବିଡିଓ ସେମାନଙ୍କୁ କାମ କରିବା ଅନୁମତି ଦେଉନଥିବା କହିଥିଲେ। ଏହାର ସମାଧାନ ନହେଲେ ଆମେ କେହି ଯିବୁନାହିଁ ବୋଲି ପ୍ରକାଶ କରିଥିଲେ। ପରେ ଏହାର ସମାଧାନ କରିବା ପାଇଁ ବିଡିଓ କର୍ଣ୍ଣ ସୁନାଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କାହାର ଅଦୃଶ୍ୟ ଶକ୍ତି ପରିଚାଳନାରେ ଭେଡେନ ବ୍ଲକ୍‌ର ସମସ୍ତ ଅଧିକାରୀ ଉଠବସ ହେଉଛନ୍ତି ଓ ଜନପ୍ରତିନିଧିଙ୍କୁ ହଇରାଣ କରୁଛନ୍ତି ବୋଲି ଚର୍ଚ୍ଚା ଲାଗିରହିଛି।

## କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ



ପଦ୍ମପୁର,୪।୮ (ସମିସ): ପଦ୍ମପୁରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁ ଏବଂ ନଗର କଂଗ୍ରେସ କମିଟି ଦ୍ୱାରା କଂଗ୍ରେସ କାର୍ଯ୍ୟାଳୟରୁ ଶତାଧିକ କଂଗ୍ରେସ କର୍ମୀ ଏବଂ ଏନଏସିର ଜନସାଧାରଣ ମିଶି ଉପଜିଲ୍ଲାପାଳଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅନେକ ସମସ୍ୟା ଜଣାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଡାକ୍ତରଖାନା ପରିଷ୍କାର ରଖିବା, ଉପଯୁକ୍ତ ପରିମାଣ ଡାକ୍ତର, ପାରାମେଡିକାଲ ଷ୍ଟାଫ ନିଯୁକ୍ତି, ସହରର ଡ୍ରେନେଜ ସିଷ୍ଟମ ଠିକ କରିବା, ଦୀର୍ଘ ଦିନରୁ ଥିବା ଓଭର ହେଡ ଟାଙ୍କି କାର୍ଯ୍ୟକ୍ଷମ କରିବା, ଆଥଲେଟିକ ଆସୋସିଏନ ପୁନଃ ଗଠନ, ନିଶାକାରବାର ବନ୍ଦ କରିବା, ଛାତ୍ରୀମାନଙ୍କ ସୁରକ୍ଷା ଦେବା, ମଶାମାଛି ଦାଉରୁ ସହରକୁ ସୁରକ୍ଷିତ ରଖିବା ପାଇଁ ମଶା ମରା ଧୂଆଁ ପ୍ରୟୋଗ ଆଦି ଦାବି ପୂରଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ କଂଗ୍ରେସ କମିଟି ତରଫରୁ ପର୍ଯ୍ୟବେକ୍ଷକ ଡ.ବିନୟ ଜୟସ୍ୱାଲ, ରାଜ୍ୟ କଂଗ୍ରେସ କମିଟି ତରଫରୁ ପର୍ଯ୍ୟବେକ୍ଷକ ଗଣେଶ ସାହୁ, ନଗର କଂଗ୍ରେସ ସଭାପତି ଦିଲୀପ ଦାନୀ, ଗଜେନ୍ଦ୍ର ଶର୍ମା, ନେହେରୁ ତ୍ରିପାଠୀ, ମହେନ୍ଦ୍ର ଖୁଣ୍ଟିଆ, ବିଜୟନନ୍ଦ ପଟ୍ଟନାୟକ, ଗୌନ୍ତିଆ ସାହୁ, ସନ୍ତୋଷ ଶତପଥୀ, ପ୍ରଦୀପ ସାହୁ, ପ୍ରଦୀପ ବେହେରା, ଅନିଲ ଅଗ୍ରୱାଲ, ପିଣ୍ଟୁ ନାଥ, ପ୍ରଭାତ ବାରିକ, ଗତିକୃଷ୍ଣ ଭୋଇ ଉପସ୍ଥିତ ଥିଲେ।

## ମାତୃ ନିକେତନରେ ନିଶୁଳ୍କ ଚିକିତ୍ସା

ପାଇକମାଲ,୪।୮ (ସମିସ): ବରଗଡ଼ ଜିଲ୍ଲା ପାଇକମାଳ ନୃସିଂହନାଥ ରାସ୍ତାରେ ଥିବା ସ୍ୱାଧୀନତା ସଂଗ୍ରାମୀ ବଡ ମାଁ ପାର୍ବତୀ ଗିରିଙ୍କ ପ୍ରତିଷ୍ଠିତ କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ବରଗଡ଼ ବିକାଶ ହସ୍ପିଟାଲର ଦୁଇ ଡାକ୍ତର ସ୍ୱେଚ୍ଛାକୃତ ଚିକିତ୍ସା କରିଛନ୍ତି। ଶିଶୁରୋଗ ମେଡିସିନ ବିଶେଷଜ୍ଞ ଡ.ନୀଳମଣି ପାତ୍ର ଓ ଶିଶୁ ସର୍ଜରୀ ବିଶେଷଜ୍ଞ ଡ.ପ୍ରଣୟ ପାଣିଗ୍ରାହୀ ଅନ୍ତେବାସୀଙ୍କର ୫୨ଜଣ ପୁଅ ଝିଅଙ୍କୁ ପରୀକ୍ଷା କରିଥିଲେ। ସମସ୍ତଙ୍କୁ ନିଜ ଅର୍ଥରେ କିଣିଥିବା ଔଷଧ ବଣ୍ଟନ କରିଥିଲେ। ଡ.ଅଜିତ ବାରିକ ସହଯୋଗ କରିଥିଲେ।

## ବରତୁଣ୍ଡା ଓ ଡୁମ୍ରେବାହାଲରେ ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



ପାଇକମାଲ,୪।୮ (ସମିସ): ପାଇକମାଲ ବ୍ଲକ୍ ବରତୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ସିଆରସିସି ଉଗ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପାଇକମାଲ ବିଇଓ ଅଦନ ସୁନା ଉପସ୍ଥିତ ଥିଲେ। ଚେରଙ୍ଗାଝାଞ୍ଜ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଅଧିକ ମାତ୍ରାରେ ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ନବୋଦୟ ବିଦ୍ୟାଳୟର ମଳୟ ବିଶ୍ୱାଳ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାଇବା ସହ ଫର୍ମ ପ୍ରଦାନ କରିଥିଲେ। ବାଦିବାହାଳ ପ୍ରଧାନ ଶିକ୍ଷକ ମାଧବ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଡୁମ୍ରେବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ବସୁଦେବ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷୀକେଶ ବାଗ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ମାଣ୍ଡୋସିଲ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଓ ଏଫଏଲଏନ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ।

## ପେଟ୍ରୋଲ ପମ୍ପରେ ଫ୍ରି ଏୟାର କେବଳ ସାଇନ୍ ବୋର୍ଡରେ ସୀମିତ

ପଦ୍ମପୁର,୪।୮ (ସମିସ): ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ, ଡିଜେଲ ବିକ୍ରି କରିବା ସହ ଫ୍ରି ଏୟାର, ପରିମଳ, ପାଣି ବ୍ୟବସ୍ଥା ଆଦି ରଖିବାକୁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ରହିଛି। ପେଟ୍ରୋଲ ପମ୍ପ ଖୋଲିବା ପୂର୍ବରୁ ଏସମସ୍ତ ପ୍ରକାର ଚୁକ୍ତିନାମା ସରିଥାଏ। କିଛି ଦିନ ସମସ୍ତ ସୁବିଧା ଚେକିଂ ପର୍ଯ୍ୟନ୍ତ ରହିଥାଏ। ପରେ ଏସବୁ ସୁବିଧା ଉପଲବ୍ଧ ହୁଏ ନାହିଁ। ଉପଭୋକ୍ତା ଡିଜେଲ, ପେଟ୍ରୋଲ ନେଇ ଫ୍ରି ଏୟାର ଚେକିଂ ଜାଗାକୁ ଆସି ନିରାଶରେ ଫେରିଯାଆନ୍ତି।

ଅନ୍ୟତ୍ର ଯାଇ ଖର୍ଚ୍ଚାନ୍ତ ହୁଅନ୍ତି। ଯଦି ପେଟ୍ରୋଲ ପମ୍ପ ଫ୍ରି ଏୟାର ଉପଲବ୍ଧ କରିବାକୁ ଅସମର୍ଥ ତେବେ ସାଇନ ବୋର୍ଡ ଉଠାଇ ଦେବା ଉଚିତ ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



ଅତାବିରା,୪।୮ (ସମିସ): ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଗବୁଗା କ୍ଲଷ୍ଟର ସ୍ତରୀୟ ଦ୍ୱିତୀୟ ମାସିକ ବୈଠକ ସିଆର୍‌ସିସି ନନ୍ଦିଘୋଷ ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୁଗବୁଗା କ୍ଲଷ୍ଟର ଅଧୀନ ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ବରଗଡ଼ର ଶିକ୍ଷକ ପ୍ରଶିକ୍ଷକା ତନୁଜା ତନୁଶ୍ରୀ ନାଗ ଏବଂ ଶିକ୍ଷକ ପ୍ରଶିକ୍ଷକ ବରୁଣ କୁମ୍ଭକାର ପରିଦର୍ଶନରେ ଆସି ସମସ୍ତଙ୍କ ସହ ଶୈକ୍ଷିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ବିଶି ସହକାରୀ ଶିକ୍ଷକ ଋଷଭ ମେହେର, ଶିକ୍ଷୟିତ୍ରୀ ରଞ୍ଜିତା କ୍ଷେତୀ, ବବଳିରାଣୀ ଗଡତିଆ, ମଥୁରା ପଧାନ ଏବଂ ଝରଣା ମହାକୁର ପ୍ରମୁଖ ସହଯୋଗ କରିଥିଲେ।

## ଭିତ୍ତିଭୂମି ଉପଲବ୍ଧ ପରେ ୟୁଏଏସ୍ ପୋର୍ଟାଲ କାର୍ଯ୍ୟକାରୀ ପାଇଁ ଦାବି



ବରଗଡ଼,୪।୮ (ସମିସ): ଓଡ଼ିଶା ସରକାରଙ୍କ ଆଦେଶ ଅନୁସାରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଅନଲାଇନ ମାଧ୍ୟମରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଝାରବନ୍ଧ ବ୍ଲକ୍‌ର ବିଦ୍ୟାଳୟ ମାନଙ୍କରେ ହେଉଥିବା ଅସୁବିଧାକୁ ଦର୍ଶାଇ ଝାରବନ୍ଧ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ୟୁଏସ ୱେବ୍ ପୋର୍ଟାଲ ମାଧ୍ୟମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପ୍ରଦାନ ସମ୍ବନ୍ଧରେ ଝାରବନ୍ଧ ବ୍ଲକ୍ ଶିକ୍ଷାଧିକାରୀ ଶୁଭମ ପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆବଶ୍ୟକୀୟ ଭିତ୍ତିଭୂମି ନ ଥାଇ ଝାରବନ୍ଧ ବ୍ଲକ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ୟୁଏଏସ ପୋର୍ଟାଲ ମାନଙ୍କରେ ଶିକ୍ଷକ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀଙ୍କ ଉପସ୍ଥାନ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବର୍ତ୍ତମାନ ବିଦ୍ୟାଳୟ ମାନଙ୍କରେ ଆନୁପାତିକ ଶିକ୍ଷକ ଅଭାବ, ଇଣ୍ଟରନେଟ ସମସ୍ୟା ଓ ଅଣ ଶୈକ୍ଷିକ କାର୍ଯ୍ୟ ଭାର ଯୋଗୁଁ ୟୁଏଏସ କାର୍ଯ୍ୟକାରୀ କରିବା କଷ୍ଟକର ଅଟେ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ତଦ ସହିତ ବିଦ୍ୟାଳୟରେ ସମସ୍ତ ଭିତ୍ତିଭୂମି ଉପଲବ୍ଧ ହେଲା ପରେ ୟୁଏଏସ ୱେବ ପୋର୍ଟାଲ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷକ ସଂଘ ତରଫରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଆଶାରାମ ବରିହା, ସମ୍ପାଦକ ଜୋହନ ନାଏକ, କୋଷାଧ୍ୟକ୍ଷ ହୃଷିକେଶ ପୋଡ, ସିଆରସିସି ବିଷ୍ଣୁଚରଣ ସାହୁ ପ୍ରମୁଖଙ୍କ ସହିତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ଥିଲେ।

## ଡୁରୁଙ୍ଗା-ବଗେଇବିରା ରାସ୍ତା ଶୋଚନୀୟ

ବରଗଡ଼,୪।୮ (ସମିସ)



**ମରାମତି ସହ ଆଲୋକିକରଣ ଦାବି**

ସଦର ବ୍ଲକ୍ ପଥର୍ଲା ମିଲ ଡୁରୁଙ୍ଗା ଛକ୍ ଏନ୍‌ଏଚ୍ ୬ ଠାରୁ ବଗେଇବିରା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଜାଗା ଜାଗାରେ ପିଚୁ ଉଠି ଯାଇ ବଡ଼ ବଡ଼ ଗାତ ହେଲାଣି। ଅଞ୍ଚଳରେ ଏହା ମୁଖ୍ୟରାସ୍ତା ଅଟେ। ଏହି ରାସ୍ତା ଦେଇ ନିତିଦିନ ଶହ ଶହ ଛାତ୍ରଛାତ୍ରୀ ସ୍କୁଲ କଲେଜ ଯିବା ସହ ବୈଷ୍ଣୋଦେବୀ ମନ୍ଦିର, ତିରୁପତି ମନ୍ଦିରକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ମାନେ ଆସୁଛନ୍ତି। ରାସ୍ତାରେ ଭାରୀଯାନ ଚଳାଚଳ ମଧ୍ୟ ହେଉଛି। ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ବାଟରେ କଜଳି ବିଜଳି ଡୁଙ୍ଗୁରୀ ନିକଟରେ ଏକ ବିପଦପୂର୍ଣ୍ଣ ବୁଲାଣି ରହିଛି। ରାସ୍ତା ପ୍ରଶସ୍ତ ନ ଥିବାରୁ ଏହି ବୁଲାଣିରେ ବାରମ୍ବାର ଦୁର୍ଘଟଣା ଘଟୁଛି। ପଥର୍ଲାରାଇସ ମିଲ ଛକରୁ ବୈଷ୍ଣୋଦେବୀ ମନ୍ଦିର ପର୍ଯ୍ୟନ୍ତ ରାତିରେ ଅନ୍ଧକାର ରହୁଥିବାରୁ ରାତ୍ରି ସମୟରେ ନିଶାସକ୍ତ ଦୁର୍ବୃତ୍ତ ମାନେ ଲୋକଙ୍କ ଠାରୁ ଲୁଟିବା ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଏହିରାସ୍ତାରେ ଯିବା ଆସିବା ପାଇଁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତେଣୁ ବରଗଡ଼ ଜିଲ୍ଲା ପ୍ରଶାସନ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଏହ ରାସ୍ତାର ମରାମତି, ପ୍ରଶସ୍ତିକରଣ ଓ ରାସ୍ତାରେ ତୁରନ୍ତ ଷ୍ଟ୍ରିଟ ଲାଇଟ୍ ଲଗାଇବା ସହିତ କଜଳିବିଜଳି ଡୁଙ୍ଗୁରୀ ମୋଡରେ ଏକ ପୁଲିସ ଫାଣ୍ଡି କରି ରାତ୍ରି ସମୟରେ ପେଟ୍ରୋଲିଂ କରିବାର ବ୍ୟବସ୍ଥା କରିବାକୁ ଜନ ସାଧାରଣରେ ମତ ପ୍ରକାଶ ପାଉଛି।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାରେ ହେବ ଅଭିଯୋଗ ପ୍ରତିବିଧାନ ପୀଠ

ସମ୍ବଲପୁର, ୪।୮ (ସମିସ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟାପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ଅଗଷ୍ଟ ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ (ଜିଆର୍ଏଫ୍ କ୍ୟାମ୍ପ)ର ଆୟୋଜନ କରାଯାଉଛି। ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିମ୍ନଲିଖିତ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି ଅନୁରୋଧ କରାଯାଇଛି। ଏହା ଟିପିଡବ୍ଲୁଡିଏଲର ବିଭିନ୍ନ ସେକ୍ସନ ଏବଂ ସବ୍‌ଡିଭିଜନ୍ ଅଫିସ୍‌ମାନଙ୍କରେ ଅନୁଷ୍ଠିତ ହେବ।

ସମ୍ବଲପୁର ଜିଲ୍ଲାରେ ଆସନ୍ତା ଅଗଷ୍ଟ ୬ ତାରିଖ କୁଚିଣ୍ଡାସ୍ଥିତ ସବ୍‌ଡିଭିଜନ୍ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠ ହେବାକୁ ଯାଉଛି। ସେହିପରି ଅଗଷ୍ଟ ୭ ତାରିଖ ଲଇକେରା ସ୍ଥିତ ସେକ୍ସନ ଅଫିସ୍, ଅଗଷ୍ଟ ୧୧ ତାରିଖ ଦିନ ସାହସପୁରସ୍ଥିତ ସେକ୍ସନ ଅଫିସ୍ ଏବଂ ଧନୁପାଲିସ୍ଥିତ ସବ୍‌ଡିଭିଜନ୍ ଅଫିସ୍, ଅଗଷ୍ଟ ୧୩ ତାରିଖ ଭୁତାପଡ଼ାସ୍ଥିତ ସବ୍-ଡିଭିଜନ ଅଫିସ୍ ଏବଂ ଧମାସ୍ଥିତ ସେକ୍ସନ୍ ଅଫିସ୍, ଅଗଷ୍ଟ ୨୦ ତାରିଖ କ୍ଷେତରାଜପୁର୍ ଏବଂ ଅଇଁଠାପାଲିସ୍ଥିତ ସେକ୍ସନ ଅଫିସ୍‌ଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ (ଜିଆର୍ଏଫ୍ କ୍ୟାମ୍ପ)ର ଆୟୋଜନ କରାଯାଉଛି।

ସେହିପରି ଝାରସୁଗୁଡ଼ା ଜିଲ୍ଲା ପାଇଁ ଆସନ୍ତା ୭ ତାରିଖ ଝାରସୁଗୁଡ଼ା ସହରସ୍ଥିତ ସବ୍‌ଡିଭିଜନ ଅଫିସ୍-୨, ଅଗଷ୍ଟ ୨୧ ତାରିଖ ବେଲପାହାଡ଼ ଓ ବ୍ରଜରାଜନଗରସ୍ଥିତ ସବ୍‌ଡିଭିଜନ ଅଫିସ୍ ଏବଂ ଅଗଷ୍ଟ ୨୨ ତାରିଖ ପଞ୍ଚଗାଁସ୍ଥିତ ସେକ୍ସନ ଅଫିସ୍‌ଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ଆୟୋଜନ କରାଯାଉଛି। ସେହିପରି ଦେବଗଡ଼ ଜିଲ୍ଲା ପାଇଁ ଅଗଷ୍ଟ ୧୮ ତାରିଖ ତିଲେଇବଣୀସ୍ଥିତ ସେକ୍ସନ ଅଫିସ୍ ଏବଂ ଅଗଷ୍ଟ ୧୯ ତାରିଖ ବୁଢ଼ାପାଳସ୍ଥିତ ସେକ୍ସନ୍ ଅଫିସ୍ ଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ଧାର୍ଯ୍ୟ ତାରିଖରେ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି ଟିପିଡବ୍ଲୁଡିଏଲ ପକ୍ଷରୁ ଅନୁରୋଧ କରାଯାଇଛି।

## ପାରୁଆଭାଡ଼ି ଲ୍ୟାମ୍ପ ଏମଡିଙ୍କ ଦୁର୍ବ୍ୟବହାର

# ପ୍ରତିବାଦରେ ଏଆରସିଏସ୍‌ଙ୍କୁ ଅଭିଯୋଗ କଲେ କର୍ମଚାରୀ

କୁଚିଣ୍ଡା, ୪।୮ (ସମିସ)



କୁଚିଣ୍ଡା ବ୍ଲକ ପାରୁଆଭାଡ଼ି ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ନିଜ ଅଧିନସ୍ଥ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଲ୍ୟାମ୍ପର କର୍ମଚାରୀମାନେ କୁଚିଣ୍ଡା ସହକାରୀ ନିବନ୍ଧକ ସମବାୟ ସମିତି ସମୂହର (ଏଆରସିଏସ) ପ୍ରଦୀପ ପ୍ରଧାନଙ୍କୁ ଅଭିଯୋଗ କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ଜଣାଇଛନ୍ତି।ପାରୁଆଭାଡି ଲ୍ୟାମ୍ପ କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନ ଚାଷୀ ପଞ୍ଜୀକରଣ କାମ ଚାଲିଥିବାରୁ ସେମାନେ ସକାଳୁ ୮ ଟା ସମୟରୁ ଆସି ରାତି ୮ ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ମଝିରେ କେବଳ ଖାଇବା ପାଇଁ କିଛି ସମୟ ଛୁଟି କରିଥାନ୍ତି। ଏହାକୁ ନେଇ ଏମଡି ମଞ୍ଜିଲ ନାୟକ କର୍ମଚାରୀଙ୍କୁ ସର୍ବସାଧାରଣରେ ଖରାପ ଭାଷାରେ ଗାଳି କରୁଛନ୍ତି। ଫଳରେ ସେମାନଙ୍କର ମାନ ସମ୍ମାନ ଉପରେ ଆଞ୍ଚ ଆସୁଛି। ଲ୍ୟାମ୍ପର କର୍ମଚାରୀ ଋଷିକେଶ ମେହେରଙ୍କ ଦରମାରୁ କଟାଯାଇଥିବା ଟଙ୍କା ଜିପିଏଫ ଆକାଉଣ୍ଟରେ ଜମା ନ କରି ଏକ ବର୍ଷ ହେବ ନିଜ ପାଖରେ ରଖିଛନ୍ତି ବୋଲି ସେମାନେ ଏଆରସିଏସଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଏଆରସିଏସ ପ୍ରଦୀପ ପ୍ରଧାନ ପାରୁଆଭାଡି ଲ୍ୟାମ୍ପ ଏମଡି ମଞ୍ଜିଲ ନୟକଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ଚାଷୀ ପଞ୍ଜୀକରଣ ପର୍ଯ୍ୟନ୍ତ ସମସ୍ତେ ମିଳିମିଶି କାମ କରିବାକୁ ପରାମର୍ଶ ଦେଇ ଚାଷୀ ପଞ୍ଜୀକରଣ କାମ ସାରିଲେ ନିଶ୍ଚିତ ଭାବେ ଅଭିଯୋଗର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ କର୍ମଚାରୀମାନେ ଲ୍ୟାମ୍ପକୁ ଫେରି ଦିନ ଦୁଇଟା ପରେ କାମ ଆରମ୍ଭ କରିଥିଲେ।

## ମାନେଶ୍ୱର ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସମ୍ବଲପୁର, ୪।୮ (ସମିସ) : ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ସହ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାର ତଥା ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୨୩ଟି ଆବେଦନ ଗ୍ରହଣ କରାଯାଇଥିବା ବେଳେ ତନ୍ମଧ୍ୟରୁ ୧୭ଟି ଆବେଦନ ବ୍ୟକ୍ତିଗତ ଏବଂ ୩ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧିତ ଥିଲା। ଅଭିଯୋଗ ଶୁଣାଣି ଶିବିରରେ ୫ଟି ଅଭିଯୋଗ ଦ୍ରୁତ୍ ସମାଧାନ କରାଯାଇଥିଲା। ଶିବିର ଅବସରରେ ରେଡକ୍ରସ ବିଭାଗ ପକ୍ଷରୁ ୩ ଜଣ ବ୍ୟକ୍ତିଙ୍କୁ ମୋଟ ୧୭ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## ସୋହେଲା ବ୍ଲକ୍‌ର ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ

ସୋହେଲା, ୪।୮ (ସମିସ): ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ସୋମବାର ସୋହେଲା ଗସ୍ତରେ ଆସି ବିଭିନ୍ନ ଗାଁକୁ ଯାଇ ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସ୍ଥିତି ତଦାରଖ କରିଛନ୍ତି। ବିଧାୟକ ସୋହେଲା ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କକ୍ଷକୁ ଯାଇ ଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ବିଦ୍ୟାଳୟ ପରିସର ବୁଲି ନିର୍ମାଣ କାମର ତଦାରଖ କରିଥିଲେ। ବିଧାୟକ ସରଧାପାଲି ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ନିର୍ମାଣାଧୀନ ଅତିରିକ୍ତ ଶ୍ରେଣୀ କୋଠରୀ ବୁଲି ଦେଖିଥିଲେ। ପେଟୁପାଲି ଗାଁକୁ ଯାଇ ସୁଭଦ୍ରା ଶକ୍ତିକେନ୍ଦ୍ରର ନିର୍ମାଣ କାମ ତଦାରଖ କରିଥିଲେ। ଗସ୍ତ ସମୟରେ ସୋହେଲା ବିଡିଓ କରିସ୍ମା ବେଶ୍ରା, ବ୍ଲକ ଆସିଷ୍ଟାଣ୍ଟ ଇଂଜିନିୟର, କନିଷ୍ଠ ଯନ୍ତ୍ରୀ, ସୋହେଲା ବିଜେପି ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ଛୁରିଆପାଲି ସରପଞ୍ଚ, ପେଟୁପାଲି ସରପଞ୍ଚ, ପେଟୁପାଲି ସମିତି ସଭ୍ୟ ଉପସ୍ଥିତ ଥିଲେ।

## ସୁଭଦ୍ରା ଶକ୍ତିକେନ୍ଦ୍ର ଉଦ୍‌ଘାଟିତ

ମେଲଛାମୁଣ୍ଡା, ୪।୮ (ସମିସ): ସୋହେଲା ବ୍ଲକ ଘେଁସରେ ମହିଳା ମାନଙ୍କ ବିଭିନ୍ନ ସାମାଜିକ ଓ ସଚେତନତା କାର୍ଯ୍ୟକ୍ରମର ସୁବିଧା ନିମନ୍ତେ ସୁଭଦ୍ରା ଶକ୍ତିକେନ୍ଦ୍ରର ଉଦ୍‌ଘାଟନ ହୋଇଯାଇଛି। ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳା ମାନଙ୍କ ଗହଣରେ ସୁଭଦ୍ରା ଶକ୍ତିକେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ମହିଳା ମାନଙ୍କ ଉନ୍ନତି ସକାଶେ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଯୋଜନା ଉପରେ ବିଧାୟକ ଏସ୍‌ଏଚ୍‌ଜି ଗ୍ରୁପ୍ ଓ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ସୋହେଲା ବିଡିଓ କରିସ୍ମା ଭେସ୍ରାଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତି ଥିଲେ।

## ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରାଥମିକ ଛାତ୍ର ପରିଷଦ ସଦସ୍ୟଙ୍କ ପାଇଁ ଉତ୍ସବ

ସମ୍ବଲପୁର, ୪।୮ (ସମିସ): ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ନେଇ ଜୁନିଅର ଛାତ୍ର ପରିଷଦର ନବନିର୍ବାଚିତ ସଦସ୍ୟମାନଙ୍କୁ ସାମିଲ କରିବା ପାଇଁ ଏକ ପୁରସ୍କୃତ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଯୁବ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସେମାନଙ୍କର ଶିକ୍ଷାଗତ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ନେତୃତ୍ୱ, ଦାୟିତ୍ୱ ଏବଂ ଉଦ୍ୟମକୁ ଉତ୍ସାହିତ କରିବା। ଏହି କାର୍ଯ୍ୟକ୍ରମ ସ୍କୁଲର ପରାମର୍ଶଦାତା ଏବଂ ଅଧକ୍ଷ ଆନନ୍ଦ ଅଗ୍ରୱାଲଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଭାବକ, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସମାରୋହ ସମୟରେ ଯୁବ ପରିଷଦ ସଦସ୍ୟମାନଙ୍କୁ ଆନୁଷ୍ଠାନିକ ଭାବରେ ବ୍ୟାଜ୍ ଏବଂ ସାଚେଟ୍ ସହିତ ସମ୍ମାନିତ କରାଯାଇଥିଲା, ଯାହା ସେମାନଙ୍କର ନୂତନ ଭୂମିକା ଏବଂ ଦାୟିତ୍ୱର ପ୍ରତୀକ। ସେମାନେ ସ୍କୁଲ ସମ୍ପ୍ରଦାୟ ପ୍ରତି ଆନ୍ତରିକତା, ସାଧୁତା ଏବଂ ସମର୍ପଣ ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାକୁ ଏକ ଗମ୍ଭୀର ଶପଥ ନେଇଥିଲେ। ପ୍ରାଥମିକ ସ୍ତରରେ ଏକ ଛାତ୍ର ପରିଷଦ ପ୍ରତିଷ୍ଠା କରି ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଯୁବାବସ୍ଥାରୁ ସାମଗ୍ରିକ ଶିକ୍ଷା, ନେତୃତ୍ୱ, ଦଳଗତ କାର୍ଯ୍ୟ ଏବଂ ଆତ୍ମବିଶ୍ୱାସକୁ ପ୍ରୋତ୍ସାହିତ କରିଆସୁଛି।




## ବୁର୍ଲା ରୋଟାରୀ କ୍ଲବ୍ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର, ୪।୮ (ସମିସ) : ବିଜୁ ପଟ୍ଟନାୟକ ଷ୍ଟାଡିଅମରେ ରୋଟାରୀ କ୍ଲବ, ବୁର୍ଲା ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ୫ଟି ଶିକ୍ଷାନୁଷ୍ଠାନ - ଆଇଆଇଏମ ସମ୍ବଲପୁର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଭିସୁଟ୍ ଓ ଭିମସାର୍ ଦଳ ଯୋଗ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଟାରୀ କ୍ଲବର ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ ସଭାପତି ସୁମନ୍ତ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରୋଟାରୀ କ୍ଲବ ଚେୟାରମ୍ୟାନ ଶିବପ୍ରସାଦ ପାଢ଼ୀ ପ୍ରତିଯୋଗିତାର ଉଦ୍ଦେଶ୍ୟ ଏବଂ ସମାଜ ପ୍ରତି ରୋଟାରୀ କ୍ଲବର ଭୂମିକା ବିଷୟରେ ବିବରଣୀ ଦେଇଥିଲେ। କ୍ଲବ ସମ୍ପାଦକ ପ୍ରଫେସର ଡି.କେ ମହାଳିକ ଏବଂ ପ୍ରଫେସର ମଳୟ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ଆଇଆଇଏମ୍ ସମ୍ବଲପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିଲା।

ଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଦଳକୁ ୨-୦ ଗୋଲରେ ପରାସ୍ତ କରି ଚମ୍ପିଆନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିଆନ ଓ ରନର୍ସ-ଅପ୍ ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଗୋଲକିପର ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ଓରାମ, ଶ୍ରେଷ୍ଠ ଡିଫେଣ୍ଡର ଭାବେ ସତ୍ୟ ଦାଶ ଏବଂ ଶ୍ରେଷ୍ଠ ଖେଳାଳୀ ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସୁମନ ବିଶ୍ୱଳଙ୍କୁ ପୁରସ୍କୃତ କରାଯାଇଥିଲା। ବିଧାୟକ ଶ୍ରୀ ମିଶ୍ର ବୁର୍ଲା ଷ୍ଟାଡିଅମକୁ ଅନ୍ତର୍ଜାତୀୟସ୍ତରର କରିବା ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବୁର୍ଲା ଆଥଲେଟିକ ଆସୋସିଏସନର ଲକ୍ଷ୍ମୀଧର ମହାନ୍ତି ଓ ରଞ୍ଜିତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରୀ କ୍ଲବ ପକ୍ଷରୁ ସବ୍ ଜୁନିଅର ଗ୍ରୁପ୍ର ଫୁଟବଲ ଖେଳାଳୀ ମାନଙ୍କୁ ଜର୍ସି ପ୍ରଦାନ କରିବାସହ ସେମାନଙ୍କ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ସକାଶେ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପ୍ରତିଯୋଗିତାର ସମସ୍ତ ମ୍ୟାଚ୍‌କୁ ରେଫରି ମଥୁରା ଓରାମ, ଶିବୁ ରେଡ୍ଡି, ଗୋପୀନାଥ ପାଣ୍ଡେ, ଶାନ୍ତ ରଣବିଡ଼ା ଓ କବି ବାହାଦୂର ପରିଚାଳନା କରିଥିଲେ।



● ସବୁଜ ଭବିଷ୍ୟତ ପାଇଁ ଜେଏସଡବ୍ଲ୍ୟୁବିପିଏସଏଲର ପଦକ୍ଷେପ

## ଓଏସ୍‌ପିସିବି ଏବଂ ଓଏଫ୍‌ଡିସି ସହ ବୁଝାମଣାପତ୍ର ସ୍ୱାକ୍ଷର

ସମ୍ବଲପୁର, ୪।୮ (ସମିସ): ସବୁଜ ଭବିଷ୍ୟତ ଉଦ୍ଦେଶ୍ୟରେ ଜେଏସଡବ୍ଲ୍ୟୁ ଭୂଷଣ ପାୱାର ଏଣ୍ଡ ଷ୍ଟିଲ୍ ଲିମିଟେଡ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏଥି ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ଏବଂ ଓଡ଼ିଶା ବନ ବିକାଶ ନିଗମ (ଓଏଫଡିସି) ସହିତ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏହି ଚୁକ୍ତିନାମାକୁ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ଉମେଶ ରାୟ, ଓଏସପିସିବିର ଆଞ୍ଚଳିକ ଅଧିକାରୀ ଡ. ଏସ.ଏନ. ନନ୍ଦ ଏବଂ ଓଏଫଡିସି ବିଭାଗୀୟ ପରିଚାଳକ ଦିଲୀପ ରାଉତଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ସ୍ୱାକ୍ଷରିତ କରାଯାଇଥିଲା। ସବୁଜ ଶିଳ୍ପ ସ୍ଥାନ ସୃଷ୍ଟି କରିବା ଏବଂ ପରିବେଶ ସୁରକ୍ଷାରେ ଶିଳ୍ପ ଏବଂ ସରକାରଙ୍କର ଭାଗୀ ଦାୟିତ୍ୱକୁ ପୁନଃନିର୍ମାଣ କରିବା ଦିଗରେ ଏହା ସ୍ୱାକ୍ଷରିତ ହୋଇଛି। ଶ୍ରୀ ରାୟ ପରିବେଶ-ସଚେତନ ଉତ୍ପାଦନ ପଦ୍ଧତି ଗ୍ରହଣ କରିବା, କାର୍ବନ ନିର୍ଗମନ ହ୍ରାସ କରିବା, ଶକ୍ତି ଦକ୍ଷତା ବୃଦ୍ଧି କରିବା ଏବଂ ଜୈବ ବିବିଧତା ସଂରକ୍ଷଣ କରିବା ପାଇଁ କମ୍ପାନୀର ଚାଲିଥିବା ପ୍ରୟାସ ଉପରେ କହିଥିଲେ। ଏକ ସ୍ୱଚ୍ଛ, ସବୁଜ ଶିଳ୍ପ ଭବିଷ୍ୟତ ପାଇଁ ବିଶେଷକରି କମ୍ପାନୀର ସଭାପତି ଏବଂ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ କୁମାର ସିଂହଙ୍କ ନିରନ୍ତର ସମର୍ଥନ ଏବଂ ଦୃଷ୍ଟିକୋଣ ପାଇଁ ପ୍ରଶଂସା କରାଯାଇଥିଲା। ଏହି ଅଭିଯାନରେ ଏକ ପେଡ୍ ମା କେ ନାମ ଏକ ଅଂଶ ଭାବରେ ଗ୍ରହଣ କରି ବନୀକରଣ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ହୀରାକୁଦ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ

ସମ୍ବଲପୁର, ୪।୮ (ସମିସ): ହୀରାକୁଦ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନବୀନ ତିୱାରୀ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡଃ ସିଦ୍ଧାନ୍ତ ମହାନ୍ତି ପାଠଚକ୍ରକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ସୁମିତ୍ରା ପଣ୍ଡା, ଆଇକ୍ୟୁଏସି ସଂଯୋଜକ ଡଃ ଅକ୍ଷୟ କୁମାର ସୁତାର, ଏକାଡେମି ଭର୍ସାର ସୀମନ୍ତିକା ଦାସ, ବାଣିଜ୍ୟ ବିଭାଗ ଅଧାପିକା ଡଃ ସ୍ମୃତିଶିଖା ଗୁରୁ, ଅଧାପକ ଡଃ ସଞ୍ଜୟ ଜେନା, ଅଧାପିକା ସୌଦାମିନୀ ପଧାନ, ରଶ୍ମି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧାପିକା ଡ. ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ବାଣିଜ୍ୟ ବିଭାଗ ପକ୍ଷରୁ ଟ୍ରେଡ୍ ଫେଷ୍ଟ ଆରମ୍ଭ ହୋଇଥିଲା।

**ଶ୍ରାବଣ ଶେଷ ସୋମବାର**

# ବିଭିନ୍ନ ଶୈବ ପୀଠରେ ଭକ୍ତଙ୍କ ସମାଗମ










### ବାବା କେଦାରନାଥ ପୀଠ

ଅମ୍ବାଭୋନା, ୪।୮ (ସମିସ): ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ପୀଠ ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକର ବାବା କେଦାରନାଥଙ୍କ ମନ୍ଦିରରେ ଆଜି ଶ୍ରାବଣ ମାସର ଚତୁର୍ଥ ସୋମବାରରେ ବାବା କେଦାରନାଥଙ୍କ ଦର୍ଶନ ପାଇଁ ମଧ୍ୟ ରାତ୍ରରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗିର ତଥା ପଡୋଶୀ ରାଜ୍ୟ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରାୟ ୧ କିମି ପର୍ଯ୍ୟନ୍ତ ଲମ୍ବା ଧାଡିରେ ଘଣ୍ଟା ଘଣ୍ଟା ରହି ଭକ୍ତ ମାନେ ଦର୍ଶନ କରିଥିଲେ। ମନ୍ଦିର ଟ୍ରଷ୍ଟର କମିଟି ତରଫରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ସୁରୁଖୁରୁରେ ଦର୍ଶନ ପାଇଁ ସୁବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ମନ୍ଦିର ଟ୍ରଷ୍ଟ ଦ୍ୱାରା କରାଯଇଥିଲା। ବାବା କେଦାରନାଥଙ୍କ ପୀଠକୁ କାଉଡିଆ ମାନେ ଦର୍ଶନ ପାଇଁ ଆସୁଥିବା ବେଳେ ରାସ୍ତାରେ ଭକ୍ତଙ୍କ ପାଇଁ ବିଭିନ୍ନ ଜାଗାରେ ଜଳଖିଆର ବ୍ୟବସ୍ଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଙ୍କ ତରଫରୁ କରାଯାଇଥିଲା। ଅମ୍ବାଭୋନା ପୁଲିସ ତରଫରୁ ମୁଖ୍ୟ ରାସ୍ତାରେ ମଧ୍ୟରାତ୍ରରୁ ପେଟ୍ରୋଲିଂ ଓ ଟ୍ରାଫିକ ବ୍ୟବସ୍ଥା କରାଯାଇଥିଲା। ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ସ୍ଥିତ କେଦାରନାଥ ମନ୍ଦିରଟି ଅନ୍ୟତମ। ଏହି ମନ୍ଦିରଟି ସମ୍ବଲପୁରର ରାଜା ବଳିୟାର ସିଂଙ୍କ ରାଜତ୍ୱ କାଳରେ ନିର୍ମାଣ ହୋଇ ଥିବା ଐତିହାସିକ କିମ୍ବଦନ୍ତୀରୁ ଜଣାପଡେ। ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାଯାଏ ଯେ, ରାଜା ବଳିୟାର ସିଂ ୧୬୬୦ ଖ୍ରୀଷ୍ଟାବ୍ଦରୁ ୧୬୯୦ ମଧ୍ୟରେ ସମ୍ବଲପୁରରେ ରାଜତ୍ୱ ସମୟରେ କେଦାରନାଥ ମନ୍ଦିର ସହିତ ହୁମା, ମାନେଶ୍ୱର, ଦେଓଗାଁ, ନୀଳିଜି, ଗାଇସୀମା, ସୋର୍ଣ୍ଣା ଓ ସରଣ୍ଡା ଠାରେ ଅଷ୍ଟଶମ୍ଭୁ ପୀଠ ଗୁଡିକୁ ତିଆରି କରାଇଥିଲେ। ଅମ୍ବାଭୋନା ସ୍ଥିତ ଏହି ମନ୍ଦିରଟି ବାବା କେଦାରନାଥ ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ହେଉଅଛି। ବର୍ତ୍ତମାନ ମ୍ୟାନେଜିଂ ଟ୍ରଷ୍ଟି ସଚ୍ଚିଦାନନ୍ଦ ପୁରୋହିତଙ୍କ ନେତୃତ୍ୱରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନେ ମନ୍ଦିରର ଉନ୍ନତି ପାଇଁ ସେବା ପ୍ରଦାନ କରୁଛନ୍ତି। ପୌରାଣିକ କିମ୍ବଦନ୍ତୀ ଅନୁସାରେ ତ୍ରେତୟା ଯୁଗରେ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତା ବନବାସ ସମୟରେ ଏହି ସ୍ଥାନକୁ ଆଗମନ ସମୟରେ ସୀତା ଦେବୀ ସୁଦାମା ବ୍ରତ ପାଳନ କରିଥିବାର ସୂଚନା ମଧ୍ୟ ମିଳେ।

### ସାଇକୃପା ନର୍ସିଂହୋମ ଖାଦ୍ୟ ପାନୀୟ ବଣ୍ଟନ

ବରଗଡ଼: ଆଷାଢ଼ ପୂର୍ଣ୍ଣିମା ଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ବିଭିନ୍ନ ଶୈବପୀଠରେ ବୋଲବମ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥାଏ। ଏହି ଭକ୍ତଙ୍କୁ କାଉଡିଆ ବୋଲି କୁହାଯାଏ। ଏମାନେ ମାନସିକ ନେଇ ବିଭିନ୍ନ ଜଳାଶୟରୁ ଜଳ ଉଠାଇ ନିଜ ନିଜ ମାନସିକ ଅନୁସାରେ ଶୈବପୀଠ ମାନଙ୍କୁ ପଦଯାତ୍ରା ମାଧ୍ୟମରେ ଯାଇ ଜଳାଭିଷେକ କରିଥାନ୍ତି। ଏହି କାଉଡିଆ ଭକ୍ତଙ୍କ ପାଇଁ ରାସ୍ତା କଡରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ପକ୍ଷରୁ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯାଇଥାଏ। ବିଶ୍ୱାସ ଅଛି ଯେଉଁମାନେ ଖାଲି ପାଦରେ ଚାଲି ଚାଲି ଯାଇ ପାରନ୍ତି ନାହିଁ ସେମାନେ କାଉଡିଆ ମାନଙ୍କ ସେବାକଲେ ମଧ୍ୟ ଅନେକ ପୁଣ୍ୟ ମିଳିଥାଏ। ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ପୀଠ ମାନଙ୍କରେ ଚଳିତ ଶ୍ରାବଣ ମାସ ସାରା ଶ୍ରଦ୍ଧାଳୁ ମାନଙ୍କ ଭିଡ ପରିଲକ୍ଷିତ ହୋଇଥିବା ବେଳେ ସେବା ଯୋଗାଇବା ପାଇଁ ଅନେକ ଅନୁଷ୍ଠାନ ରାସ୍ତା ଉପରେ ଟେଣ୍ଟ ବାନ୍ଧି ବ୍ୟାପକ ବ୍ୟବସ୍ଥା କରିଥିଲେ। ବରଗଡ଼ ଜିଲ୍ଲା ଅମ୍ବାଭୋନା ଠାରେ ଥିବା ପ୍ରସିଦ୍ଧ ଶୈବପୀଠ କେଦାରନାଥକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶେଷ ସୋମବାର ଭିଡ ଦ୍ୱିଗୁଣିତ ପରିଲକ୍ଷିତ ହୋଇଥିଲା। ଭଟଲି ଛକଠାରେ ବରଗଡ଼ ସାଇକୃପା ନର୍ସିଂହୋମ ପକ୍ଷରୁ ଏକ ସେବା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଶ୍ରଦ୍ଧାଳୁ ମାନଙ୍କୁ ଗରମ ପାଣି, ଖେଚୁଡି ଭୋଗ, ଚାହା ବିସ୍କୁଟ ସହିତ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା। ବରଗଡ଼ ସାଇକୃପା ନର୍ସିଂହୋମ କର୍ମଚାରୀ ମାନେ ଏହାକୁ ଆୟୋଜନ କରିଥିବା ବେଳେ ହସ୍ପିଟାଲ ମୁଖ୍ୟ ଡ.ରାଜେଶ ତ୍ରିପାଠୀ ତାଙ୍କ ଧର୍ମପତ୍ନୀ ସମାଜସେବୀ ତଥା ଡ.ସୁସ୍ମିତା ଦାଶଙ୍କ ସହିତ ଜିତେନ୍ଦ୍ର ରଥ, ବ୍ରହ୍ମାନନ୍ଦ ଷଡଙ୍ଗୀ, ସୁବାଷ ଦେହରୀ ସିପକ ପ୍ରଧାନ, ଅନ୍ନପୂର୍ଣ୍ଣା ରଣା ତଥା ସମସ୍ତ କର୍ମଚାରୀ କିଛିନା କିଛି ଆର୍ଥିକ ସହଯୋଗ କରିଥିଲେ। ସାଇକୃପା ବ୍ୟତୀତ ଅନେକ ଅନୁଷ୍ଠାନ ଏହି ସେବା କାର୍ଯ୍ୟରେ ରାତି ସାରା ଅନିଦ୍ରା ରହିଥିବା ଦେଖିବାକୁ ମିଳିଥିଲା।

### ଦୁଇ ଶୈବପୀଠରେ ରକ୍ତଦାନ ଶିବିର

ବରଗଡ଼: ରକ୍ତାଭାବକୁ କିଛି ପରିମାଣରେ ଦୂର କରିବା ପାଇଁ ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ତରଫରୁ ପ୍ରୟାସ ଜାରି ରହିଛି। ପବିତ୍ର ଶ୍ରାବଣ ମାସ ଅବସରରେ ବରଗଡ଼ ଜିଲ୍ଲାର ଗାଇସୀମା ଠାରେ ଅବସ୍ଥିତ ଅଷ୍ଟଶମ୍ଭୁ ଶୈବ ପୀଠ ଶ୍ରୀ ଶ୍ରୀ ବାବା ବରାଡ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିଷ୍ଠା ପରିବାର ଓ ମନ୍ଦିର ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ତାଙ୍କ ଧର୍ମ ପତ୍ନୀ କଳ୍ପନା ଷଡଙ୍ଗୀ, ଗାଇସିମା ସରପଞ୍ଚ ଧିରେନ ମହାପାତ୍ର ଫିତା କାଟି ଶୁଭାରମ୍ଭ କରିଥିଲେ। ସର୍ବମୋଟ ୩୩ ୟୁନିଟ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ସେହିପରି ଝାଡେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ମଧ୍ୟ ଅନୁରୂପ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଝାଡେଶ୍ୱର ଶିବ ମନ୍ଦିରର ସଭାପତି ଅମିୟ ଭୋଇ ଶୁଭାରମ୍ଭ କରିଥିଲେ। ଶିବିରରୁ ସର୍ବମୋଟ ୫୭ ୟୁନିଟ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଉଭୟ ଶିବିରରୁ ସର୍ବମୋଟ ୯୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶ୍ରାବଣ ମାସର ଶେଷ ସୋମବାର ଅବସରରେ ମନ୍ଦିରକୁ ପ୍ରଭୁଙ୍କ ପୂଜାର୍ଚ୍ଚନା ପାଇଁ ଆସୁଥିବା ଭକ୍ତ ମାନେ ରକ୍ତ ଦାନ କରିଥିଲେ। ଉଭୟ ଶିବିରରେ ରକ୍ତଦାନ କରିଥିବା ରକ୍ତ ଦାତା, ସହଯୋଗୀ ଓ ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

### ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ଅନ୍ନ ଭୋଗ ବଣ୍ଟନ

ବରଗଡ଼: ଶ୍ରାବଣ ମାସ ଶେଷ ସୋମବାର ଅବସରରେ ପ୍ରସିଦ୍ଧ ଅଷ୍ଟଶମ୍ଭୁ ସରଣ୍ଡାର ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବା ଶୈବ ପୀଠରେ ଭକ୍ତଙ୍କ ମହାସମାଗମ ଦେଖିବାକୁ ମିଳିଛି। ହଜାର ହଜାର ଭକ୍ତ ଆସି ବାବାଙ୍କୁ ଜଳାଭିଷେକ କରିଥିଲେ। ଏହି ଅବସରରେ ବରଗଡ଼ ଭଟଲି ରୋଡ ସ୍ଥିତ ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ଅନ୍ନ ଭୋଗ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା। ଭୋର ୪ଟାରୁ ଅନବରତ ସନ୍ଧ୍ୟା ୫ଟା ଯାଏଁ ଖେଚେଡି ଭୋଗ ବଣ୍ଟନ କରାଯାଇଥିଲା। ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ସୋମବାର ପାହାନ୍ତିଆରେ ମନ୍ଦିରକୁ ପହଞ୍ଚି ପ୍ରଥମେ ବାବା ବିଶ୍ୱେଶ୍ୱରଙ୍କୁ ପୂଜାପାଠ ସହ ଜଳାଭିଷେକ କରିଥିଲେ। ପୂଜକ ଦାରାସିଂ ମହାପାତ୍ର ବାବାଙ୍କୁ ଜଳ ଅର୍ପଣ କରି ଭୋଗ ମଣ୍ଡପରେ ଖେଚେଡି ଭୋଗଲାଗି କରିଥିଲେ। ପାହାନ୍ତିଆ ୪ଟାରେ ଭକ୍ତଙ୍କୁ ଭୋଗ ବଣ୍ଟନ ଆରମ୍ଭ କରଥିଲେ ସମ୍ପାଦିକା କର୍ଣ୍ଣ। ମଧ୍ୟାହ୍ନରେ ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଫକୀର କର୍ଣ୍ଣ ମନ୍ଦିରକୁ ପହଞ୍ଚି ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ କରିଥିଲେ। ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ତିନୋଟି ଅନ୍ନ ଭୋଗ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ନିଜେ ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଫକୀର କର୍ଣ୍ଣ ଉପସ୍ଥିତ ରହି ଭକ୍ତଙ୍କୁ ଅନ୍ନ ଭୋଗ ବଣ୍ଟନ କରିଥିଲେ। ଏହି ଅବସରରେ ସରଣ୍ଡା ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

### ନୃସିଂହନାଥ ପୀଠ

ପାଇକମାଳ: ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ପବିତ୍ର ନୃସିଂହନାଥ ପୀଠରେ ଶ୍ରାବଣ ମାସର ଶେଷ ସୋମବାର ଚତୁର୍ଥ ପାଳିରେ କାଉଡିଆଙ୍କ ପ୍ରବଳ ସମାଗମ ହୋଇଥିଲା। କାଉଡିଆ ଓ ଭକ୍ତମାନେ ନୃସିଂହନାଥ ସ୍ଥିତ ଶିବ ମନ୍ଦିରରେ ଶିବପୂଜା ସହ ଜଳ ଲାଗି ପାଇଁ ଲମ୍ବା ଧାଡିରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ଥିବା ଦେଖାଯାଇ ଥିଲା। ଗନ୍ଧମାର୍ଦ୍ଦନ ପର୍ବତରେ ଥିବା କପିଳଧାରା ଜଳପ୍ରପାତ ଦେଖିବା ପାଇଁ ବହୁତ ଭକ୍ତ ପାହାଡ ଚଢୁ ଥିବାବେଳେ ବହୁତ ଭକ୍ତମାନେ ନୃସିଂହନାଥ ପାପନାଶିନୀ ଝରଣାରୁ ଜଳ ଉଠାଇ ହରିଶଙ୍କର ମନ୍ଦିରରେ ଜଳ ଚଢ଼ାଇବା ପାଇଁ ପର୍ବତ ଚଢୁଥିବା ଦେଖାଯାଇଥିଲା। ନୃସିଂହନାଥ ମନ୍ଦିରରେ ମଧ୍ୟ ବହୁତ ଶ୍ରଦ୍ଧାଳୁ ଲମ୍ବା ଲାଇନରେ ଛିଡା ହୋଇ ଅନେକ ସମୟ ପରେ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରୁଥିବା ଦେଖାଯାଇଥିଲା।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୭୦ ● ପାଉଣ୍ଡ ୧୧୬.୦୯
- ୟୁରୋ ୧୦୧.୭୧ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୮୯୦ (ନୂଆଦିଲ୍ଲୀ)
- ରୁପା : ୧,୧୨,୯୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୦୧୮.୦୦
- ନିଫ୍ଟି ୨୪,୭୨୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# ଟାରିଫ୍ ପାଇଁ ଟ୍ରମ୍ପ୍‌ଙ୍କ ନାଟକ

ନୂଆଦିଲ୍ଲୀ,୪।୮ (ଏଜେନ୍ସି)




ଆଗାମୀ ଦିନରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ଆଶା କରାଯାଉଛି। ଶୁଳ୍କ ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଏ ନେଇ ମାର୍ସେଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ କହିଛନ୍ତି। ତାଙ୍କର ଭବିଷ୍ୟବାଣୀ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିବାକୁ ଘୋଷଣା କରିବା ଏବଂ ରୁଷିଆଠାରୁ ତେଲ କ୍ରୟ ଉପରେ ତୀବ୍ର ଅସନ୍ତୋଷ ମଧ୍ୟ ଜାହିର କରିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ସତ୍ତ୍ୱେ, ଭାରତର ସ୍ଥିତି ବହୁତ ସୁଦୃଢ଼। ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥାଇପାରେ। କିନ୍ତୁ, ଔଷଧ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଭଳି ଭାରତର ଗୁରୁତ୍ୱପୂର୍ଣ୍ଣ ରପ୍ତାନି ଉପରେ ଏହାର କୌଣସି ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ। ସେ କରିଛନ୍ତି ଯେ ଟ୍ରମ୍ପଙ୍କ ଟାରିଫ୍ ପ୍ରସଙ୍ଗ ସମ୍ପୂର୍ଣ୍ଣ ଭାବେ ଏକ ନାଟକ, ଯେଉଁଥିରେ ଭାରତ ଉପରେ ଚାପ ପକାଇବା ପାଇଁ ଏକ ପ୍ରୟାସ କରାଯାଇଛି। ଏହାଦ୍ୱାରା ଆମେରିକା ସପକ୍ଷରେ ଏକ ଅଧିକ ଅନୁକୂଳ ଚୁକ୍ତି ସ୍ୱାକ୍ଷର କରାଯାଇପାରିବ।

ଅପରପକ୍ଷେ ପ୍ରସିଦ୍ଧ ଆମେରିକୀୟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସ ଥରେ କହିଥିଲେ ଯେ ଯଦି ଆମେରିକା ଭାରତ ସହିତ କୌଣସି ଚୁକ୍ତି କରେ, ତେବେ ସେ ବହୁତ ଆଶ୍ଚର୍ଯ୍ୟ ହେବେ। କାରଣ ଆମେରିକା ପ୍ରକୃତରେ ଭାରତକୁ ଦୁର୍ବଳ ଦେଖିବାକୁ ଚାହୁଁଛି ଏବଂ ଏକ ଶକ୍ତିଶାଳୀ ଭାରତରେ ଏହାର କୌଣସି ଆଗ୍ରହ ନାହିଁ। ଜେଫ୍ରି ସାକ୍ସ ଏପ୍ରିଲ ମାସରେ ଏହି କଥା କହିଥିବା ବେଳେ ଜୁଲାଇରେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଯେଉଁ ସ୍ତରକୁ ଯାଇଛି, ତାହା ଦେଖିଲେ ମନେ ହେଉଛି ଯେ ଏହି ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହେଉଛି। ଟ୍ରମ୍ପ ବାରମ୍ବାର ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବା ବିଷୟରେ ଦାବି

**ଆମେରିକୀୟ ଅର୍ଥନୀତିଜ୍ଞଙ୍କ ଭବିଷ୍ୟବାଣୀ**

- **ଭାରତ ଉପରେ ଚାପ ପକାଇବାକୁ ପ୍ରୟାସ**
- **ଭାରତକୁ ଦୁର୍ବଳ ଦେଖିବାକୁ ଚାହୁଁଛି ଆମେରିକା**
- **ଔଷଧ, ଇଲେକ୍ଟ୍ରୋନିକ୍ସ , ଆଇଟି କ୍ଷେତ୍ରରେ ଭାରତର ଦବ୍‌ଦବା**

କରିଛନ୍ତି। ଏହା ବ୍ୟତୀତ, ସେ ରୁଷୀୟ ତେଲ କିଣିବା ପାଇଁ ଭାରତକୁ କଡ଼ା ସମାଲୋଚନା କରିଛନ୍ତି ଏବଂ ୨୫ ପ୍ରତିଶତ ଶୁଳ୍କ ସହିତ ଜରିମାନା ମଧ୍ୟ ଲଗାଇଛନ୍ତି, ଯାହାକୁ ବିଶେଷଜ୍ଞମାନେ ଭାରତର ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି କହୁଛନ୍ତି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କଠୋର ନୀତି ଯୋଗୁଁ, ଦୁଇ ଦେଶ ମଧ୍ୟରେ ବିଶ୍ୱାସ ହ୍ରାସ ପାଇଛି। ଯେତେବେଳେ ଭାରତ ବିଶ୍ୱର କିଛି ଦେଶ ମଧ୍ୟରୁ ଗୋଟିଏ ଥିଲା, ଯିଏ ପ୍ରଥମେ ଟ୍ରମ୍ପ ପ୍ରଶାସନ ସହିତ ବାଣିଜ୍ୟ ଚୁକ୍ତି ବିଷୟରେ କଥାବାର୍ତ୍ତା ଆରମ୍ଭ କରିଥିଲା, କିନ୍ତୁ ଏପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ କୌଣସି ଚୁକ୍ତି ହୋଇନାହିଁ। ସେ କହିଛନ୍ତି, ଯଦି ଭାରତ ଆମେରିକା ସହିତ ଚୁକ୍ତି କରିବାରେ ସଫଳ ହୁଏ, ତେବେ ଏହା ବଡ଼ ଆଶ୍ଚର୍ଯ୍ୟ ହେବ। ବର୍ତ୍ତମାନର ଟ୍ରମ୍ପ୍ ପ୍ରଶାସନ ସରକାର ଭାରତର କଲ୍ୟାଣ ବିଷୟରେ ଚିନ୍ତିତ ନୁହେଁ। ଆମେରିକା ଭାରତକୁ ଚୀନ୍ ବିରୁଦ୍ଧରେ ବ୍ୟବହାର କରିବାକୁ ଚାହୁଁଛି। ଟ୍ରମ୍ପ ଭାରତୀୟ ନିର୍ମାତାଙ୍କ ପାଇଁ ଆମେରିକାର ଦ୍ୱାର ଖୋଲିବେ ନାହିଁ ଏବଂ ଏହା ଆମେରିକାର ଏକ ବଡ଼ ଖେଳ ଯେ ଆମେ ଚୀନକୁ କିପରି ବିସ୍ଥାପିତ କରିପାରିବୁ। କିନ୍ତୁ ଭାରତ ଏକ ସଫଳ ଅର୍ଥନୀତି ପାଲଟିଛି ଏବଂ ବର୍ତ୍ତମାନ ଏହା ଘଟୁଛି ଏବଂ ଭବିଷ୍ୟତରେ ଯେତେବେଳେ ଭାରତ ଶକ୍ତିଶାଳୀ ହେବ, ଆମେରିକା ଚୀନ୍ ପରି ଭାରତକୁ ପସନ୍ଦ କରିବ ନାହିଁ। ଆଉ ଏହା ଆଗାମୀ ଦିନରେ ହିଁ ଘଟିବାକୁ ଯାଉଛି।

ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକା ଦ୍ୱାରା ୨୫% ଶୁଳ୍କ ବୃଦ୍ଧି ଭାରତର ଫାର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ ରପ୍ତାନି କ୍ଷେତ୍ରକୁ ପ୍ରଭାବିତ କରିବ ନାହିଁ। କେବଳ କିଛି କ୍ଷେତ୍ର ଯେପରିକି ବୟନଶିଳ୍ପ ଏବଂ ଅଟୋ ଭଳି କିଛି କ୍ଷେତ୍ର ସୀମିତ ଭାବରେ ପ୍ରଭାବିତ ହେବ। ସେ କହିଛନ୍ତି, ଯଦିଓ ଏହି ୨୫% ଶୁଳ୍କ ଲାଗୁ କରାଯାଏ, ଫାର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସମ୍ପୂର୍ଣ୍ଣ ଛାଡ଼ ପାଇବାର ସମ୍ଭାବନା ଅଛି। ଟାରିଫ୍ ବ୍ୟତୀତ, ଆମେରିକାକୁ ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତକୁ ବହୁତ ଆବଶ୍ୟକତା ଅଛି। ତାଙ୍କ ଅନୁସାରେ, ଆପଲ୍ ଏକ ବଡ଼ କମ୍ପାନୀ। ଆପଲ୍ ପାଇଁ ଭାରତରେ ଉତ୍ପାଦନ ବୃଦ୍ଧି କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞଙ୍କ ଅନୁସାରେ, ଟ୍ରମ୍ପ୍ ଆମେରିକୀୟ କୃଷି ଏବଂ ଦୁଗ୍ଧ ଉତ୍ପାଦ ପାଇଁ ଭାରତର ବଜାର ଖୋଲିବା ପାଇଁ ଚାପ ସୃଷ୍ଟି କରୁଛନ୍ତି। ଭାରତ ଦୀର୍ଘ ସମୟ ଧରି ଏହାକୁ ବିରୋଧ କରିଆସୁଛି।

---

**ସୋନା କମଷ୍ଟାର ମାମଲାରେ ନୂଆ ମୋଡ଼**

## ସଞ୍ଜୟ କପୁରଙ୍କ ମୃତ୍ୟୁକୁ 'ରହସ୍ୟମୟ' କହିଲେ ମା'




ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସୋନା କମଷ୍ଟାର ମାମଲାରେ ଏକ ନୂତନ ମୋଡ଼ ଆସିଛି। ସୋନା କମଷ୍ଟାରର ପୂର୍ବତନ ଅଧ୍ୟକ୍ଷା ଏବଂ ସହ-ପ୍ରତିଷ୍ଠାତା ରାଣୀ କପୁର ରାଣୀ କପୁର ବ୍ରିଟେନରେ ତାଙ୍କ ପୁଅ ସଞ୍ଜୟ କପୁରଙ୍କ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। ସୂତ୍ର ଅନୁଯାୟୀ, ରାଣୀ କପୁର ଏହି ଘଟଣାରେ ବ୍ରିଟେନରେ ଏକ ଅପରାଧିକ ଅଭିଯୋଗ ଦାୟର କରିଛନ୍ତି। ସେ ତାଙ୍କ ପୁଅର ମୃତ୍ୟୁ ସ୍ଥିତିକୁ 'ରହସ୍ୟମୟ' ବୋଲି ବର୍ଣ୍ଣନା କରିଛନ୍ତି। ଚଳଚ୍ଚିତ୍ର ଅଭିନେତ୍ରୀ କରିସ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ଏବଂ ନାମୀ ବ୍ୟବସାୟୀ ସଞ୍ଜୟ କପୁର ଜଣେ ଆମେରିକୀୟ ନାଗରିକ ଥିଲେ। ତେଣୁ, ଆମେରିକୀୟ ଅଧିକାରୀମାନେ ମଧ୍ୟ ଏହି ମାମଲା ଉପରେ ନଜର ରଖିଛନ୍ତି। ସୋନା କମଷ୍ଟାର ପରିବାରର ଏହି ମାମଲା ଏବେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛି।

ସୋନା କମଷ୍ଟାରର ପୂର୍ବତନ ଅଧ୍ୟକ୍ଷା ଏବଂ ସହ-ପ୍ରତିଷ୍ଠାତା ରାଣୀ କପୁର ଲଣ୍ଡନରେ ତାଙ୍କ ପୁଅ ସଞ୍ଜୟଙ୍କ ମୃତ୍ୟୁର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ସେ ବ୍ରିଟେନରେ ଏକ ସରକାରୀ ଅଭିଯୋଗ ଦାୟର କରିଛନ୍ତି। ସଞ୍ଜୟଙ୍କ ମୃତ୍ୟୁର ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ ଏହା 'ରହସ୍ୟମୟ'। ସେ ଚାହାଁନ୍ତି ଯେ ବ୍ରିଟିଶ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ କରନ୍ତୁ। ସେ କହିଛନ୍ତି ଯେ ୟୁକେ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏହି ଘଟଣା ପରେ ପ୍ରଥମ ଥର ପାଇଁ ରାଣୀ କପୁର ଏକ ଭାବପ୍ରବଣ ଭିଡିଓ ସାକ୍ଷାତକାର ଦେଇଛନ୍ତି। ସେ ତାଙ୍କର ନୀରବତା ଭାଙ୍ଗି ନିଜର ଦୁଃଖ ଏବଂ ଚିନ୍ତା ପ୍ରକାଶ କରିଥିଲେ। ସେ କହିଥିଲେ, ମୋ ପୁଅ ସହିତ କ'ଣ ହୋଇଛି ମୁଁ ଏପର୍ଯ୍ୟନ୍ତ ଜାଣିନାହିଁ। 'ମୁଁ ଏବେ ବୃଦ୍ଧ, ମୃତ୍ୟୁ ପୂର୍ବରୁ ସତ୍ୟ ଜାଣିବାକୁ ଚାହୁଁଛି। ଅପରପକ୍ଷେ କମ୍ପାନୀ କହିଛି ଯେ ୨୦୧୯ ପରଠାରୁ ରାଣୀ କପୁରଙ୍କ କମ୍ପାନୀ ବ୍ୟାପାରରେ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପୃକ୍ତି ନାହିଁ। କିନ୍ତୁ ରାଣୀ କପୁର କହିଛନ୍ତି ଯେ ଏହା ଏପରି ନୁହେଁ। ସେ କହିଛନ୍ତି, ମୁଁ ବିଶ୍ୱକୁ ମନେ ପକାଇବାକୁ ଆସିଛି ଯେ ଆମ ପରିବାରର ଐତିହ୍ୟ ହଜିଯିବା ଉଚିତ୍ ନୁହେଁ। ଏହାକୁ ଆଗକୁ ବଢ଼ାଯିବା ଉଚିତ୍, ଯେପରି ମୋ ସ୍ୱାମୀ ସବୁବେଳେ ଚାହୁଁଥିଲେ। ରାଣୀ କପୁର କହିଛନ୍ତି ଯେ ତାଙ୍କ ବୟସ ଏବଂ ସ୍ୱାସ୍ଥ୍ୟ ଭଲ ନାହିଁ। ତେଣୁ, ସେ ଆଉ କୌଣସି ସାର୍ବଜନୀନ ବୟାନ ଦେବେନାହିଁ। ସେ କହିଛନ୍ତି, ମୋର ଆଇନଜୀବୀ ଆବଶ୍ୟକୀୟ ସମସ୍ତ କାର୍ଯ୍ୟ କରିବେ। ଏହା ଦର୍ଶାଉଛି ଯେ ମାମଲା ଏବେ ଆଇନଗତ ଭାବରେ ଆଗକୁ ବଢ଼ିବ।

**ନୀରବତା ଭାଙ୍ଗିଲେ, ଅନ୍ତର୍ଜାତୀୟ ସ୍ତରରେ ତଦନ୍ତ ଦାବି**

---

## ଭାରତ ଉପରେ ଘୋଟିବ ମହାସଙ୍କଟ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଭାରତରେ ମୁଦ୍ରାସ୍ଫୀତି ହାର ପ୍ରାୟ ୨ ପ୍ରତିଶତ। ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ପ୍ରାୟ ୭୦୦ ବିଲିୟନ ଡଲାର। ଦେଶର ଷ୍ଟକ୍ ବଜାର ବିଶ୍ୱର ୫ମ ବୃହତ ବଜାର। ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି। ଖୁବ୍ ଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି। ଏହା ପରେ ମଧ୍ୟ ଭାରତ ଉପରେ ଏକ ବଡ଼ ସଙ୍କଟ ମାଡ଼ିଆସୁଛି। ଏହି ସଙ୍କଟ ଦେଶର ଅର୍ଥନୀତିକୁ ଏକ ବଡ଼ କ୍ଷତି ପହଞ୍ଚାଇବାର ସମ୍ଭାବନା ରହିଛି। ବାସ୍ତବରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା 'ଟଙ୍କା' ର ବିନିମୟ ମୂଲ୍ୟ ଖୁବ୍ ଶୀଘ୍ର ୯୦ ସ୍ତର ଅତିକ୍ରମ କରିପାରେ। ଏହା ସେତିକିବେଳେ ଘଟିଛି, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଛି। କିନ୍ତୁ ବିଦେଶୀ ନିବେଶକଙ୍କ ପ୍ରସ୍ଥାନ ଏହି ସଙ୍କଟକୁ ବୃଦ୍ଧି କରୁଛି। ଏହାଛଡା ଆମେରିକା ସହିତ ବାଣିଜ୍ୟରେ ବିଳମ୍ବ ଏହି ସଙ୍କଟକୁ ଆହୁରି ବୃଦ୍ଧି କରୁଛି। ଯଦି ଆମେ ଚଳିତ ସପ୍ତାହର ପ୍ରଥମ ଅର୍ଥାତ୍ ଆଜିର ବାଣିଜ୍ୟ କାରବାର କଥା କହିବା, ତେବେ ଟଙ୍କା ମୂଲ୍ୟରେ ୫୨ ପଇସାର ଏକ ବଡ଼ ହ୍ରାସ ଦେଖାଯାଇଛି, ଯାହା ଆଗାମୀ ଦିନରେ ଜାରି ରହିପାରେ। ଅନ୍ୟପକ୍ଷରେ, ଜୁଲାଇ ପରି ଅଗଷ୍ଟରେ ମଧ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଏକ ବଡ଼ ହ୍ରାସ ଦେଖାଯାଇପାରେ।

- **୯୦ ସ୍ତର ଛୁଇଁବ ଟଙ୍କା**
- **ଡଲାର ତୁଳନାରେ କ୍ରମାଗତ ଦୁର୍ବଳ ହେଉଛି ଘରୋଇ ମୁଦ୍ରା**




ସୋମବାର, ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଏବଂ ବାଣିଜ୍ୟ ଶୁଳ୍କ ଅନିଶ୍ଚିତତା ନିବେଶକଙ୍କ ଭାବନାକୁ ପ୍ରଭାବିତ କରିବା ଯୋଗୁଁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୫୨ ପଇସା ହ୍ରାସ ପାଇ ଏହା ୮୭.୬୬ ସ୍ତରରେ ବନ୍ଦ ହୋଇଥିଲା। ବିଦେଶୀ ମୁଦ୍ରା ବ୍ୟବସାୟୀମାନେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ବିଶ୍ୱ ବାଣିଜ୍ୟ ଦୃଷ୍ଟିକୋଣରେ ବ୍ୟାପକ ବାଧା ସୃଷ୍ଟି କରିବା ବିଷୟରେ ନୂତନ ଚିନ୍ତା ସୃଷ୍ଟି କରିଛି। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପକ୍ଷରୁ ଡଲାର ଚାହିଦା ଯୋଗୁଁ ଦିନ ସମୟରେ ଟଙ୍କା ହ୍ରାସ ପାଇଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ, ଡଲାର ତୁଳନାରେ ଟଙ୍କା ୮୭.୨୧ ସ୍ତରରେ ଖୋଲିଥିଲା, ଯାହା ଆମେରିକୀୟ ମୁଦ୍ରା ତୁଳନାରେ ୮୭.୭୦ ର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା।

---

**ଆଉ ପଠାଇହେବନି ରେଜିଷ୍ଟ୍ରି ଚିଠି**

## ବନ୍ଦ ହେବ ରେଜିଷ୍ଟ୍ରୀ ଡାକ ସେବା

ନୂଆଦିଲ୍ଲୀ,୮।୪(ଏଜେନ୍ସି)




ଖୁବ୍ ଶୀଘ୍ର ବନ୍ଦ ହେବ ରେଜିଷ୍ଟର୍ଡ଼ ପୋଷ୍ଟାଲ ସର୍ଭିସ୍ ବା। କାରଣ ଭାରତୀୟ ଡାକ ବିଭାଗ ଏହାର ପଞ୍ଜିକୃତ ଡାକ ସେବାକୁ ବନ୍ଦ କରିବାକୁ ଯୋଜନା କରୁଛି। ବିଭାଗ ଏହି ସେବାକୁ ସ୍ପିଡ୍ ପୋଷ୍ଟ ସହିତ ମିଶ୍ରଣ କରିବାକୁ ଯୋଜନା କରୁଛି। ଡାକ ବିଭାଗ ବନ୍ଦ କରିବ ୫୦ ବର୍ଷ ପୁରୁଣା ଏହି ରେଜିଷ୍ଟ୍ରୀ ଡାକ ସେବା। ଏହାଫଳରେ ଆଉ ପଠାଇ ହେବନି ଦୀର୍ଘ ଦିନ ହେବ ପ୍ରଚଳିତ ରେଜିଷ୍ଟ୍ରି ଚିଠି ବ୍ୟବସ୍ଥା। କାର୍ଯ୍ୟକୁ ଦ୍ରୁତ , ଚିଠିକୁ ସହଜରେ ଟ୍ରାକ୍ କରିବା ଏବଂ ସେବାକୁ ଆଧୁନିକ କରିବା ଲକ୍ଷ୍ୟରେ ଡାକ ବିଭାଗ ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଛି। ତେଣୁ ସେବା ଏହି ରେଜିଷ୍ଟ୍ରୀ ଡାକ ସେବା ସେପ୍ଟେମ୍ବର ପହିଲାରୁ ବନ୍ଦ ହୋଇଯିବ।

ଯଦି ଆପଣ ୭୦,୮୦ କିମ୍ବା ୯୦ ଦଶକରେ ଜନ୍ମଗ୍ରହଣ କରିଛନ୍ତି, ତେବେ ଆପଣ ପୋଷ୍ଟ ଅଫିସରେ ରେଜିଷ୍ଟ୍ରୀ ଡାକ ସେବା ପାର୍ସଲ କାରବାର ଦେଖିଥିବେ। ଏହି ରେଜିଷ୍ଟ୍ରୀ ଚିଠି ପଠାଇବା ପାଇଁ ପୂର୍ବରୁ ଏକ ପୃଥକ କାଉଣ୍ଟର ଥିଲା। ଡାକ ବିଭାଗର କର୍ମଚାରୀ ଆପଣଙ୍କୁ ଏହାର ରସିଦ ଦେଉଥିଲେ। ସେହି ଚିଠି ବିତରଣ ହେବା ସମୟରେ ଆପଣଙ୍କୁ ଏକ ସ୍ୱୀକୃତି ମଧ୍ୟ ମିଳୁଥିଲା। ସାମଗ୍ରିକ ଭାବରେ ପୋଷ୍ଟ ଅଫିସ୍ର ଏହା ଏକ ପ୍ରିମିୟମ୍ ସେବା ଥିଲା। ବର୍ତ୍ତମାନ ଡାକ ବିଭାଗ ଏହି ସେବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି।

ଭାରତୀୟ ଡାକ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ସର୍କୁଲାର ଅନୁଯାୟୀ, ଡାକ ବିଭାଗ ରେଜିଷ୍ଟ୍ରୀ ଡାକ ସେବାକୁ ସେପ୍ଟେମ୍ବର ପହିଲାରୁ ଏହାର ସ୍ପିଡ୍ ପୋଷ୍ଟ ସହିତ ସଂଯୁକ୍ତ କରିବାକୁ ଯାଉଛି। ସରକାର ଦାବି କରୁଛନ୍ତି ଯେ ଏହା କରିବା ଦ୍ୱାରା କାମ କରିବାର ପଦ୍ଧତି ଆହୁରି ଆଧୁନିକ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ପଠାଇବା ହେଉ କି ବିଦେଶରେ ପଢୁଥିବା ପିଲାମାନଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ପଠାଇବା ହେଉ କିମ୍ବା ରକ୍ଷା ବନ୍ଧନରେ ରାକ୍ଷୀ ପଠାଇବା ହେଉ ଏସବୁ ପାଇଁ ରେଜିଷ୍ଟ୍ରୀ ଡାକ ସେବାବ୍ୟବହାର କରାଯାଇଥାଏ। ସ୍ୱାଧୀନତା ପରଠାରୁ ରେଜିଷ୍ଟ୍ରୀ ଡାକ ସେବାକୁ ବହୁତ ନିର୍ଭରଯୋଗ୍ୟ ବୋଲି ବିବେଚନା କରାଯାଉଥିଲା। ନିଯୁକ୍ତି ପତ୍ର ପଠାଇବା ପାଇଁ ମଧ୍ୟ ସରକାର ଏହାକୁ ବ୍ୟବହାର କରିଆସୁଛନ୍ତି। ଏହାସହିତ, କୋର୍ଟ ଏହା ମାଧ୍ୟମରେ ଆଇନଗତ ନୋଟିସ୍ ପଠାଉଥିଲେ। ନୂଆ ପରିବର୍ତ୍ତନକୁ ନଜରରେ ରଖି ଡାକ ବିଭାଗର ସଚିବ ଏବଂ ମହାନିର୍ଦ୍ଦେଶକ ସମସ୍ତ ବିଭାଗ, କୋର୍ଟ, ପ୍ରତିଷ୍ଠାନ ଏବଂ ସର୍ବସାଧାରଣଙ୍କୁ ସେପ୍ଟେମ୍ବର ୧ ସୁଦ୍ଧା ନୂତନ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ କହିଛନ୍ତି। ଉଭୟ ସେବା ଅଗଷ୍ଟ ୩୧ ପର୍ଯ୍ୟନ୍ତ ପୂର୍ବ ପରି ଜାରି ରହିବ,କିନ୍ତୁ ସେପ୍ଟେମ୍ବର ୧ ରୁ ଲୋକମାନଙ୍କୁ ସ୍ପିଡ୍ ପୋଷ୍ଟ ଦ୍ୱାରା ସେମାନଙ୍କର ଜିନିଷ ପଠାଇବାକୁ ପଡିବ। ଏହିପରି ଭାବରେ, ରେଜିଷ୍ଟ୍ରୀ ଡାକ ସେବାର ଏକ ଯୁଗ ଶେଷ ହେବ।

- **ସ୍ପିଡ୍ ପୋଷ୍ଟ ସହ ହେବ ମିଶ୍ରଣ**
- **ଡାକ ବିଭାଗ ବନ୍ଦ କରିବ ୫୦ ବର୍ଷ ପୁରୁଣା ସେବା**
- **ସେପ୍ଟେମ୍ବର ପହିଲାରୁ ସେବା ବନ୍ଦ**

---

**ଲୋକସଭାରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା**


## ୫ ବର୍ଷରେ ୭ ଲକ୍ଷ କୋଟିର ଜିଏସ୍‌ଟି ଚୋରି ଧରାପଡ଼ିଛି

ନୂଆଦିଲ୍ଲୀ,୪।୮ ଏଜେନ୍ସି): ଗତ ପାଞ୍ଚ ବର୍ଷରେ ପ୍ରାୟ ୭.୦୮ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଚୋରି ଧରାପଡ଼ିଛି। କେନ୍ଦ୍ରୀୟ ଜିଏସ୍‌ଟିର କ୍ଷେତ୍ରୀୟ ଅଧିକାରୀମାନେ ଆର୍ଥିକବର୍ଷ ୨୦୨୪-୨୫ ସୁଦ୍ଧା ଏହି ଜିଏସ୍‌ଟି ଚୋରି ଧରିଛନ୍ତି। ଏଥିରେ ପ୍ରାୟ ୧.୭୯ ଲକ୍ଷ କୋଟି ଟଙ୍କାର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଜାଲିଆତି ମଧ୍ୟ ସାମିଲ। ଲୋକସଭାରେ କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ସୂଚନା ଦେଇଛନ୍ତି। ସରକାର ଦେଇଥିବା ତଥ୍ୟ ଅନୁସାରେ କେବଳ ଆର୍ଥି ବର୍ଷ ୨୦୨୪-୨୫ରେ ସିଜିଏସ୍‌ଟି କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ୨.୨୩ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଜିଏସ୍‌ଟି ଚୋରି ଧରାପଡ଼ିଛି। ସରକାର ଲୋକସଭାରେ କହିଛନ୍ତି ଯେ ଆର୍ଥିକବର୍ଷ ୨୦୨୫ରେ ଜିଏସ୍‌ଟି ଚୋରିର ୩୦,୨୫୬ ମାମଲା ଧରାପଡ଼ିଥିଲା। ଏଥିରୁ ଅଧାରୁ ଅଧିକ ୧୫,୨୮୩ ମାମଲା ଆଇଟିସି ଜାଲିଆତି ସହ ଜଡ଼ିତ ଥିଲା। ଏହି ମାମଲାଗୁଡିକରେ ୫୮,୭୭୨ କୋଟି ଟଙ୍କାର ଚୋରି ଧରାଯାଇଛି। ଆର୍ଥିକବର୍ଷ ୨୦୨୩-୨୪ରେ ସିଜିଏସ୍‌ଟି କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ୨.୩୦ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଚୋରି ଧାରପଡ଼ିଥିଲା। ଏଥିରୁ ୩୬,୩୭୪ କୋଟି ଟଙ୍କାର ଆଇଟିସି ଜାଲିଆତି ସାମିଲ ଥିଲା। ସରକାର ଲୋକସଭାରେ କହିଛନ୍ତି ଯେ ଆର୍ଥିକବର୍ଷ ୨୦୨୩ରେ ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କାର ଜିଏସଟି ଚୋରି ଧରାପଡ଼ିଥିଲା। ସେହିପରି ଆର୍ଥିକ ବର୍ଷ ୨୦୨୨ ଓ ଆର୍ଥିକବର୍ଷ ୨୦୨୧ରେ ଯଥାକ୍ରମେ ୭୩,୨୩୮ କୋଟି ଓ ୪୯,୩୮୪ କୋଟିର ଜିଏସ୍‌ଟି ହୋଇଥିଲା ଏଥିରେ ଆଇଟିସି ଚୋରି ଯଥାକ୍ରମେ ୨୮,୦୨୨ କୋଟି ଓ ୩୧,୨୩୩ କୋଟି ଟଙ୍କା ଥିଲା।

---

**ଏସ୍‌ଭିଏମ୍ କଲେଜରେ ରାଗିଂ**

## ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ



ଜଗତସିଂହପୁର,୪।୮ (ସମିସ): ଜଗତସିଂହପୁର ଜିଲ୍ଲାର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ରାଗିଂ ଭଳି ଏକ ଅଭାବନୀୟ ଘଟଣା ଘଟିଛି। +୩ ବିଜ୍ଞାନ ଶ୍ରେଣୀରେ ପଢୁଥିବା ଅମନ ମହାପାତ୍ର ନାମକ ଜଣେ ଛାତ୍ରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ସଂପୃକ୍ତ ଛାତ୍ରଙ୍କ ମୁଣ୍ଡ ଫାଟିଯାଇଛି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଅମନ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅମନଙ୍କ ଅଭିଯୋଗ ଅନୁଯାୟୀ, ଆଜି ସକାଳ ପ୍ରାୟ ସାଢ଼େ ୧୧ଟାରେ ସେ କଲେଜ ଆସୁଥିବା ବେଳେ କଲେଜର କିଛି ଛାତ୍ର ଓ ଅଣଛାତ୍ର ତାଙ୍କୁ ପାଖକୁ ଡାକିଥିଲେ। ସେ ସେମାନଙ୍କ ନିକଟକୁ ଯିବାରୁ ଆମ ସହ ନରହି ତୁ ଅନ୍ୟ ଛାତ୍ର ସଂଗଠନ ସହିତ କାହିଁକି ବୁଲୁଛୁ ବୋଲି ପ୍ରଶ୍ନ କରିଥିଲେ। ଅମନ ଏହା ତାଙ୍କର ବ୍ୟକ୍ତିଗତ ପ୍ରସଙ୍ଗ ବୋଲି କହିବାରୁ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେହି ଛାତ୍ର ଓ ଅଣଛାତ୍ର ତାଙ୍କୁ ଜିଆଇ ପାଇପ୍ ଓ ମାରଣାସ୍ତ୍ରରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିବା ଅମନ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ସେହିପରି ଅପରପକ୍ଷରୁ ମଧ୍ୟ ଥାନାରେ ଏତଲା ଦିଆଯାଇଥିବା ସୂଚନା ମିଳିଛି। ପୁଲିସ୍ ପୃଥକ୍ ମାମଲା ରୁଜୁ କରିବା ସହ କଲେଜ ପରିସରକୁ ଯାଇ ତଦନ୍ତ କରିଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାରିକୁ ଗିରଫ ବା ଅଟକ ରଖାଯାଇ ନଥିବା ସୂଚନା ମିଳିଛି।

---

## ପୁଣି ଶ୍ରୀମନ୍ଦିରରୁ ଗୁପ୍ତ କ୍ୟାମେରା ଜବତ

ପୁରୀ,୪।୮ (ସମିସ): ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଗୁପ୍ତ କ୍ୟାମେରା। ଗତ ୨୯ତାରିଖରେ ଜଣେ ଭକ୍ତଙ୍କଠାରୁ ମନ୍ଦିର ପରିସରରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଜବତ ହୋଇଥିଲା। ଠିକ୍ ସପ୍ତାହ ମଧ୍ୟରେ ପୁଣି ଜଣେ ଭକ୍ତଙ୍କଠାରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଏବଂ ମୋବାଇଲ୍ ଫୋନ୍ ଜବତ ହେବା ବଡ଼ଦେଉଳର ବିଭିନ୍ନ ସମୟରେ ଏହା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ସୋମବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି।

ପୁଲିସ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ବିପୁଲ ପଟେଲଙ୍କୁ ମନ୍ଦିର ପରିସରରୁ ଜେଟିପି ଏବଂ ପୁଲିସ ଧରିଥିଲେ। ସେ ତାଙ୍କ କ୍ୟାମେରା ସଂଯୁକ୍ତ ଚଷମାରେ ଫଟୋ ଉଠାଉଥିଲେ। ସେହି ଗୁପ୍ତ କ୍ୟାମେରା ତାଙ୍କ ମୋବାଇଲ ଫୋନ୍ ସହିତ ଲିଙ୍କ୍ ହୋଇଥିଲା। ସେ ମନ୍ଦିର ଭିତରେ ଉଠାଉଥିବା ଫଟୋ ହୋଟେଲରେ ଥିବା ତାଙ୍କ ମୋବାଇଲ ଫୋନ୍‌କୁ ଯାଉଥିଲା। ପୁଲିସ ତାଙ୍କୁ ଧରି ସିଂହଦ୍ୱାର ଥାନାକୁ ଆଣିଥିଲା। ପରେ ବିପୁଲଙ୍କୁ ଟାଉନ ଥାନାକୁ ନିଆଯାଉ ପଚରାଉଚରା କରାଯାଇଥିଲା। ସେ ଏସବୁ ସ୍ୱୀକାର କରିଥିଲେ। ପୁଲିସ ସେ ରହୁଥିବା ହୋଟେଲକୁ ଯାଇ ତାଙ୍କ ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୧୨୦/୨୫) ରୁଜୁ କରାଯାଇଥିବାବେଳେ ଅଭିଯୁକ୍ତ ବିପୁଲଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଛି।

- **ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଓ ମୋବାଇଲ ଫୋନୟ ଜବତ**
- **ଗୁଜରାଟର ବିପୁଲ ପଟେଲଙ୍କୁ ଅଟକ ରଖିଛି ପୁଲିସ**

ସୁରକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଏହି ଘଟଣାରେ ସିଂହଦ୍ୱାର ଥାନା ପୁଲିସ ଗୁଜରାଟର ବିପୁଲ ପଟେଲଙ୍କୁ ଧରି ପଚରାଉଚରା କରିଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ।

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି।

ସୂଚନାଥାଉ କି, ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି।



ଏନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ବିଶେଷକରି ମନ୍ଦିର ଭିତର ଫଟୋ ଏବଂ ଭିଡ଼ିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏ ସବୁର ଉତ୍ତୋଳନ ଉପରେ କଟକଣା ରହିଛି। ହେଲେ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି।

---

## ରେଳ ଧାରଣାରେ କଟି ଯୁବକ ମୃତ



ଭଦ୍ରକ,୪।୮ (ସମିସ): ଧାମରା-ଭଦ୍ରକ ରେଳ ଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଯଶିପୁର ପଞ୍ଚାୟତ ବଳସାହି ଗ୍ରାମର ଶଶିକାନ୍ତ ବେହେରା। ସୂଚନାନୁଯାୟୀ, ସୋମବାର ଭୋର ସମୟରେ ଶଶିକାନ୍ତ ରେଳ ଧାରଣା ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରେଳ ଧାରଣା ଉପରେ ବସି ରହିଥିଲେ। ଫଳରେ ରେଳ ଚଳାଚଳ ବନ୍ଦ ରହିଛି। ଖବର ପାଇ ଘଟଣାସ୍ଥଳରେ ବାଂଶଡା ପୁଲିସ ଓ ଧାମରା ଆଦାନୀ କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ତେବେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଛି।

**Government of Odisha " e " Procurement Notice** O-514

**Bid Identification No. : Online-AGL-03 of 2025-2026**

1. Name of the Work : Road Works
2. Estimated Cost. : Rs. 5.78 to 58.30 Lakhs
3. Period of Completion : 1(One) & 2 (Two) Calendar Months
4. Date & time of availability of : From 05.08.2025. to 14.08.2025. upto 5.00 P.M
5. Last Date/time for receipt of bids In the portal : 14.08.2025. upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website www.tendersorissa.gov.in

Exeuctive Engineer
R.W. Division, Angul

OIPR-25096/11/0025/2526



## ଆଜିର ରାଶିଫଳ

**ମେଷ:** କୋର୍ଟକଚେରୀ ମାମଲାରୁ ଆଶ୍ୱସ୍ତି ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ମହିଳାମାନେ ଆଳସ୍ୟତା ଅନୁଭବ କରିବେ। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରୁ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ । ପରିବାରର ସହାୟତା ପାଇବେ । ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ।

**ମିଥୁନ:** କୌଣସି ଜରୁରି କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇବେ।

**କର୍କଟ:** ପରିବାର ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ପଡୋଶୀଙ୍କ ସହ ଭୁଲ୍‌ବୁଝାମଣା ହୋଇପାରେ।

**ସିଂହ:** ଗୁରୁଜନଙ୍କ ପରାମର୍ଶ ନେଇ କାମ ଆରମ୍ଭ କରିବେ। ବ୍ୟବସାୟରେ ସଫଳତା ପାଇବେ। ଦୂରଯାତ୍ରା ପାଇଁ ସୁଯୋଗ ରହିଛି। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** କ୍ୟାରିୟର ପାଇଁ ନୂତନ ଦିଗନ୍ତ ପାଇବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ନୂତନ ଜମିକ୍ରୟ କରିପାରନ୍ତି।

**ବିଛା:** ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। ମାନସିକ ଅବସାଦ ବଢ଼ିବ। ପରୀକ୍ଷାର୍ଥୀଙ୍କ ପାଇଁ ଦିନଟି ବହୁତ ଭଲ।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବ।

**ମକର:** ପରିବାର ସହିତ ଆନନ୍ଦଭରା ସମୟକୁ ଅତିବାହିତ କରିବେ। ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଉଧାର ଟଙ୍କା ଫେରିପାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ। ଉଧାର ଟଙ୍କା ଫେରି ପାଇବେ।

## ଆଜିର ଇତିହାସ

- ୧୭୭୫- ବଙ୍ଗ ନବାବଙ୍କ ଅଧିକାରୀ ନନ୍ଦ କୁମାରଙ୍କୁ କଲିକତାରେ ଫାଶୀ ଦିଆଗଲା।
- ୧୯୧୪- ଆମେରିକାରେ ପ୍ରଥମ ଇଲେକ୍ଟ୍ରିକ୍ ଟ୍ରାଫିକ୍ ଲାଇଟ୍ ଲଗାଗଲା।
- ୧୯୬୩- ରୁଷ୍, ବ୍ରିଟେନ୍, ଆମେରିକା ମସ୍କୋରେ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି କଲେ।
- ୧୯୭୪- ବଲିଉଡ୍ ଅଭିନେତ୍ରୀ କାଜଲଙ୍କ ଜନ୍ମ।
- ୨୦୧୧- ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣିଥିବା କଥା ସାଇନ୍ସ ପତ୍ରିକାରେ ଦାବି କଲେ।



# ନିଆରା ପଦକ୍ଷେପ

ରାସ୍ତାର ଦୁଇ ପାର୍ଶ୍ୱରେ, ପାର୍କଗୁଡ଼ିକରେ ଫୁଲ ଗଛଠାରୁ ଆରମ୍ଭ କରି ଫଳ ଗଛ ସବୁ ଲାଗିଥାଏ। ହେଲେ ଏସବୁ ସ୍ଥାନରୁ ଗଛରୁ ଲୋକଙ୍କୁ ଫୁଲ କି ଫଳ ତୋଳିବାକୁ ବାରଣ କରାଯାଏ। ତେବେ ନ୍ୟୁଜିଲାଣ୍ଡରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ବୃକ୍ଷରୋପଣକୁ ନେଇ ଏଠାରେ ଏକ ନିଆରା ତଥା ମହାନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଠାରେ ଫୁଟ୍‌ପାଥ ଓ ପାର୍କ ଭଳି ସର୍ବସାଧାରଣ ସ୍ଥାନରେ ଲୋକଙ୍କ ଖାଇବା ଉଦ୍ଦେଶ୍ୟରେ ଫଳ ଗଛ ଲଗାଯାଏ। ଅବଶ୍ୟ ଏଭଳି କରିବା ପଛରେ ମହତ ଉଦ୍ଦେଶ୍ୟ ରହିଛି। ରାସ୍ତାରେ ଯିବାବେଳେ କାହାକୁ ଭୋକ ଲାଗିଲେ ଏହି ଗଛଗୁଡ଼ିକରୁ ଲୋକେ ଫଳ ତୋଳି ନିଜ କ୍ଷୁଧା ମେଣ୍ଟାଇ ପାରିବେ। ନ୍ୟୁଜିଲ୍ୟାଣ୍ଡରେ ଏହି 'ଫୁଡ୍ ଫରେଷ୍ଟ'ଟ୍ରେଣ୍ଡ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏହା ମାଧ୍ୟମରେ ଲୋକଙ୍କୁ ମାଗଣାରେ ତାଜା ଫଳ ଖାଇବାର ସୁଯୋଗ ମିଳିପାରୁଛି। ସେଓ, କୋଳି, କଦଳୀ ଭଳି ଅନ୍ୟାନ୍ୟ ଫଳଗଛ ସବୁ ସ୍ଥାନୀୟ କାଉନସିଲ ଏବଂ କମ୍ୟୁନିଟି ଟ୍ରଷ୍ଟର ସମର୍ଥନରେ ଲଗାଯାଏ। ଖାଦ୍ୟ କିଣିବାକୁ ଅସମର୍ଥ ଲୋକଙ୍କ ପାଇଁ ଏହା ଏବେ ଏକ ଉତ୍ତମ ବିକଳ୍ପ ହୋଇପାରିଛି। ଏହାଦ୍ୱାରା ଏକଥା ସୁନିଶ୍ଚିତ କରାଯାଏ ଯେ, କେହି ଯେମିତି କ୍ଷୁଧା ଯୋଗୁ ମୃତ୍ୟୁବରଣ କରିବେ ନାହିଁ। ସେହିପରି ସ୍ଥାନୀୟ ଲୋକେ ମିଳିମିଶି ଏହି ଗଛଗୁଡ଼ିକର ଯତ୍ନ ନିଅନ୍ତି। ଫଳ ତଳେ ପଡ଼ି ନଷ୍ଟ ହେବା ପରିବର୍ତ୍ତେ ଏହାଦ୍ୱାରା ଉପଯୋଗରେ ଆସିପାରୁଥିବା କୁହାଯାଉଛି। ଏହିପରି ଭାବେ ଖାଦ୍ୟ ନଷ୍ଟ ବି ଏକପ୍ରକାର ରୋକା ଯାଉଛି। ଏହାବାଦ୍ ଉକ୍ତ ପଦକ୍ଷେପ ଲୋକଙ୍କୁ ଖାଦ୍ୟ ଉତ୍ସ, ଋତୁକାଳୀନ ଫଳ, ଏବଂ ପ୍ରକୃତି ସହିତ ଥିବା ସମ୍ବନ୍ଧ ବାବଦରେ ଶିକ୍ଷା ପ୍ରଦାନ କରୁଛି। ଏହି ପଦକ୍ଷେପ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ବି ବୃଦ୍ଧି କରିବାରେ ସହାୟକ ହେଉଛି। ଗଛରୁ ମିଳୁଥିବା ଅତିରିକ୍ତ ଫଳକୁ ସ୍ଥାନୀୟ ବଜାରରେ ବିକ୍ରି କରାଯାଏ। ଏହିପରି ଭାବେ ସ୍ୱଳ୍ପସ୍ତରରେ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବା ଦିଗରେ ବି କାର୍ଯ୍ୟ କରୁଛି। ସ୍ଥାନୀୟ ଲୋକେ ଏହି ଗଛଗୁଡ଼ିକର ଯତ୍ନ ନେବା ପାଇଁ 'ବୃକ୍ଷ ରକ୍ଷକ' ଭାବରେ କାର୍ଯ୍ୟ କରୁଛନ୍ତି। ଏହି ପଦକ୍ଷେପ କେବଳ ଖାଦ୍ୟର ସଦୁପଯୋଗକୁ ପ୍ରୋତ୍ସାହିତ କରୁ ନାହିଁ, ବରଂ ସାମୁଦାୟିକ ଭାବନା ଏବଂ ସହଭାଗିତା ଦାୟିତ୍ୱବୋଧକୁ ବି ପ୍ରୋତ୍ସାହିତ କରୁଛି।

# 'ସୈୟାରା' ପାଇଁ ଅଟକିଛି କାର୍ତ୍ତିକ୍‌ଙ୍କ ଫିଲ୍ମ



ବକ୍ସ ଅଫିସ୍‌ରେ ସୁନାମି ଆଣିଛି 'ସୈୟାରା' ଫିଲ୍ମ। ଆହାନ ପାଣ୍ଡେ ଓ ଅନୀତ୍ ପଡ୍ଡାଙ୍କ ଏହି ଫିଲ୍ମ ରିଲିଜ୍ ହେବାର ୯ ଦିନ ମଧ୍ୟରେ ୩୦୦ କୋଟି କ୍ଲବ୍‌ରେ ପହଞ୍ଚିଥିଲା। 'ସୈୟାରା'ର ସଫଳତାକୁ ଦେଖି ଅନେକ ଫିଲ୍ମ ନିର୍ମାତା ସେମାନଙ୍କ ଫିଲ୍ମକୁ ଆଉ ଏବେ ରିଲିଜ୍ କରିବାକୁ ଚାହୁଁନାହାନ୍ତି। ଅନୁରାଗ ବସୁ, କାର୍ତ୍ତିକ୍ ଆର୍ୟ୍ୟନ୍ ଓ ଶ୍ରୀଲୀଲାଙ୍କୁ ନେଇ ଏକ ରୋମାଣ୍ଟିକ୍ ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମର କାହାଣୀ ମଧ୍ୟ ଲେଖା ସରିଥିଲା। କିନ୍ତୁ ଫିଲ୍ମର କାହାଣୀ କିଛି ମାତ୍ରାରେ 'ସୈୟାରା' ସହ ମିଶି ଯାଉଥିବାରୁ ପୁଣିଥରେ ଅନୁରାଗ ଏହାର କାହାଣୀ ଲେଖୁଥିବା ଚର୍ଚ୍ଚା ହେଉଛି। କିନ୍ତୁ ଅନୁରାଗ ଏହି କଥାକୁ ଖଣ୍ଡନ କରିବା ସହ ସେ କହିଛନ୍ତି, 'ମୁଁ ପୁଣିଥରେ ଫିଲ୍ମର କାହାଣୀ ଲେଖୁନାହିଁ କି ଫିଲ୍ମର ରିସୁଟ୍ ମଧ୍ୟ ହେଉ ନାହିଁ। ଦୁଇଟି ଫିଲ୍ମରେ ଗୋଟିଏ ସମାନତା ରହିଛି ତାହା ହେଲା ଦୁଇଟି ଫିଲ୍ମର ହିରୋ ରକ୍‌ଷ୍ଟାର୍ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମର ସୁଟିଂ କାର୍ତ୍ତିକ୍‌ଙ୍କ ଲୁକ୍ ପାଇଁ ହିଁ ଅଟକିଛି। ଏବେ କାର୍ତ୍ତିକ୍ 'ତୁ ମେରା ମେ ତେରି ମେ ତେରି ତୁ ମେରା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କ ଲୁକ୍ ଅଲଗା ରହିଛି।' ଅନୁରାଗଙ୍କ ଏହି ଫିଲ୍ମ ଦୀପାବଳି ଅବସରରେ ରିଲିଜ୍ ହେବ ବୋଲି ପୂର୍ବରୁ କୁହାଯାଉଥିଲା। ଏଯାବତ୍ ଫିଲ୍ମର ୪୦% ସୁଟିଂ ସରିଛି। ତେଣୁ ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

# ଶଳାର ପୁଅ ହେଲେ ଚିନି ବାଣ୍ଟନ୍ତି ଭିଣୋଇ

ବିଶ୍ୱର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପରମ୍ପରା ଓ ସଂସ୍କୃତି ଦେଖିବାକୁ ମିଳେ। ତନ୍ମଧ୍ୟରୁ କିଛି ସ୍ଥାନରେ ଏମିତି ଅଜବ ପରମ୍ପରା ରହିଛି ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହି କ୍ରମରେ ମଧ୍ୟପ୍ରଦେଶ, ବୁରହାନପୁର ଜିଲ୍ଲାର ଶ୍ରୀ ଗୁର୍ଜର ସାଲୀ ସକଳ ପଞ୍ଚ ସମାଜରେ ଏକ ଅଜବ ପରମ୍ପରା ଦେଖିବାକୁ ମିଳେ। ସାଧାରଣତଃ ଘରେ ଝିଅ କି ପୁଅଟିଏ ଜନ୍ମ ହେଲେ ବାପା ମାମାନେ ଖୁସିରେ ସାହି ପଡ଼ିଶାରେ ମିଠା ବାଣ୍ଟି ଥାନ୍ତି। ଏମିତି ବି ଅନେକ ଅଛନ୍ତି ଯେଉଁମାନେ ପୁଅ ଜନ୍ମ ହେଲେ ପୁରା ଗାଁ ଯାକ ମିଠା ବାଣ୍ଟିଥାନ୍ତି। ହେଲେ ମଧ୍ୟପ୍ରଦେଶର ଉକ୍ତ ସମ୍ପ୍ରଦାୟରେ ପରମ୍ପରା ଅନୁଯାୟୀ, ଶଶୂରଘରେ ଶଳାର ପୁଅ ହେଲେ ଭିଣୋଇମାନେ ମିଠା ବଦଳରେ ଚିନି ବାଣ୍ଟନ୍ତି। ଏଥିପାଇଁ ଭିଣୋଇମାନେ ବ୍ୟାଣ୍ଡ ବାଜା ସହ ରୋଶଣି କରି ସାହି ସାହି ବୁଲି ଚିନି ବାଣ୍ଟିଥାନ୍ତି। ତେବେ ଘର ପିଛା ଗିନାଏ ଚିନି ତଥା ୨୦୦ ଗ୍ରାମ୍ ଚିନି ବାଣ୍ଟି ସାହି ଲୋକଙ୍କୁ ଏକ ସାମୂହିକ ଭୋଜନ ପାଇଁ ନିମନ୍ତ୍ରଣ କରାଯାଇଥାଏ। ଏନେଇ ଜଣେ ସ୍ଥାନୀୟ ବାସିନ୍ଦା ରାଜୁ ଜରିୱାଲାଙ୍କ କହିବାନୁସାରେ, 'ଏହି ପ୍ରଥା ପାଖାପାଖି ୫୦୦ ବର୍ଷ ପୁରୁଣା । ପିଢ଼ି ପରେ ପିଢ଼ି ଆମେ ଏହି ପରମ୍ପରାକୁ ପାଳନ କରି ଆସୁଛୁ। ତେଣୁ ଯେତେବେଳେ ଶଶୂରଘରେ ଶଳାର ପୁଅ ହୁଏ ସେ ଘରର ଜ୍ୱାଇଁ ତଥା ଭିଣୋଇ ନିଜ ସଞ୍ଚିତ ଅର୍ଥରୁ ଚିନି ବସ୍ତା କିଣି ପୂରା ସାହିଭାଇରେ ବାଣ୍ଟନ୍ତି। ଚିନି ଦେଇଥିବା ଘରକୁ ନିମନ୍ତ୍ରଣ ମଧ୍ୟ କରିଥାନ୍ତି। ଏହା ପରେ ଶଶୂରଘର ପକ୍ଷରୁ ସାମୁହିକ ଭୋଜନ ବ୍ୟବସ୍ଥା କରାଯାଇଥାଏ।' ଅବଶ୍ୟ ଏଠାରେ ଲୋକେ ପୁଅ ଜନ୍ମ ହେବା ଖୁସିରେ ଏପରି ଆୟୋଜନ କରିଥାନ୍ତି। ତେବେ ଜ୍ୱାଇଁ ବ୍ୟାଣ୍ଡ ବାଜା ସହିତ ଚିନି ବାଣ୍ଟୁଥିବାର ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଅନ୍ୟପଟେ ପୁଅ ଜନ୍ମ ପାଇଁ ଜ୍ୱାଇଁ ଯେଉଁ ଚିନି ବାଣ୍ଟିଥାନ୍ତି ସେଥିରେ ପାଖ ପଡ଼ୋଶୀମାନେ ଚା' ବନାଇ ପିଅନ୍ତି। ସେମାନଙ୍କ ପାଇଁ ଏହା ମିଠାର ବିକଳ୍ପ।






# ବର୍ଷାରେ ଫସଲର ଯତ୍ନ

**ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଲଗାଣ ବର୍ଷା ଲାଗି ରହୁଛି। ଏଥିଯୋଗୁଁ ଫସଲରେ ଜଳ ଜମି ରୋଗପୋକ ଲାଗିପାରେ। ଜଳମଗ୍ନ ଫସଲ ନଷ୍ଟ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଚାଷୀମାନେ ଫସଲରେ ପାଣି ଜମିଥିଲେ କିପରି ସୁରକ୍ଷା ପ୍ରଦାନ କରିବେ ଜାଣିବା...**



**ଜଳନିଷ୍କାସନ:** ବର୍ଷାଦିନେ ଫସଲରେ ଜଳ ଜମି ଗଛ ସଡ଼ିଯାଏ। ଫସଲକୁ ବିଭିନ୍ନ ପୋକ ଆକ୍ରମଣ କରନ୍ତି। ତେଣୁ ପ୍ରଥମେ ଫସଲରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ। କୁଣ୍ଡରୁ ଜଳ ନିଷ୍କାସନ ପାଇଁ ମଧ୍ୟ ବନ୍ଦୋବସ୍ତ ଜରୁରି। ବର୍ଷାପରେ ପତ୍ରରେ ଲାଗିଥିବା ମଳିକୁ ସଫା କରିବା ଦ୍ୱାରା ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ବାଧା ଉପୁଜି ନ ଥାଏ।

**ଫିମ୍ପିଜନିତ ସମସ୍ୟା:** ଗଛମୂଳେ ପାଣି ଜମି ଗଛ ହଳଦିଆ ପଡ଼ିବା ସହ ଗଛ ଝାଉଁଳି ମରି ଯାଇଥାଏ। କାଣ୍ଡ ଅଂଶ ପଚିଯାଇଥାଏ। ତେଣୁ ଏହି ଫିମ୍ପିଜନିତ ସମସ୍ୟା ପରିଲକ୍ଷିତ ହେଉଥିଲେ, କପର ଅକ୍ସିକ୍ଲୋରାଇଡ୍ ଏକ ଲିଟର ପିଛା ପାଞ୍ଚ ଗ୍ରାମ ସିଞ୍ଚନ କରିବା ଆବଶ୍ୟକ। ମାଟିରୁ ଫିମ୍ପି ସମସ୍ୟା ଦୂର କରିବାକୁ ନୂଆ ମାଟି ବ୍ୟବହାର ଜରୁରି। ବର୍ଷାଦିନେ ମାଟିରେ ଆର୍ଦ୍ରତା ଅଧିକ ଥାଏ। ତେଣୁ ମାଟି ନ ଶୁଖିବା ଯାଏଁ ଜଳ ସିଞ୍ଚନ କରିବା ଅନୁଚିତ। ଏତଦ୍‌ଭିନ୍ନ ଗଛଲତାରେ ଉର୍ବରକ, ନିମ୍ବତେଲ ପ୍ରୟୋଗ କରିବା ସର୍ବୋତ୍ତମ। ନିମ୍ବ ତେଲ ବଦଳରେ ନିମ୍ବ ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ଅନୁମୋଦିତ ହାରରେ ବ୍ୟବହାର କରାଯାଇପାରିବ।

**ପୋକ ପ୍ରାଦୁର୍ଭାବ ନିୟନ୍ତ୍ରଣ:** ବର୍ଷାରେ ଗଛକୁ ବିଭିନ୍ନ ପ୍ରକାର ପୋକ ଆକ୍ରମଣ କରିଥାନ୍ତି। ଏଥିରୁ ବର୍ତ୍ତିବା ପାଇଁ ଏକର ପ୍ରତି ନିମ୍ବନାଶକ କୀଟନାଶକ ୧୫୦୦ ପିପିଏମ୍ ୬୦୦ମିଲିକୁ ୨୦୦ ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କରିପାରିବେ। ଫସଲରେ ଆଲୋକ ଯନ୍ତା ତଥା ଅଠାଳିଆ ଯନ୍ତା ବସାଇବା ସହ ଜୈବିକ ପ୍ରଣାଳୀରେ କୀଟ ନିୟନ୍ତ୍ରଣ କରାଯାଏ।

**ମାତ୍ରାଧିକ ସାର ପ୍ରୟୋଗକୁ ନା:** ବର୍ଷା ଯୋଗୁଁ ମାଟିର ପୋଷକତତ୍ତ୍ୱ ହ୍ରାସ ପାଏ। ତେଣୁ ନିର୍ଦ୍ଦିଷ୍ଟ ଅନ୍ତରରେ ଖତ ତଥା ଜୈବିକ ଖତ ଉପଯୋଗ କରିପାରିବେ। ଗଛକୁ ଭଲ ଭାବେ ସୂର୍ଯ୍ୟକିରଣ ପଡ଼ିବାକୁ ବନ୍ଦୋବସ୍ତ ଆବଶ୍ୟକ। ମଝିରେ ମଝିରେ ଗଛର ତଳ ପତ୍ରକୁ କାଟିବା ଦ୍ୱାରା ଗଛ ମୂଳରେ ପାଣି ଜମିବା ଭୟ କମ୍ ହୁଏ। ଏହି ଦିନରେ ଗଛମୂଳରେ ମାତ୍ରାଧିକ ସାର ବା କୀଟନାଶକ ପ୍ରୟୋଗ ଅନୁଚିତ। ବର୍ଷା ସମୟରେ କୀଟନାଶକ, ତୃଣନାଶକ କିମ୍ବା ସାର ପ୍ରୟୋଗ ଆଦୌ ଭଲ ନୁହେଁ। ତେଣୁ ଶୁଖିଲା ପାଗରେ ସନ୍ଧ୍ୟା ସମୟରେ ସାର ସିଞ୍ଚନ କରିପାରିବେ। କୁଣ୍ଡରେ ଗଛ ଲଗାଉଥିଲେ, ତିନି ଭାଗ ମାଟି ଏବଂ ଏକ ଭାଗ ଖତ ମିଶାଇବା ଜରୁରି। ୧୦ ଦିନ ଅନ୍ତରରେ ଗଛରେ ଫିମ୍ପିନାଶକ ସିଞ୍ଚନ କରିପାରିବେ।

# ଯନ୍ତ୍ର ତୋଳିବ ଚା' ପତ୍ର



ଚା' ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତରେ ଦାର୍ଜିଲିଂ, ଆସାମ, କୋଲୁକୁମାଲାଇ, ପାଲମପୁର, ମୁନ୍ନାର, ନୀଳଗିରିରେ ଚା' ଚାଷ ହୁଏ। ଚା'ଚାଷ ପାଇଁ ମୃତ୍ତିକା, ଜଳବାୟୁ ବେଶ ଗୁରୁତ୍ୱପୂର୍ଣ୍ଣ। ତେବେ ଚା' ପତ୍ର ତୋଳାଳିଙ୍କୁ ମୁଖ୍ୟତଃ ଚା ପତ୍ର ତୋଳିବାରେ ସମସ୍ୟା ଅଧିକ ହୋଇଥାଏ। ଏଥିପାଇଁ ଅଧିକ ଖର୍ଚ୍ଚ ମଧ୍ୟ ହୁଏ। ହେଲେ ଏହି ସମସ୍ୟାକୁ ଏବେ ଦୂର କରୁଛି ସ୍ୱୟଂଚାଳିତ ହାଇଡ୍ରୋଲିକ୍ ମେସିନ୍। ଏହି ଯନ୍ତ୍ରଟି ଶ୍ରମିକଙ୍କ କାମକୁ ସହଜ କରିପାରିବ। ଏହାଦ୍ୱାରା ଶ୍ରମ ହ୍ରାସ ସହିତ ସମୟ ମଧ୍ୟ ବଞ୍ଚି ପାରିବ। ଏହି ଯନ୍ତ୍ରରେ ଟ୍ରାନ୍ସମିଶନ ଏବଂ କୁଲିଂ ପ୍ରଣାଳୀର ଫିଚର୍ସ ସଂଯୋଗ କରାଯାଇଥିବାରୁ ଏହା ମେସିନ୍‌ର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିଥାଏ। ସେହିପରି ଏଥିରେ ଥିବା ଡିସ୍କ-ଟାଇପ୍ ନେଗେଟିଭ ବ୍ରେକ୍ ପ୍ରଣାଳୀ ଯନ୍ତ୍ରକୁ ସୁରକ୍ଷିତ ଏବଂ ସ୍ଥିର କରିଥାଏ। ଏହି ଯନ୍ତ୍ରର ଉଚ୍ଚତା ୧.୪ ମିଟର। ବିଭିନ୍ନ ଫସଲର ଆକାର ଅନୁସାରେ କାମ କରିବାକୁ ଏହାକୁ ଡିଜାଇନ୍ କରାଯାଇଛି। ଏହି ଯନ୍ତ୍ରଟି ପ୍ରତି ଘଣ୍ଟା ୨୦ କିମି କାମ କରିଥାଏ। ଏହି ଯନ୍ତ୍ରର ଆଉ ଏକ ସ୍ୱତନ୍ତ୍ରତା ହେଉଛି, ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ର ଶବ୍ଦ ଧ୍ୱନିପ୍ରଦୂଷଣ କମ୍ କରି ବେଶ୍ ଶାନ୍ତ ଭାବେ କାମ କରିଥାଏ।

# ଗାଈଙ୍କ ପ୍ରସୂତି ଜ୍ୱର



ଆମ ରାଜ୍ୟର ଅଧିକାଂଶ ଚାଷୀ ଗୋ- ପାଳନ କରନ୍ତି। ଗୋ ପାଳନରେ ସଠିକ୍ ଦେଖାରଖା ନିତାନ୍ତ ଜରୁରି। ତେବେ ଦୁଧିଆଳିଗାଈଙ୍କଠାରେ ବିଭିନ୍ନ ରୋଗ ଦେଖାଯାଉଥିବାବେଳେ ତନ୍ମଧ୍ୟରୁ ପ୍ରସୂତି ଜ୍ୱର ଏକ ମୁଖ୍ୟ ସମସ୍ୟା। ଏହାର ନାଁ ପ୍ରସୂତି ଜ୍ୱର ହୋଇଥିଲେ ମଧ୍ୟ ଏଥିରେ ଜ୍ୱର ନ ଥାଏ। ଗାଈଙ୍କ ଶରୀରର ତାପମାତ୍ରା ସାଧାରଣ ତାପମାତ୍ରାଠାରୁ କମ୍ ଥାଏ। ସାଧାରଣତଃ ଗାଈ, ମଇଁଷି ପ୍ରସବ କଲା ପରେ ଏହି ପ୍ରସୂତି ଜ୍ୱର ହୋଇପାରେ। ପାଣିପାଗ ସହିତ ଏହାର କିଛି ସମ୍ପର୍କ ନ ଥାଏ। ତେଣୁ ଗାଈ ଓ ମଇଁଷି ପ୍ରସବ ପରେ ସେମାନଙ୍କର ଦେଖାଶୁଣା କରିବା ନିହାତି ଆବଶ୍ୟକ। ପ୍ରସୂତି ଜ୍ୱରରେ ଆକ୍ରାନ୍ତ ପ୍ରାଣୀ ମୁଖ୍ୟତଃ ପ୍ରାଥମିକସ୍ତରରେ ଅସ୍ଥିର ହୋଇଯାଆନ୍ତି। ପରେ ଶାରୀରିକ କମ୍‌ଜୋର ହୋଇ ତଳେ ପଡ଼ି ଯାଆନ୍ତି। ଖାଦ୍ୟଗ୍ରହଣ କରନ୍ତିନି। ଗୋଟିଏ ପାଖକୁ ମାଡ଼ିକି ଶୁଅନ୍ତି କିମ୍ବା ବସିଲା ଭଳି ଅବସ୍ଥାରେ ରହି ନିଜ ଥୋମଣିଟିକୁ ବେକ ବଙ୍କେଇ ପେଟ ପାଖରେ ରଖନ୍ତି। ଏହା ସବୁ ଏହି ରୋଗର ଲକ୍ଷଣ। ତେଣୁ ଏପରି ଲକ୍ଷଣ ଦେଖାଗଲେ, ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୟାଲ୍‌ସିୟମ ବୋରୋଗ୍ଲୁକୋନେଟ ଔଷଧ ଦେଇ ପାରିବେ। ଆବଶ୍ୟକସ୍ଥଳେ ପ୍ରାଣୀଙ୍କୁ ସାଲାଇନ୍ ଦିଆଯାଇଥାଏ। ଡାକ୍ତରଙ୍କ ତତ୍ତ୍ୱାବଧାନରେ ପ୍ରାଣୀଟିର ଚିକିତ୍ସା କରିବାର କିଛି ଘଣ୍ଟା ମଧ୍ୟରେ ପ୍ରାଣୀ ସତେଜ ହୋଇଯାଆନ୍ତି। ସଳଖି ଛିଡ଼ା ହୋଇ ପାରନ୍ତି । ତେଣୁ ପ୍ରସବ ପୂର୍ବରୁ ସନ୍ତୁଳିତ ଖାଦ୍ୟ ଦେବା ଦରକାର। ସନ୍ତୁଳିତ ଖାଦ୍ୟପେୟରେ ଦାନା-ମିଶ୍ରଣ, ସବୁଜ ଚାରା, ଶୁଖିଲା ଚାରା ଦିଆଯାଇ ପାରିବ। ଦାନା ମିଶ୍ରଣରେ ଦୁଇ ପ୍ରତିଶତ ଉଚ୍ଚ ଗୁଣବତ୍ତା ଖଣିଜ ଲବଣ ଗର୍ଭବସ୍ଥାର ଆଠମାସ ପର୍ଯ୍ୟନ୍ତ ଦେଇପାରିବେ। ଏହା ପରେ ବନ୍ଦ କରିବା ଆବଶ୍ୟକ। ପ୍ରସବ ପରେ ପୁଣି ପ୍ରାଣୀଙ୍କୁ ଉପରୋକ୍ତ ଖାଦ୍ୟ ଦେବା ଆରମ୍ଭ କରିପାରିବେ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଖାଲୁଆ ଜମିରେ, ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ତେବେ ମୁଖ୍ୟ ଜମିରେ ପ୍ରତିରୋପଣ କରିଦିଅନ୍ତୁ।
- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ। ବେଉଷଣ ପରେ ଏକର ପ୍ରତି ୩୫ କିଗ୍ରା ୟୁରିଆ ଶୀର୍ଷ ସାର ପ୍ରୟୋଗ କରନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ରପୋଡ଼ା, ଝାଉଁଳା ଓ ମୂଳସଢ଼ା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ ମେଟାଲାକ୍ସିଲ+ମାଙ୍କୋଜବ କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ +ମାଙ୍କୋଜେବ ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ମକା ମଞ୍ଜି ବୁଣିବାର ୨୦ରୁ ୨୫ ଦିନ ହୋଇଯାଇଥିଲେ ଘାସ ବାଛି ଜମିକୁ କୋଡ଼ାଖୋସା କରି ହୁଡ଼ା ଟେକି ଦିଅନ୍ତୁ। ଏହି ସମୟରେ ଏକର ପ୍ରତି ୫୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ।
- ମୁଗ ଓ ବିରି ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ-ତୃଣକମାରୀ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମିଲି ଇମାଜିଥାଇପର କିମ୍ବା ୪୦୦ ମିଲି କୁଇଜାଲୋଫପ୍ ଇଥାଇଲ୍ ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍

# ଶେଷ ଟେଷ୍ଟରେ ଭାରତର ରୋମାଞ୍ଚକ ବିଜୟ



ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି)

ଘରୋଇ ଦଳର ଅଲରାଉଣ୍ଡର ଗସ୍ ଆଟକିନସନଙ୍କୁ ବୋଲ୍ଡ ଆଉଟକରି ମହମ୍ମଦ୍ ସିରାଜ ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟରେ ଭାରତକୁ ରୋମାଞ୍ଚକ ଓ ଐତିହାସିକ ଟେଷ୍ଟ ବିଜୟ ପ୍ରଦାନ କରିଛନ୍ତି। ଭାରତ ପ୍ରଦତ୍ତ ୩୭୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟର ଶେଷ ଦିନରେ ଇଂଲଣ୍ଡ ୩୬୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଭାରତ ମାତ୍ର ୬ ରନ୍‌ରେ ଶେଷ ଟେଷ୍ଟ ଜିତିବା ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୨-୨ ବରାବର ସ୍ଥିତିରେ ରଖିବାରେ ସଫଳ ହୋଇଛି। ଟେଷ୍ଟ କ୍ରିକେଟରେ ରନ୍ ବ୍ୟବଧାନରେ ଏହା ଭାରତର ସବୁଠାରୁ କମ୍ ରନ୍‌ରେ ବୀଜୟ। ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା। ଏଠାରେ ଘାତକ ବୋଲିଂ କରି ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜ (ମ୍ୟାଚ୍‌ରେ ୯ ୱିକେଟ)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୫ଟି ଯାକ ଟେଷ୍ଟରେ ଭାରତ ପକ୍ଷରୁ ସର୍ବାଧିକ ୭୫୪ ଓ ଇଂଲଣ୍ଡ ପକ୍ଷରୁ ୪୮୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଦୀର୍ଘ ୨୫ ଦିନ ଧରି ଚାଲିଥିବା ବ୍ୟାଟ୍ ବଲର ସଂଘର୍ଷ ମଧ୍ୟରେ ଏହି ପ୍ରତିଯୋଗିତାମୂଳକ ତଥା ରୋମାଞ୍ଚଭରା ଟେଷ୍ଟ ସିରିଜ୍ ସ୍ମରଣୀୟ ଭାବେ ଶେଷ ହୋଇଛି। ଏହା ପରେ ଭାରତ ୟୁଏଇ'ରେ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ରେ ଅଂଶଗ୍ରହଣ କରିବ। ଆଲୋଚନା ଫଳପ୍ରସୂ ହେଲେ ଏହା ପୂର୍ବରୁ ଶ୍ରୀଲଙ୍କା ସହ ଏକ ସୀମିତ ଓଭର ସିରିଜ୍ ଚଳିତ ମାସ ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

- ଟେଷ୍ଟ ସିରିଜ୍ ୨-୨ରେ ବରାବର
- ସିରାଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ଗିଲ, ବ୍ରୁକ୍ ମ୍ୟାନ୍ ଅଫ୍ ଦି ସିରିଜ୍

ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ମ୍ୟାଚ୍‌ର ପିଚ୍ ଘାସ ଥାଇ ଖେଳାଯାଇଥିଲା। ଯାହାଫଳରେ ଆରମ୍ଭରୁ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରଥମ ଇନିଂସରେ ଭାରତ ୨୨୪ ଓ ଇଂଲଣ୍ଡ ୨୪୭ ରନ୍ କରିଥିଲା। ଏଠାରେ ତୃତୀୟ ଇନିଂସରେ ସର୍ବାଧିକ ସ୍କୋର ହେଉଥିଲାବେଳେ ଭାରତ ୩୯୬ ରନ୍‌ରେ ଦ୍ୱିତୀୟ ଇନିଂସ ଶେଷ କରିଥିଲା। ଫଳରେ ଏହି ଟେଷ୍ଟର ତୃତୀୟ ଦିନ ଘରୋଇ ଇଂଲଣ୍ଡ ଆଗରେ ଏହି ଟେଷ୍ଟ ମ୍ୟାଚ୍ ଜିତିବାକୁ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ପ୍ରଥମ ଦିନ ୧ ୱିକେଟରେ ୫୦ ରନ୍ କରିଥିଲା। ଦ୍ୱିତୀୟ ଦିନରେ ଦଳ ୧୦୬ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଭାରତୀୟ ଶିବିରରେ ଉତ୍ସାହ ସୃଷ୍ଟି ହୋଇଥିଲା। କିନ୍ତୁ ଜୋ ରୁଟ ଓ ହ୍ୟାରୀ ବ୍ରୁକ୍‌ଙ୍କ ୪ର୍ଥ ୱିକେଟରେ ଦମ୍‌ଦାର ବ୍ୟାଟିଂ ଇଂଲଣ୍ଡକୁ ବିଜୟର ନିକଟବର୍ତ୍ତୀ କରାଇବା ସହ ଭାରତକୁ ନିରାଶ କରିଥିଲା। ଦ୍ୱିତୀୟ ଇନିଂସରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଖେଳିବାକୁ ଆସି ୬୬ ରନ୍‌ର ଆକର୍ଷଣୀୟ ଇନିଂସ ଖେଳିଥିବା ଆକାଶ ଦୀପ୍ ୧୧୧ ରନ୍ କରିଥିବା ବ୍ରୁକ୍‌ଙ୍କୁ ଟି' ପୂର୍ବରୁ ଆଉଟ କରି ୧୯୫ ରନ୍‌ର ପାର୍ଟନରସିପ୍‌କୁ ଭାଙ୍ଗିଦେଇଥିଲେ। ଏହା ପରେ ରୁଟ୍ (୧୦୫) ଓ ଜ୍ୟାକବ ବେଥେଲ (୫)ଙ୍କୁ ଆଉଟ କରି ଭାରତକୁ ଜିତିବା ଲାଗି ଏକ ସୁଯୋଗ ଦେଇଥିଲେ। ତୃତୀୟ ଦିନ ଆଲୋକ ଅଭାବ ଓ ବର୍ଷା ହେବାରୁ ଖେଳ ବନ୍ଦ ରହିଲା ବେଳକୁ ୬ ୱିକେଟରେ ୩୩୯ ରନ୍ କରିଥିଲା। ଯାହା ଫଳରେ ମ୍ୟାଚ୍‌ର ୫ମ ତଥା ଶେଷ ଦିନରେ ଇଂଲଣ୍ଡକୁ ଜିତିବା ଲାଗି ବାକିଥିବା ୪ ୱିକେଟ ବିନିମୟରେ ୩୭ ରନ୍ ଓ ଭାରତକୁ ଏହା ମଧ୍ୟରେ ୪ଟି ୱିକେଟ ଆବଶ୍ୟକ ଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।

**ଇଂଲଣ୍ଡ ପ୍ରଥମ ଇନିଂସ**: ୨୪୭/୧୦ (କ୍ରଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।

**ଭାରତ ଦ୍ୱିତୀୟ ଇନିଂସ**: ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ**: ୩୬୭/୧୦, ଓଭର (ହ୍ୟାରୀ ବ୍ରୁକ୍-୧୧୧, ଜୋ ରୁଟ-୧୦୫, ବେନ୍ ଡକେଟ-୫୪, ମହମ୍ମଦ୍ ସିରାଜ-୫/୧୦୪, ପ୍ରସିଦ୍ଧ କ୍ରିଷ୍ଣା-୪/୧୨୬, ଆକାଶଦୀପ-୧/୮୫)।

## ରୋମାଞ୍ଚଭରା ଶେଷ ଦିନ

୬ ୱିକେଟରେ ୩୩୯ ରନ୍‌ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ପକ୍ଷରୁ ଜେମି ଓଭରଟନ ଭାରତର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଚୌକା ମାରି ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ୱିକେଟ ରକ୍ଷକ ଜେମି ସ୍ମିଥ୍‌ଙ୍କୁ ୨ ରନ୍‌ରେ ଓ ଏହା ପରେ ଓଭରଟନ୍‌ଙ୍କୁ ୯ ରନ୍‌ରେ ଆଉଟ କରି ସିରାଜ ଭାରତର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। କେବଳ ଗସ୍ ଆଟକିସନସନ ଭାରତର ବିଜୟରେ ପ୍ରତିବନ୍ଧକ ରହିଥିଲେ। ସେ ମଧ୍ୟ ଛକା ମାରି ସୁଯୋଗକୁ ହାତଛଡ଼ା କରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହି ସମୟରେ ଜୋଶ ଟଙ୍ଗ୍‌ଙ୍କୁ ବୋଲ୍ଡ କରି ପ୍ରସିଦ୍ଧ ଆହତ ଖେଳାଳି କ୍ରିସ୍ ଓକ୍ସଙ୍କୁ ବ୍ୟାଟିଂ କରିବାକୁ ବାଧ୍ୟ କରିଥିଲେ। ଆଟକିନସନ ଭଲ ଖେଳୁଥିବାରୁ ତାଙ୍କୁ କିଛି ସମୟ କ୍ରିଜ୍‌ରେ ରହିବାର ଆବଶ୍ୟକତା ଥିଲା। ୮୬ତମ ଓଭରର ପ୍ରଥମ ବଲ୍‌ରେ ସିରାଜ ଘଣ୍ଟାପ୍ରତି ୧୪୩ କିଲୋମିଟର ବେଗରେ ୟର୍କର ପକାଇ ଆଟକିନସନଙ୍କୁ ବୋଲ୍ଡ କରିଦେଇଥିଲେ। ଏହି ଆଉଟ ସହ ସିରାଜ, ଜୁରେଲ ଓ ଭାରତୀୟ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ରୁଟ୍ ଓ ବ୍ରୁକଙ୍କ ଶତକ କିଛି କାମ ଦେଇ ନ ଥିଲା। ଭାରତ ପକ୍ଷରୁ ସିରାଜ ୫ଟି ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ୱିକେଟ ନେଇଥିଲେ। କିନ୍ତୁ ବ୍ରୁକ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ ଆକାଶଦୀପଙ୍କୁ ମିଳିଥିଲା। ପ୍ରଥମ ଇନିଂସରେ ମଧ୍ୟ ସିରାଜ ଓ ପ୍ରସିଦ୍ଧ ୪ଟି ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଯଶପ୍ରୀତ୍ ବୁମ୍‌ରା ଖେଳି ନ ଥିଲାବେଳେ ଭାରତୀୟ ଏକାଦଶରେ ସାମିଲ ଥିବା ଦୁଇ ସ୍ପିନ୍‌ର ଜାଡେଜା ଓ ସୁନ୍ଦର ଏହି ଇନିଂସରେ ୮ ଓଭର ଓ ମ୍ୟାଚ୍‌ରେ ୧୦ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ।




ସାହସିକ କ୍ରିସ୍ ଓକ୍ସ

## ସର୍ବନିମ୍ନ ବ୍ୟବଧାନରେ ଭାରତର ଟେଷ୍ଟ ବିଜୟ

ଓଭାଲ,୪।୮ (ଏଜେନ୍ସି): ଏଠାରେ ସୋମବାର ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ମ ମ୍ୟାଚ୍‌ରେ ଭାରତ ୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ଟେଷ୍ଟ କ୍ରିକେଟ ଇତିହାସରେ ଏହା ଭାରତର ସର୍ବନିମ୍ନ ରନ୍ ବ୍ୟବଧାନ ବା ସବୁଠାରୁ କମ୍ ରନ୍ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ କରିଛି। ଏହା ପୂର୍ବରୁ ଦଳ ୨୦୦୪ ୱାଙ୍ଖେଡେ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୧୩ ରନ୍‌ରେ ହରାଇ ସର୍ବନିମ୍ନ ରନ୍ ବ୍ୟବଧାନରେ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲେ। ଏହା ବ୍ୟତୀତ ୧୯୭୨ କୋଲକାତା ଟେଷ୍ଟରେ ଇଂଲଣ୍ଡକୁ ୨୮ ଓ ୨୦୧୮ ଆଡିଲେଡ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୩୧ ରନ୍‌ରେ ପରାସ୍ତ କରି କମ୍ ରନ୍ ବ୍ୟବଧାନରେ ବିଜୟୀ ହୋଇଥିଲା।

ତୃତୀୟ ସର୍ବନିମ୍ନ ପରାଜୟ: ଭାରତ ରେକର୍ଡ ବିଜୟ ହାସଲ କରିଥିଲେ ମଧ୍ୟ ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ତୃତୀୟ ସର୍ବନିମ୍ନ ରନ୍ ବ୍ୟବଧାନରେ ବିଜୟ। ପୂର୍ବରୁ ଦଳ ୨୦୨୩ ୱେଲିଂଟନ ଟେଷ୍ଟରେ ନ୍ୟୁଜିଲାଣ୍ଡଠାରୁ ୧ ରନ୍, ୧୯୦୨ ମାଞ୍ଚେଷ୍ଟର ଟେଷ୍ଟରେ ଅଷ୍ଟ୍ରେଲିଆଠାରୁ ୩ ରନ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଭାରତଠାରୁ ୬ ରନ୍‌ରେ ହାରିବା ମଧ୍ୟ ଦ୍ୱିତୀୟଥର। ପୂର୍ବରୁ ୧୮୮୫ ସିଡନୀ ଟେଷ୍ଟରେ ଅଷ୍ଟ୍ରେଲିଆ ନିକଟରୁ ଇଂଲଣ୍ଡ ୬ ରନ୍‌ରେ ହାରିଥିଲା।



**ସିରିଜ୍‌ରେ ରେକର୍ଡ** : ଭାରତ ଓ ଇଂଲଣ୍ଡ ଟେଷ୍ଟ ସିରିଜ୍ ରୋମାଞ୍ଚକ ହୋଇଥିଲା। ଟେଷ୍ଟ କ୍ରିକେଟ ଲାଗି ଏହା ଏକ ଉପଯୁକ୍ତ ଉଦାହରଣ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା ସିରିଜ୍‌ର ସମସ୍ତ ୫ଟି ଯାକ ଟେଷ୍ଟ ୫ ଦିନ ଯାଏ ଖେଳାଯାଇଛି। ୨୦୧୮ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆସେସ ସିରିଜ୍‌ରେ ଏହା ଶେଷଥର ହୋଇଥିଲା। ଏହି ସିରିଜ୍‌ରେ ଉଭୟ ଦଳର ବ୍ୟାଟିଂ ଦମ୍‌ଦାର ହୋଇଥିଲା ବେଳେ ମୋଟରେ ୭,୧୮୭ ରନ୍ ସଂଗୃହୀତ ହୋଇଛି। ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍ ସଂଗ୍ରହରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଏହି ସିରିଜ୍‌ରେ ମୋଟ ୧୪ଥର ଗୋଟିଏ ଇନିଂସରେ ୩୦୦ କିମ୍ବା ତା'ଠାରୁ ଅଧିକ ରନ୍ ହୋଇଛି। ଗୋଟିଏ ସିରିଜ୍‌ରେ ଏହା ଯୁଗ୍ମ ସର୍ବାଧିକ। ଏହି ସିରିଜ୍‌ରେ ସର୍ବାଧିକ ୯ ଜଣ ବ୍ୟାଟର ୪୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ସିରିଜ୍‌ରେ ଏହା ସର୍ବାଧିକ। ଏହି ସିରିଜ୍‌ରେ ମୋଟ ୫୦ଥର ଖେଳାଳିମାନେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ସିରିଜ୍‌ରେ ୨୧ଟି ବ୍ୟକ୍ତିଗତ ଶତକ ଓ ୧୯ଟି ସେଞ୍ଚୁରୀ ପାର୍ଟନରସିପ୍ ହୋଇଛି। ଗୋଟିଏ ସିରିଜ୍‌ରେ ଏହା ଯୁଗ୍ମ ପ୍ରଥମ ସ୍ଥାନରେ ରହିଛି।

## ଶୀର୍ଷରେ ଗିଲ୍ ଓ ସିରାଜ



ଲଣ୍ଡନ,୪।୮ (ଏଜେନ୍ସି): ଏଠାରେ ଆଜି ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତର ଦୁଇ ଖେଳାଳି ଶୁବମନ ଗିଲ୍ ବ୍ୟାଟିଂରେ ଓ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ବୋଲିଂରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଉଭୟ ଖେଳାଳି ସିରିଜ୍‌ରେ ସମସ୍ତ ୫ଟି ଯାକ ଟେଷ୍ଟ ଖେଳିଥିଲେ। ଗିଲ୍ ୫ଟି ଟେଷ୍ଟର ୧୦ଟି ଇନିଂସରେ ସର୍ବାôଧିକ ୭୫୪ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୪ଟି ଶତକ ହାସଲ କରିଛନ୍ତି। ଇନିଂସ ପ୍ରତି ୭୫.୪୦ ହାରରେ ସେ ଏହି ରନ୍ ସଂଗ୍ରହ କରିଥିଲାବେଳେ ୨୬୯ ରନ୍ ସର୍ବାଧିକ ହୋଇ ରହିଛି। ତାଙ୍କ ପଛକରୁ ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ୫ଟି ଟେଷ୍ଟର ୯ଟି ଇନିଂସରେ ୫୩୭ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି। ଭାରତର ଆଉ ୨ଜଣ ଖେଳାଳି ଲୋକେଶ ରାହୁଲ ୫୩୨ ଓ ରବୀନ୍ଦ୍ର ଜାଡେଜା ୫୧୬ ରନ୍ ସଂଗ୍ରହ କରିଥିଲେ। ହ୍ୟାରୀ ବ୍ରୁକ୍ ୪୮୧ ରନ୍ ୫ମ ସ୍ଥାନରେ ରହିଛନ୍ତି।

ବୋଲିଂରେ ମଧ୍ୟ ଜଣେ ଭାରତୀୟ ଖେଳାଳି ମହମ୍ମଦ୍ ସିରାଜ ସର୍ବାଧିକ ୨୩ଟି ୱିକେଟ ନେଇଛନ୍ତି। ଏଥିଲାଗି ସେ ସିରିଜ୍‌ରେ ସର୍ବାଧିକ ୧୧୧୩ଟି ବଲ ପକାଇ ରେକର୍ଡ କରିଛନ୍ତି। ସେ ଗୋଟିଏ ଇନିଂସରେ ୨ଥର ୫ ୱିକେଟ ନେଇଛନ୍ତି। କିନ୍ତୁ ୫ମ ଟେଷ୍ଟରେ ସେ ୯ଟି ୱିକେଟ ନେଇଥିଲେ ମଧ୍ୟ ଦ୍ୱିତୀୟ ଇନିଂସରେ ୫ଟି ୱିକେଟ ନେଇ ଭାରତର ଅନ୍ୟତମ ଶ୍ରେଷ୍ଠ ବିଜୟରେ ଶ୍ରେଷ୍ଠ ଖେଳାଳି ହୋଇଛନ୍ତି। ତାଙ୍କ ପଛକୁ ଇଂଲଣ୍ଡର ୨ଜଣ ବୋଲର ଜୋଶ ଟଙ୍ଗ ୩ଟି ମ୍ୟାଚ୍‌ରୁ ୧୯ଟି ଓ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ୧୭ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତର ଅନ୍ୟ ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମରା ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏଁ ଟେଷ୍ଟ ଖେଳି ୧୪ଟି ଲେଖାଏଁ ୱିକେଟ ନେଇଛନ୍ତି।



## ଶୁଭଙ୍କର ହେଲା ଗାଭାସ୍କରଙ୍କ ଧଳା ଜ୍ୟାକେଟ



ଲଣ୍ଡନ,୪।୮ (ଏଜେନ୍ସି): ଭାରତ ଯେଉଁଠାରେ କ୍ରିକେଟ ଖେଳିଲେ ମଧ୍ୟ କିମ୍ବଦନ୍ତୀ ଖେଳାଳି ସୁନୀଲ ଗାଭାସ୍କର ଖେଳ ଦେଖିବାକୁ ଯାଇଥାନ୍ତି। ଇଂଲଣ୍ଡରେ ସେ ଜଣେ ଟେଲିଭିଜନ ଭାଷ୍ୟକାର ଭାବେ ଉପସ୍ଥିତ ଥିଲେ। ଏହି ସମୟରେ ସେ ନିଜ ରେକର୍ଡ (ସିରିଜ୍‌ରେ ସର୍ବାଧିକ ରନ୍) ଭାଙ୍ଗିବାକୁ ଭାରତର ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଗୁଆ ଶୁଭେଚ୍ଛା ଜଣାଇଥିଲେ। ଜଣେ ଖେଳାଳିମାନେ ସିରିଜ୍‌ରେ ଗାଭାସ୍କରଙ୍କ ନାମରେ ଥିବା ସର୍ବାଧିକ ରନର ରେକର୍ଡ ଗିଲ ଭାଙ୍ଗିପାରି ନ ଥିଲେ। କିନ୍ତୁ ସେ ଦେଇଥିବା ପ୍ରତିଶ୍ରୁତି ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ପ୍ରସାରଣ ବେଳେ ସେ କହିଥିଲେ ମୋର (ଗାଭାସ୍କରଙ୍କ) ଲକି ଧଳା ଜ୍ୟାକେଟ ଭାରତରୁ ମଗାଇଛି। ଏହି ଜ୍ୟାକେଟ ପିନ୍ଧି ଏଠାରେ ଉପସ୍ଥିତ ରହିଲେ ଭାରତ ନିଶ୍ଚିତ ମ୍ୟାଚ୍ ଜିତିବ ବୋଲି ଗାଭାସ୍କର କହିଥିଲେ। ସୌଭାଗ୍ୟବଶତଃ ଗାଭାସ୍କର ମ୍ୟାଚ୍ ବେଳେ ତାଙ୍କ ଲକି ଜ୍ୟାକେଟ ପିନ୍ଧି ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଦିନ ଭାରତ ମଧ୍ୟ ମ୍ୟାଚ୍ ଜିତିଥିଲା। ଗାଭାସ୍କରଙ୍କ ଧଳା ଜ୍ୟାକେଟ ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଛି ବୋଲି ଏହି ମ୍ୟାଚ୍ ବିଜୟରୁ ଜଣାଯାଇଛି।

ଭାରତୀୟ ହକି ଦଳର ଅଷ୍ଟ୍ରେଲିଆ ଗସ୍ତ

## ଓଡ଼ିଶାରୁ ଅମିତ, ସଞ୍ଜୀପ ଓ ଶିଳାନନ୍ଦ

ନୂଆଦିଲ୍ଲୀ,୪।୮ (ଏଜେନ୍ସି)



ଏସିଆ କପ୍ ପୂର୍ବରୁ ଲଢ଼େଇ ଲାଗି ପ୍ରସ୍ତୁତ ହେବା ସକାଶେ ଏକ ୨୪ ଜଣିଆ ଭାରତୀୟ ହକି ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ଡିଫେଣ୍ଡର ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ ଓ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଅଗଷ୍ଟ ୧୫ରୁ ୨୧ ଯାଏ ଅଷ୍ଟ୍ରେଲିଆର ପର୍ଥରେ ଭାରତୀୟ ହକି ଦଳ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ଟୁର୍‌ରେ ନିଜର ଦକ୍ଷତା ଓ ଦୁର୍ବଳତା ପରୀକ୍ଷା କରିବା ପରେ ତାହାକୁ ସଜାଡି ନେଇ ଭାରତ ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଲାଗି ଏ ସବୁ ପ୍ରସ୍ତୁତି ବୋଲି ହେଡ୍ କୋଚ୍ କ୍ରେଗ୍ ଫୁଲଟନ କହିଛନ୍ତି। ଏସିଆ କପ୍ ଚାମ୍ପିଅନ ହେବା ଦଳ ସିଧାସଳଖ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ଟିକଟ ପାଇବ। ଅଗଷ୍ଟ ୮ରେ ଭାରତୀୟ ଦଳ ପର୍ଥ ଅଭିମୁଖେ ଯାତ୍ରା କରିବ।

## ଆଇଏସ୍‌ଏଲ ସିଇଓ-ଏଆଇଏଫ୍‌ଏଫ୍ ବୈଠକ ୭ରେ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲର ଆୟୋଜନ ଯେପରି ଜାରି ରୁହେ ସେଥିଲାଗି ଅଗଷ୍ଟ ୭ରେ ଏଥିରେ ସାମିଲ ଥିବା ଫ୍ରାଞ୍ଚାଇଜ୍‌ଗୁଡ଼ିକର ସିଇଓ ଏବଂ ସର୍ବଭାରତୀୟ ଫୁଟବଲ ମହାସଂଘ ମଧ୍ୟରେ ବୈଠକ ଆସନ୍ତା ୭ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ କିପରି ଆୟୋଜିତ ହେବ ସେଥିଲାଗି ଉଭୟ ପକ୍ଷ ଆଲୋଚନା କରିବେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିଃ ପକ୍ଷରୁ ୨୦୨୫-୨୬ ଆଇଏସ୍‌ଏଲ ସ୍ଥଗିତ ରହିଲା ବୋଲି କହିଥିଲା। କିନ୍ତୁ ଏହାକୁ ଆୟୋଜନ କରିବାକୁ ଏଆଇଏଫ୍‌ଏଫ୍ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବ ବୋଲି ଘୋଷଣା କରିଥିଲା। ଏହା ସତ୍ତ୍ୱେ ଆଇଏସ୍‌ଏଲ୍‌ର ଆୟୋଜନ ନେଇ ଅନିଶ୍ଚିତତା ରହିବାରୁ ପ୍ରଥମ ଫ୍ରାଞ୍ଚାଇଜ୍ ଭାବେ ଓଡ଼ିଶା ଏଫ୍‌ସି ଖେଳାଳି ଓ କର୍ମକର୍ତ୍ତାଙ୍କ ସହ କରିଥିବା ଚୁକ୍ତିକୁ ବାତିଲ କରିଦେଇଛି।

## ଏସୀୟ ଜୁନିଅର କାଂସ୍ୟ ବିଜେତା ଶ୍ୱେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର,୪।୮ (ସମିସ): ଏସୀୟ ଜୁନିଅର ୪୮ କିଲୋଗ୍ରାମ୍ ଶ୍ରେଣୀରେ କାଂସ୍ୟ ପଦକ ବିଜେତା ଶ୍ୱେତାରାଣୀ ମହାନ୍ତଙ୍କୁ କେନ୍ଦୁଝରଠାରେ ଅନୁଷ୍ଠିତ ସାହାଣୀ କପ୍ ଫୁଟବଲ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲରେ ଶ୍ୱେତା ପ୍ରଶିକ୍ଷଣ ନେଉଛନ୍ତି। ଏହି ସମ୍ବର୍ଦ୍ଧନା ପାଇବା ପରେ ଆନନ୍ଦିତ ଶ୍ୱେତା ଜିନ୍ଦଲ ଫାଉଣ୍ଡେସନ ଓ ଏହାର ଅଧକ୍ଷ ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗ୍ରାମୀଣ କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରରେ ପ୍ରତିଷ୍ଠା କରାଇବା ଆମର ଲକ୍ଷ୍ୟ ବୋଲି ଶ୍ରୀମତୀ ଜିନ୍ଦଲ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS